




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୫ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 FEBRUARY 2023
Vol.No. 34 ■ No. 53 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ୨.୩ ଲକ୍ଷ କୋଟି ଟଙ୍କାର ବାର୍ଷିକ ବଜେଟ୍ ଉପସ୍ଥାପନ କଲେ ଅର୍ଥମନ୍ତ୍ରୀ

ଭୁବନେଶ୍ୱର,୨୪/୦୨ (ନି.ପ୍ର): ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ନିରଂଜନ ପୂଜାରୀ ଶୁକ୍ରବାର ୨୦୨୩-୨୪ ଆର୍ଥିକ ବର୍ଷ ଲାଗି ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ୍ ବିଧାନସଭାରେ ଉପସ୍ଥାପନ କରିଛନ୍ତି । ଏହା ମଧ୍ୟରୁ କାର୍ଯ୍ୟକ୍ରମ ବ୍ୟୟ ବରାଦ ବାବଦକୁ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ରଖାଯାଇଛି । କାର୍ଯ୍ୟକ୍ରମ ବ୍ୟୟ ବରାଦ ମୋଟ୍ ବଜେଟ୍ ର ୫୪ ପ୍ରତିଶତ ଅଟେ । ସେହିପରି ପ୍ରଶାସନିକ ବ୍ୟୟକୁ ୯୪ ହଜାର କୋଟି ଟଙ୍କାରେ ସୀମିତ ରଖାଯାଇଛି । ପ୍ରଶାସନିକ ବ୍ୟୟ ବରାଦ ମଧ୍ୟରେ ଦରମା ପାଇଁ ୩୨ ହଜାର ୪୪୯ କୋଟି ଟଙ୍କା ରହିଥିବା ବେଳେ ପେନସନ୍ ପାଇଁ ୧୯ ହଜାର ୯୬୭ କୋଟି ଟଙ୍କା, ସୁଧ ଦେୟ ବାବଦକୁ ୭ ହଜାର



୨୪୧ କୋଟି ଠଙ୍କା ଏବଂ ପୁଂଜି ସମ୍ପତିର ରକ୍ଷଣାବେକ୍ଷଣା ପାଇଁ ୧୩ ହଜାର ୪୬୪ କୋଟି ଟଙ୍କା ରହିଛି । ଏହା ବ୍ୟତୀତ ଡିଜାଷ୍ଟର ରେସପନ୍ସ ଫଣ୍ଡ ପାଇଁ ବ୍ୟୟବରାଦର ପରିମାଣ ୩ ହଜାର ୭୦୦ କୋଟି ଟଙ୍କା ହେବ । ରାଜ୍ୟର ଗ୍ରାମୀଣ ଓ ସହରାଂଚଳ ସ୍ଥାନୀୟ ନିକାୟ ସଂସ୍ଥାକୁ ପଂଚଦଶ ଅର୍ଥ କମିଶନଙ୍କ ସୁପାରିଶ ଆଧାରରେ ପ୍ରାୟ ୩ ହଜାର ୧୩୨ କୋଟି ଟଙ୍କା ଏବଂ ପଂଚମ ରାଜ୍ୟ ଅର୍ଥ କମିଶନଙ୍କର ସୁପାରିଶ ଆଧାରରେ ପ୍ରାୟ ୪ ହଜାର ୫୨ କୋଟି ଟଙ୍କା ହସ୍ତାନ୍ତର କରିବାକୁ ପ୍ରସ୍ତାବ ରହିଛି । ୨୦୨୩-୨୪ ଆର୍ଥିକ ବର୍ଷର ପୁଂଜିବ୍ୟୟ ଅଟକଳ ହେଉଛି ▶▶ପୃଷ୍ଠା ୭

## ହନିଟ୍ରାପରେ ପଡ଼ି ଆଇଟିଆର ଅଧିକାରୀ ଗିରଫ

### ଅଶ୍ଳୀଳ ଫଟୋ-ଭିଡିଓ ପାଇଁ ପାକିସ୍ତାନକୁ ଦେଉଥିଲେ ଗୁପ୍ତତଥ୍ୟ

ବାଲେଶ୍ୱର, ୨୪/୦୨ (ନି.ପ୍ର): ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ବିଭାଗର ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ପୁଣି ଚୋରି ହୋଇଛି ଗୁପ୍ତତଥ୍ୟ। ପୂର୍ବରୁ ଏଥିରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ଅର୍ଥ ଲୋଭରେ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନର ଗୋଇନ୍ଦା ସଂସ୍ଥା ଏଜେଣ୍ଟଙ୍କୁ ତଥ୍ୟ ପ୍ରଦାନ କରିଥିବା ବେଳେ ଏଥର ଆଇଟିଆରର ବରିଷ୍ଠ ଅଧିକାରୀଙ୍କ ସମ୍ପୃକ୍ତି ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ପାକିସ୍ତାନର ରାଉଲପିଣ୍ଡି ମହିଳାଙ୍କ ହନିଟ୍ରାପରେ ଶିକାର ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହସ୍ତାନ୍ତର କରିଥିବା ଆଇଟିଆର ଜଣେ ବରିଷ୍ଠ ଅଧିକାରୀ (ଟେକ୍ନିକାଲ)ଙ୍କୁ ପୁଲିସ ଗିରଫ କରିଥିବା ପୂର୍ବାଞ୍ଚଳ ଜୋନ ଆରକ୍ଷୀ ମହାନିରୀକ୍ଷକ (ଆଇଜି)



ହିମାଂଶୁ ଲାଲ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶୁକ୍ରବାର ସୂଚନା ଦେଇଛନ୍ତି। ଏହି ଘଟଣାରେ ଜଣକୁ ଗିରଫ କରାଯାଇଥିବା ବେଳେ ପୁଲିସ ପକ୍ଷରୁ ଆଇଟିଆରର ଏକାଧିକ ଅଧିକାରୀ ଓ କର୍ମଚାରୀଙ୍କୁ ପଚରାଉଚୁରା। ଚାଲିଥିବା ସେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଏକାଧିକ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ରହିବା ନେଇ ସନ୍ଦେହ ଦେଖାଦେଇଥିବା ବେଳେ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କାରେ ଗିରଫ ଅଭିଯୁକ୍ତ ଅଧିକାରୀଙ୍କ ନାମ ଆଇଜି ହିମାଂଶୁ ଲାଲ କିମ୍ବା ଏସପି ସାଗରିକା ନାଥ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିନଥିଲେ। ଗିରଫ ଅଭିଯୁକ୍ତଠାରୁ କେବଳ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଥିବା ବେଳେ ଏନେଇ ଚାନ୍ଦିପୁର ଥାନା ଏସଆଇ ଚନ୍ଦ୍ରଶେଖର ମହାନ୍ତିଙ୍କ ଏତଲା ମୂଳେ୨୫/୨୪.୨.୨୦୨୩ ନଂରେ ତଥା ୧୨୦ଏ, ୧୨୦ବି, ୩୪ ଆଇପିସି ଓ ବିଭାଗୀୟ ଗୁପ୍ତ ତଥ୍ୟ ଦଫା ୨/୩/୪ର ମାମଲା ରୁଜୁ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତ ଅଧିକାରୀ ଜଣକ ପାକିସ୍ତାନ ଗୋଇନ୍ଦା ସଂସ୍ଥାର ମହିଳା ଏଜେଣ୍ଟଙ୍କ ସହ ପ୍ରାୟ ବର୍ଷେରୁ ଅଧିକ କାଳଧରି ଲିଙ୍କରେ ଥିଲେ। ସମ୍ପୃକ୍ତ ମହିଳା ଏଜେଣ୍ଟଙ୍କ ଅଶ୍ଳୀଳ ଫଟୋ ▶▶ପୃଷ୍ଠା ୭

## ରାଜ୍ୟ ବଜେଟ ନୈରାଶ୍ୟଜନକ : କଂଗ୍ରେସ

ଭୁବନେଶ୍ୱର,୨୪/୦୨ (ନି.ପ୍ର): ଆଜି ବିଧାନସଭାରେ ଆଗତ ହୋଇଥିବା ବଜେଟ ଓଡିଶାବାସୀଙ୍କୁ ନିରାଶ କରିଛି । ଲୋକେ ସମ୍ମୁଖୀନ ହେଉଥିବା ଅର୍ଥନୈତିକ ଦୁସ୍ଥିତିର ଉପଶମ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଆଶା କରାଯାଉଥିଲା ଟୋକନ ପାଇଥିବା ଚାଷୀମାନଙ୍କଠାରୁ ସମସ୍ତ ଧାନ କିଣିବାର ଘୋଷଣା ହେବ ଓ କାଳିଆ ଯୋଜନାର ରାଶି ୪ ହଜାରରୁ ବୃଦ୍ଧିହେବ। ପିସିସି ମିଡ଼ିଆ ଓ ଗଣ ଯୋଗାଯୋଗ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଯେ ଆଶା କରାଯାଉଥିବା ମହଙ୍ଗା ମାଡ଼କୁ ବିଚାରକୁ ନେଇ ସାମାଜିକ ନିରାପତା ଦୃଷ୍ଟିରୁ ରାଜ୍ୟର ପ୍ରାୟ ୫୦ଲକ୍ଷ ବାର୍ଦ୍ଧକ୍ୟ, ଅକର୍ମଣ୍ୟ ଓ ବିଧବା ଭତା ପାଉଥିବା ଅସହାୟ ଲୋକଙ୍କ ପ୍ରତି ନ୍ୟାୟ ପ୍ରଦାନ କରି ଭତା ରାଶି ବୃଦ୍ଧି କରାଯିବ। ତାହା ହେଲା ନାହିଁ। ତୃତୀୟରେ ଉକ୍ରଟ ବେକାରୀ ସମସ୍ୟା ହେତୁ ଖାଲିପଡିଥିବା ସମସ୍ତ ସରକାରୀ ପଦବୀ ପୂରଣ କରାଯିବାର ଘୋଷଣା ହେବ କିନ୍ତୁ ପରିତାପର ବିଷୟ ତାହା ମଧ ହେଲା ନାହିଁ। ସୁତରାଂ ଯେଉଁ ବଜେଟ ଚାଷୀଙ୍କୁ ଉପେକ୍ଷା କରେ, ଯେଉଁ ବଜେଟ ସାମାଜିକ ନିରାପତାକୁ ଅଣଦେଖା କରେ ଓ ଯେଉଁ ବଜେଟ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ନିଯୁକ୍ତି ସଂକଟକୁ ହେୟଜ୍ଞାନ କରେ ସେ ବଜେଟ ଜନସାଧାରଣଙ୍କ ହିତରେ ନୁହେଁ।

## ମେଘାଳୟରେ ମୋଦୀଙ୍କ ପ୍ରଚାର

ନୂଆଦିଲ୍ଲୀ,୨୪/୦୨ : ମେଘାଳୟ ଓ ନାଗାଲାଣ୍ଡ ପାଇଁ ଆସନ୍ତାକାଲି ପ୍ରଚାରର ଶେଷ ଦିନ । ତେବେ ଶେଷ ଦିନ ପୂର୍ବରୁ ଏହି ଦୁଇ ନିର୍ବାଚନୀ ରାଜ୍ୟରେ ପହଞ୍ଚି ପ୍ରଚାର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଥମେ ନାଗାଲାଣ୍ଡର ଦିମାପୁରରେ ପହଞ୍ଚି ପ୍ରଚାର କରିଥିଲେ । ସେଠାରେ ପାରମ୍ପରିକ ବେଶରେ ନଜର ଆସିଥିଲେ ମୋଦୀ । ନାଗାଲାଣ୍ଡର ଚୁମୁକେଦିମାରେ ରାଲିକୁ ସମ୍ବୋଧିତ ବେଳେ ବିପକ୍ଷ ଦଳକୁ ଟାର୍ଗେଟ କରି ବର୍ଷିଥିଲେ । ଏଠାରେ ଜନସଭାକୁ ସମ୍ବୋଧିତ କରି ମୋଦୀ କହିଛନ୍ତି, ରିମୋଟ କଂଟ୍ରୋଲ ଜରିଆରେ ନାଗାଲାଣ୍ଡ ସରକାର ଚଲାଉଥିଲା । ସରକାରଙ୍କ ଟଙ୍କା



ଲୋକଙ୍କ ନିକଟରେ ପହଞ୍ଚିବା ପରିବର୍ତେ ଦୁର୍ନୀତିଗ୍ରସ୍ତ ଦଳର ନେତାଙ୍କ ନିକଟରେ ପହଞ୍ଚୁଥିଲା । ଦିଲ୍ଲୀରୁ ଦିମାପୁର ପର୍ଯ୍ୟନ୍ତ ସେମାନେ ପାରିବାରିକତାକୁ ପ୍ରାଧାନ୍ୟ ବଢାଇଥିଲେ । ହେଲେ ଏବେ ନାଗାଲାଣ୍ଡବାସୀ ବିଜେପି ଉପରେ ଆସ୍ଥା ରଖୁଛନ୍ତି । ନାଗାଲାଣ୍ଡରେ ରୋଡ ଶୋ ସାରିବା ପରେ ପ୍ରଧାନମନ୍ତ୍ରୀ ମେଘାଳୟର ଶିଲଂରେ ପହଞ୍ଚିଥିଲେ । ନିର୍ବାଚନୀ ପ୍ରଚାର ମାଧ୍ୟମରେ ଏହି ରାଜ୍ୟରେ ବିଜେପି ନିଜ ଶକ୍ତି ଦେଖାଇଛି । ପ୍ରଧାନମନ୍ତ୍ରୀଙ୍କ ▶▶ପୃଷ୍ଠା ୭

## କଂଗ୍ରେସ କାର୍ଯ୍ୟସମିତି ନିର୍ବାଚନ ସ୍ଥଗିତ, ସଦସ୍ୟ ମନୋନୀତ କରିବେ ମଲ୍ଲିକାର୍ଜୁନ ଖଡଗେ

ନୂଆଦିଲ୍ଲୀ,୨୪/୦୨ : କଂଗ୍ରେସ ସଂଚାଳନ ସମିତି ତରଫରୁ ଶୁକ୍ରବାର ଦିନ ସର୍ବସମ୍ମତି କ୍ରମେ ବଡ ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତି ମୁତାବକ କଂଗ୍ରେସ କାର୍ଯ୍ୟସମିତି ନିର୍ବାଚନକୁ ସ୍ଥଗିତ ରଖାଯାଇଛି । ନିର୍ବାଚନ ପରିବର୍ତ୍ତେ ମଲ୍ଲିକାର୍ଜୁନ ଖଡଗେ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ କରିବେ ବୋଲି କୁହାଯାଇଛି । କଂଗ୍ରେସ ମହାସଚିବ ଜୟରାମ ରମେଶ ଏନେଇ ସୂଚନା ଦେଇ କହିଛନ୍ତି କି, ସଂଚାଳନ ସମିତି ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି କି, କଂଗ୍ରେସ ଅଧ୍ୟକ୍ଷଙ୍କ କ୍ଷମତାରେ ରହିବ କାର୍ଯ୍ୟକାରୀ ସଦସ୍ୟ ଚୟନ । ଜୟରାମ ରମେଶ କହିଛନ୍ତି କି, ଆମେ କଂଗ୍ରେସ ସମ୍ବିଧାନର ସଂଶୋଧନ କରିଛୁ । ଏହି କ୍ରମରେ ଦୁର୍ବଳ ବର୍ଗ, ଅନୁସୂଚିତ ଜାତି, ଜନଜାତି, ଓବିସି, ମହିଳା, ଯୁବକ ଓ ଅଳ୍ପସଂଖ୍ୟକ ସମୁଦାୟ ପାଇଁ ପ୍ରତିନିଧିତ୍ୱ ସୁରକ୍ଷିତ କରିବାକୁ ପ୍ରାବଧାନ କରାଯିବ । ସେପଟେ କଂଗ୍ରେସ ସମ୍ବିଧାନରେ କାର୍ଯ୍ୟକାରୀ ସଦସ୍ୟ ମନୋନୀତ କରିବା ପାଇଁ ଅଧ୍ୟକ୍ଷଙ୍କ କ୍ଷମତା ଦେବାର ପ୍ରାବଧାନ





ରହିଥିବା କଥା ରମେଶ କହିଛନ୍ତି । କହିରଖୁ କି କଂଗ୍ରେସ କାର୍ଯ୍ୟକାରିଣୀରେ ମୋଟ ୨୫ ଜଣ ସଦସ୍ୟ ରହିଥାନ୍ତି । ଏହା ମଧ୍ୟରୁ ୧୨ ଜଣ ସଦସ୍ୟଙ୍କ ପାଇଁ ନିର୍ବାଚନ ହୋଇଥାଏ ଓ ୧୧ ଜଣ ସଦସ୍ୟଙ୍କୁ ଦଳର ଅଧକ୍ଷ ମନୋନୀତ କରିଥାନ୍ତି । କଂଗ୍ରେସ ଅଧକ୍ଷ ଓ ସଂସଦୀୟ ଦଳର ନେତା କଂଗ୍ରେସ କାର୍ଯ୍ୟକାରିଣୀର ସଦସ୍ୟ ରହିବାର ପ୍ରାବଧାନ ମଧ୍ୟ ରହିଛି । କଂଗ୍ରେସର ୮୫ ତମ ପୂର୍ଣ୍ଣ ଅଧିବେଶନ ଆଜିଠାରୁ ଆରମ୍ଭ ହେବାକୁ ଯାଉଛି । ଏହା ଛତିଶଗଡର ରାୟପୁରରେ ଅନୁଷ୍ଠିତ ହେଉଛି । ଏହି ବୈଠକରେ ଦଳର କାର୍ଯ୍ୟକାରିଣୀ ସଦସ୍ୟ ନିର୍ବାଚନ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ବୋଲି କୁହାଯାଉଥିବା ବେଳେ ଏହି ଆଲୋଚନାରେ ଗାନ୍ଧୀ ପରିବାରରୁ କେହି ଭାଗ ନେବେ ନାହିଁ ବୋଲି ସୂଚନା ରହିଛି । ସୂତ୍ର ସୂଚନା ମୁତାବକ ଏହି ଆଲୋଚନାରେ ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ କି ରାହୁଲ ଗାନ୍ଧୀ ଭାଗନେବେ ନାହିଁ । ଏହି ବୈଠକରେ ଦଳର ଶୀର୍ଷ କାର୍ଯ୍ୟକାରିଣୀ କମିଟି ନିର୍ବାଚନ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ । ଏଭଳି ନିଷ୍ପତ୍ତି ପଛରେ ଥିବା କାରଣ ମଧ୍ୟରୁ ଗୋଟିଏ କାରଣ ହେଉଛି ଅନେକ ବିରୋଧୀ ଦଳର ନେତା ଓ କଂଗ୍ରେସ ନେତା ମଧ କଟାକ୍ଷ କରୁଛନ୍ତି କି ଅଧକ୍ଷପଦ ସିନା ମଲ୍ଲିକାର୍ଜୁନ ଖଡଗେଙ୍କୁ ମିଳିଲା ହେଲେ ଦଳର ସମସ୍ତ ନିଷ୍ପତ୍ତି ଗାନ୍ଧୀ ପରିବାର ହାତରେ ରହିଛି । ଏହାକୁ ଦୃଷ୍ଟିରେ ରଖି ଗାନ୍ଧୀ ପରିବାର ଦଳର ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଖଡଗେ ହାତରେ ଦେବାକୁ ଚାହୁଁଛନ୍ତି । ହେଲେ ଅନ୍ୟ ସମସ୍ତ ଆଲୋଚନାରେ ଗାନ୍ଧୀ ପରିବାର ସାମିଲ ହେବେ ବୋଲି ଜଣାପଡିଛି ।

## ୧୫୦ ଆକାଉଣ୍ଟରୁ ଚାଲୁଥିଲା ଠକେଇ, ଧରିଲା କ୍ରାଇମବ୍ରାଞ୍ଚ

ନୂଆଦିଲ୍ଲୀ,୨୪/୦୨ : କ୍ରାଇମବ୍ରାଞ୍ଚ କବଜାରେ ଅନଲାଇନ ବେଟିଂ ଚିଟଫଣ୍ଡ ଠକ । ଚୀନରେ କମ୍ପାନୀ ରେଜିଷ୍ଟ୍ରେସନ, ଦୁବାଇରୁ ହେଉଥିଲା ଅପରେସନ । ୨ ଜଣ ଠକଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧିକ ଶାଖା । ଦୁଇ ଅଭିଯୁକ୍ତ ହେଲେ ରୁସ୍ତମ ଖାନ ଓ ମହମଦ ହାକିମ । ଉଭୟଙ୍କ ଘର ପଶ୍ଚିମବଙ୍ଗ ଅଂଚଳରେ । ୧୫୦ ଆକାଉଣ୍ଟରେ ଏହି ରାକେଟ ଅପରେଟ ହେଉଥିଲା । ଏବେସୁଦ୍ଧା ୧୭ଟି ଆକାଉଣ୍ଟକୁ ଠାବ କରିଛି କ୍ରାଇମବ୍ରାଞ୍ଚ । ଯେଉଁଥିରୁ ୧୦୮ କୋଟି ଟଙ୍କା



ଠାବ କରାଯାଇଛି । ଗିରଫ ପରେ ୨ ଅଭିଯୁକ୍ତଙ୍କୁ ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟରେ ହଜାର କରାଯାଇ ୫ ଦିନିଆ ଟ୍ରାନଜିଟ ରିମାଣ୍ଡରେ ଅଣାଯାଉଛି । ପରେ ଉଭୟଙ୍କୁ ବ୍ରହ୍ମପୁର ଓ.ପି.ଆଇ.ଡି କୋର୍ଟରେ ହାଜର କରାଯିବ । ଏବେ ଏହି ଘଟଣାକୁ ନେଇ ଇଓଡବ୍ଲ୍ୟୁ ଇଣ୍ଟରପୁଲର ସହାୟତା ଲୋଡ଼ିଛି ।

## ଲୋକଙ୍କ ବଜେଟ୍ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୪/୦୨ (ନି.ପ୍ର): ୨୦୨୩-୨୪ ବଜେଟ୍ ଲୋକଙ୍କ ବଜେଟ୍ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ଦିନ ବିଧାନସଭାରେ ଉପସ୍ଥାପିତ ରାଜ୍ୟ ବଜେଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସେ କହିଛନ୍ତି ଯେ ଏହି ବଜେଟ ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ଓ ଲୋକଙ୍କ ବଜେଟ। ଏହା ଓଡ଼ିଶାକୁ ନୂଆ ଉଚ୍ଚତାକୁ ନେଇଯିବ। ଏହା ଲୋକଙ୍କ ବଜେଟ ବୋଲି ସେ କହିଛନ୍ତି।

## ୩ ରୁ ୫ ଡ଼ିଗ୍ରୀ ଯାଏଁ ବଢିବ ତାପମାତ୍ରା

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ଆଗାମୀ ୫ଦିନ ମଧ୍ୟରେ କିଛି କିଛି ସ୍ଥାନରେ ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୫ ଡ଼ିଗ୍ରୀ ଯାଏଁ ବୃଦ୍ଧି ପାଇପାରେ। ଫେବୃଆରୀ ଶେଷ ଏବଂ ମାର୍ଚ୍ଚ ପହିଲା ପରଠୁ ତାପମାତ୍ରାରେ ବୃଦ୍ଧି ଘଟିବା ନେଇ ଆକଳନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଓଡିଶା ଉପକୂଳ ନିକଟସ୍ଥ ବଙ୍ଗୋପସାଗର ଅଂଚଳରେ ସକ୍ରିୟ ଗୁରୁଚାପ ହେତୁ ଆଗାମୀ ୫ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରା ରେ ବିଶେଷ ପରିବର୍ତନ ର ସମ୍ଭାବନା ନାହିଁ । କିନ୍ତୁ କିଛି କିଛି ସ୍ଥାନରେ ଦିନ ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୫ ଡ଼ିଗ୍ରୀ ଯାଏଁ ଅଧିକ ରହିବା ସମ୍ଭାବନା ରହିଛି। ଅପରପକ୍ଷରେ ଆଜି (ଶୁକ୍ରବାର) ଦିନ ୨.୩୦ ସୁଦ୍ଧା ରାଜଧାନୀ ଭୁବନେଶ୍ୱର ରେ ୩୭ଡ଼ିଗ୍ରୀ ଦିନ ତାପମାତ୍ରା ରେକର୍ଡ କରାଯାଇଛି।

## ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ ବୀରେନ୍ଦ୍ର ଲାକ୍ରାଙ୍କୁ କ୍ଲିନଚିଟ୍

ଭୁବନେଶ୍ୱର,୨୪/୦୨ (ନି.ପ୍ର): ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ ହକି ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କୁ କ୍ଲିନଚିଟ୍ ମିଳିଛି। ଏହି ମାମଲାରେ ଆଜି କମିଶନରେଟ୍ ପୋଲିସ୍ ପକ୍ଷରୁ କୋର୍ଟରେ ଫାଇନାଲ ରିପୋର୍ଟ ଦାଖଲ କରାଯାଇଛି। ଆନନ୍ଦଙ୍କ ମୃତ୍ୟୁ ଆତ୍ମହତ୍ୟା ଜନିତ ବୋଲି କମିଶନରେଟ ପୋଲିସ୍ କୋର୍ଟକୁ ଜଣାଇଛି। ତଦନ୍ତ ବେଳେ ମିଳିଥିବା ସମସ୍ତ ପ୍ରମାଣ ସହିତ ଶବ ବ୍ୟବଚ୍ଛେଦ ଓ ଭିସେରା ରିପୋର୍ଟ ଆଧାରରେ ଏହାକୁ ଆତ୍ମହତ୍ୟା କହିଛି ପୋଲିସ୍। ଆନନ୍ଦ ଟପ୍ପୋ ବେକରେ ଫାଶୀ ଦେଇ ଝୁଲିପଡ଼ିଥିଲେ ବୋଲି ପୁଲିସ୍ କହିଛି। ମୃତ୍ୟୁ ପୂର୍ବରୁ ଆନନ୍ଦ ଟପ୍ପୋ ମଦ ପିଇଥିଲେ। ତେବେ ତାଙ୍କୁ ବଳପୂର୍ବକ ମଦ ପିଆଯାଇ ନଥିଲା । ଆନନ୍ଦଙ୍କ ମୃତ୍ୟୁ ପଛରେ କୌଣସି ଅପରାଧିକ ଦିଗ ନଥିବା ପୋଲିସ୍ ସ୍ପଷ୍ଟ କରିଛି। ସୂଚନାଯୋଗ୍ୟ ଯେ ଗତବର୍ଷ ଫେବୃଆରୀ ୨୮ ତାରିଖ ରେ ଭୁବନେଶ୍ୱରର ଇନଫୋସିଟି ଥାନା ଅନ୍ତର୍ଗତ ଏକ ଆପାର୍ଟମେଟର ଫ୍ଲାଟ୍ ନମ୍ବର ୪୦୧ରେ ବେକରେ ଶାଢ଼ୀ ଲଗାଇ ଆନନ୍ଦ ଆତ୍ମହତ୍ୟା କରିଥିଲେ। ଘଟଣା ସମ୍ପର୍କରେ ହକି ଷ୍ଟାର ବୀରେନ୍ଦ୍ର ଫୋନ୍ କରି ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କୁ ସୂଚନା ଦେଇଥିଲେ। ଏହା ପରେ ଆନନ୍ଦଙ୍କ ବାପା ବନ୍ଧନ ଭୁବନେଶ୍ୱରରେ ଆସିଥିଲେ। ଆନନ୍ଦଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିବା ତାଙ୍କ ବାପା ଅଭିଯୋଗ କରିଥିଲେ। ଏଥିରେ ବୀରେନ୍ଦ୍ର ଲାକ୍ରାଙ୍କ ସହିତ ଆନନ୍ଦଙ୍କ ବାନ୍ଧବୀ ▶▶ପୃଷ୍ଠା ୭

## ଆମ ହସପିଟାଲ ନାମକ ଏକ ନୂତନ ଯୋଜନା ଆରମ୍ଭ ହେବ

ଭୁବନେଶ୍ୱର,୨୪/୦୨ (ନି.ପ୍ର): ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମ ହସପିଟାଲ ନାମକ ଏକ ନୂତନ ଯୋଜନା ଆରମ୍ଭ କରିବାକୁ ଅର୍ଥ ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି । ସେ କହିଛନ୍ତି ଯେ ଏଥି ପାଇଁ ୭ ଶହ ୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏକ ବର୍ଷର ରେକର୍ଡ ଅବଧି ମଧ୍ୟରେ ୧ ଶହ ୪୭ଟି ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୂପାନ୍ତରିତ କରିବାକୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖା ଯାଇଛି । ଏହି ଯୋଜନାରେ ସ୍ୱାସ୍ଥ୍ୟ ଭିତିଭୂମି, ରୋଗୀ ମାନଙ୍କୁ ମୌଳିକ ସୁବିଧା ସୁଯୋଗ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ସ୍ୱାସ୍ଥ୍ୟ ସେବାର ଉନ୍ନତିକରଣ କରାଯିବ । ସ୍ୱାସ୍ଥ୍ୟ ମନ୍ତ୍ରୀ ତାଙ୍କର ବଜେଟ ଅଭିଭାଷଣରେ କହିଛନ୍ତି ଯେ ୨୦୨୩-୨୪ରେ ଜନସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇଛନ୍ତି। ସ୍ୱାସ୍ଥ୍ୟ ସେବା ପାଇଁ ୧୬ ହଜାର ୪୮ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଗତ ଆର୍ଥିକ ବର୍ଷର ତୁଳନାରେ ଏଥର ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ଫୋକସରେ ରଖିଛନ୍ତି। ଗତ ଆର୍ଥିକ ବର୍ଷ ତୁଳନାରେ ୨୭ ପ୍ରତିଶତ ଅଧିକ ବଜେଟ୍ ଜନସ୍ୱାସ୍ଥ୍ୟ ସେବାକୁ ମିଳିଛି । ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ୨୦୨୩-୨୪ ବର୍ଷ ସ୍ୱାସ୍ଥ୍ୟ କ୍ଷେତ୍ରକୁ ପ୍ରାୟ ୩ ଗୁଣ ଅଧିକ ବଜେଟ୍ ମିଳିଛି। ଅର୍ମଥନ୍ତ୍ରୀ କହିଛନ୍ତି ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବ୍ୟୟବରାଦ ହୋଇଥିବା ଟଙ୍କାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରଶାସନିକ ବ୍ୟୟବରାଦ ବାବଦରେ ୩ ହଜାର ୭୨୫ କୋଟି ଟଙ୍କା ଓ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୨ ହଜାର ୩୧ କୋଟି ଟଙ୍କା ଖର୍ଚ୍ଚ ହେବ। ସେ କହିଛନ୍ତି ଯେ ରାଜ୍ୟ ଯୋଜନା ଅଧୀନରେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନରେ ଭିତିଭୂମିର ବିକାଶ ପାଇଁ ୩ ହଜାର ୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ ଏସସିବିର ପୁନଃବିକାଶ ପାଇଁ ୧ ହଜାର ୪ ଶହ କୋଟି ଟଙ୍କା ରହିଛି । ଅନ୍ୟପଟେ ୧୦୮ ଆମ୍ବୁଲାନ୍ସ ସେବା ପାଇଁ ଚଳିତ ବଜେଟରେ ୨ ଶହ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ବଜେଟରେ ଜନସାଧାରଣଙ୍କୁ କେମୋଥେରାପି, ଅଙ୍କୋ ସର୍ଜରୀ, ରେଡିଓଥେରାପି ଓ ପୀଡା ଉପଶମକାରୀ କର୍କଟରୋଗର ଚିକିତ୍ସା ପାଇଁ ୩ଟି ପର୍ଯ୍ୟାୟରେ ୧୧ଟି କେନ୍ଦ୍ର ପ୍ରତିଷ୍ଠା ହେବ। ଏଥିପାଇଁ ବଜେଟରେ ୧ ହଜାର ୪୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି କର୍କଟ ଚିକିତ୍ସା କେନ୍ଦ୍ର ପାଇଁ ୨୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ପିଏମ୍-ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ମିଶନ ପାଇଁ ୩ ଶହ ୩୮ କୋଟି ଟଙ୍କା ଖର୍ଚ୍ଚ ହେବ।

# ମୋଦି ଆଦାନୀ କେଲେଙ୍କାରୀକୁ ନେଇ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ମୋଦି ଏବଂ ଆଦାନୀ ଦୁର୍ନୀତି ପ୍ରତିବାଦରେ ଆଗାମୀ ମାର୍ଚ୍ଚ ୬ ରୁ ୧୦ ତାରିଖ ମଧ୍ୟରେ ଜିଲ୍ଲାର ପ୍ରତି ବ୍ଲକ ଓ ନଗରାଂଚଳର ସରକାରୀ ବ୍ୟାଙ୍କ କିମ୍ବା ଏଲଆଇସି ଅଫିସ ସାମ୍ନାରେ ଆନ୍ଦୋଳନ କରାଯିବ। ଏହାସହ ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ରାଜଭବନ ଘେରାଉ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।
ସେ କହିଛନ୍ତି ଯେ ନିକଟରେ ହିଣ୍ଡେନବର୍ଗ ରିପୋର୍ଟ ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପୁଞ୍ଜିପତି ଆଦାନୀଙ୍କ ସହିତ କିଭଳି ଭାବେ ସମ୍ପର୍କ ଥାଇ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ସମ୍ପତି ଏବଂ ଭାରତବର୍ଷର କୋଟି କୋଟି ଜନସାଧାରଣଙ୍କ ଜାତୀୟ ବ୍ୟାଙ୍କରେ ସଂଚିତ ଥିବା ୮୦ ହଜାର କୋଟି ଟଙ୍କା, ଏଲଆଇସିରେ ୩୬ହଜାର କୋଟି ଟଙ୍କା ଆଦାନୀ ଗ୍ରୁପ କମ୍ପାନୀରେ ପୁଞ୍ଜି ବିନିଯୋଗ କରାଯାଇଛି। ଯାହାକି ସରକାରଙ୍କ ବିନା ଅନୁମତି ଓ ଚାପ ପ୍ରୟୋଗର ସ୍ପଷ୍ଟ ପ୍ରମାଣ। ଏବେ ଆଦାନୀର ସେୟାର ମୂଲ୍ୟ ବହୁପରିମାଣରେ କମିଯିବାରୁ ଏଲଆଇସି ଓ ଜାତୀୟ ବ୍ୟାଙ୍କମାନଙ୍କରେ ସାଧାରଣ ଲୋକଙ୍କ ପାଖାପାଖି ୪୫ ହଜାର କୋଟି ଟଙ୍କା ଉଡ଼ି ଯାଉଛି, ଯଦ୍ୱାରାକି କୋଟି କୋଟି ଭାରତୀୟଙ୍କ ଅର୍ଥରାଶିକୁ ପ୍ରଧାନମନ୍ତ୍ରୀ ଓ ବିଜେପି ସରକାର ଜାଣିଶୁଣି ସୁରକ୍ଷିତ ରଖିନାହାନ୍ତି।
ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ରାଜ୍ୟ ସଭାପତି ଅମିୟ କୁମାର ପଟ୍ଟନାୟକ ଯୋଗଦେଇ ମୋଦି ଆଦାନୀ ମହା ମେଗା ସ୍କାମ ବାବଦରେ ବିସ୍ତୃତ ସୂଚନା ଦେବା ସହ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ଭାରତବର୍ଷର ଅର୍ଥନୀତିକୁ ରକ୍ଷା କରିବା ପାଇଁ କଂଗ୍ରେସ ଦଳ ଦେଇଥିବା ଆହ୍ୱାନକୁ ଜିଲ୍ଲା ବ୍ୟାପୀ ତୀବ୍ରତର କରିବାକୁ କହିଥିଲେ।

# ରାଣୀତାଲ ଷ୍ଟେସନରେ ଆଧୁନିକୀକରଣ କାର୍ଯ୍ୟ ପାଇଁ ୫୫ ଟ୍ରେନ୍ ବାତିଲ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ନାରାୟଣଗଡ-ଭଦ୍ରକ ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ଖଡ଼ଗପୁର ରେଳ ମଣ୍ଡଳ ଅନ୍ତର୍ଗତ ରାଣୀତାଲ ଷ୍ଟେସନରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ନିମ୍ନଲିଖିତ ଅନୁଯାୟୀ ପୂର୍ବତଟ ରେଳପଥ ପରିସୀମାରୁ ଛାଡୁଥିବା, ଯାତ୍ରା ସମାପ୍ତ କରୁଥିବା ଏବଂ ପୂର୍ବତଟ ରେଳପଥ ମଧ୍ୟଦେଇ ଯାତାୟାତ କରୁଥିବା କିଛି ଟ୍ରେନ ବାଧାପ୍ରାପ୍ତ ହେବ। ପ୍ରାୟ ୫୫ ଟ୍ରେନ୍ ବାତିଲ ହେବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ୧୮୦୨୧ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ ୨୫, ୨୬, ୨୮ ଫେବୃଆରୀଏବଂ ୨, ୫, ୬ ମାର୍ଚ୍ଚରେ ବାତିଲ ରହିବ।୧୮୦୨୨ ଖୋର୍ଦ୍ଧା ରୋଡ୍-ଖଡ଼ଗ୍ପୁର ଏକ୍ସପ୍ରେସ ୨୫, ୨୬, ୨୮ ଫେବୃଆରୀ ଏବଂ ୨, ୫, ୬ ମାର୍ଚ୍ଚରେ ବାତିଲ ରହିବ। ୦୮୦୩୧ ବାଲେଶ୍ୱର-ଭଦ୍ରକ୍ ପାସେଞ୍ଜର ସ୍ୱେଶାଲ୍ ୨୫ ଫେବୃଆରୀରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ୍ ରହିବ। ୦୮୦୩୨ ଭଦ୍ରକ-ବାଲେଶ୍ୱର ପାସେଞ୍ଜର ସ୍ୱେଶାଲ୍ ୨୫ ଫେବୃଆରୀରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ୍ ରହିବ।୧୨୮୨୧ ଶାଲିମାର-ପୁରୀ ଧଉଳି ସୁପର ଫାଷ୍ଟ ଏକ୍ସପ୍ରେସ ୨୫ ଫେବୃଆରୀରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ। ୧୨୮୨୨ ପୁରୀ-ଶାଲିମାର ଧଉଳି ସୁପର ଫାଷ୍ଟ ଏକ୍ସପ୍ରେସ ୨୫ ଫେବୃଆରୀରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ। ୧୨୮୯୨ ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ ୨୬ ଫେବୃଆରୀରେ ଏବଂ ୧ ମାର୍ଚ୍ଚରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ।୧୨୮୯୧ ବାଙ୍ଗିରିପୋଷି-ଭୁବନେଶ୍ୱର ଏକ୍ସପ୍ରେସ ୨୬ ଫେବୃଆରୀ ଏବଂ ୨ ରୁ ୭ ମାର୍ଚ୍ଚ ରେ ବାତିଲ ରହିବ।୧୨୦୭୩ ହାଓଡ଼ା-ଭୁବନେଶ୍ୱର ଜନ ଶତାବ୍ଦୀ ଏକ୍ସପ୍ରେସ ୩ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ। ୧୨୦୭୪ ଭୁବନେଶ୍ୱର-ହାଓଡ଼ା ଜନ ଶତାବ୍ଦୀ ଏକ୍ସପ୍ରେସ ୩ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ। ୧୨୨୭୭ ହାଓଡ଼ା-ପୁରୀ ଶତାବ୍ଦୀ ଏକ୍ସପ୍ରେସ ୩ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ।୧୨୨୭୮ ପୁରୀ-ହାଓଡ଼ା ଶତାବ୍ଦୀ ଏକ୍ସପ୍ରେସ ୩ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ। ୦୮୪୧୬ ପୁରୀ-ଜଲେଶ୍ୱର ପାସେଞ୍ଜର ସ୍ୱେଶାଲ୍ ୪ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ୍ ରହିବ। ୦୮୪୧୫ ଜଲେଶ୍ୱର-ପୁରୀ ପାସେଞ୍ଜର ସ୍ୱେଶାଲ୍ ୪ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ୍ ରହିବ ।୧୮୦୩୭ ଖଡ଼ଗ୍ପୁର-ଯାଜପୁର କେନ୍ଦୁଝର ରୋଡ ଏକ୍ସପ୍ରେସ ୪ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ ।୧୮୦୩୮ ଯାଜପୁର କେନ୍ଦୁଝର ରୋଡ-ଖଡ଼ଗ୍ପୁର ଏକ୍ସପ୍ରେସ ୪ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ।୧୨୮୭୫ ପୁରୀ-ଆନନ୍ଦ ବିହାର ନୀଳାଚଳ ଏକ୍ସପ୍ରେସ ୩ ଏବଂ ୫ ମାର୍ଚ୍ଚରେ ବାତିଲ ରହିବ। ୧୨୮୭୬ ଆନନ୍ଦ ବିହାର-ପୁରୀ ନୀଳାଚଳ ଏକ୍ସପ୍ରେସ ୫ ଏବଂ ୭ ମାର୍ଚ୍ଚରେ ବାତିଲ ହୋଇ ରହିବ ।୨୨୮୫୧ ସାନ୍ତ୍ରାଗଛି-ମାଙ୍ଗାଲୁରୁ ଏକ୍ସପ୍ରେସ ୨୩ ଫେବୃଆରୀ ଏବଂ ୨ ମାର୍ଚ୍ଚ ରେ ବାତିଲ ରହିବ ।୨୨୮୫୨ ମାଙ୍ଗାଲୁରୁ-ସାନ୍ତ୍ରାଗଛି ଏକ୍ସପ୍ରେସ ୨୫ ଫେବୃଆରୀ ଏବଂ ୪ ମାର୍ଚ୍ଚରେ ବାତିଲ ରହିବ। ୨୨୮୨୫ ଶାଲିମାର-ଚେନ୍ନାଇ ଏକ୍ସପ୍ରେସ ୨୮ ଫେବୃଆରୀରେ ବାତିଲ ରହିବ।୨୨୮୨୬ ଚେନ୍ନାଇ-ଶାଲିମାର ଏକ୍ସପ୍ରେସ ୧ ମାର୍ଚ୍ଚରେ ବାତିଲ ରହିବ।୧୨୨୪୫ ହାଓଡ଼ା-ବେଙ୍ଗାଲୁରୁ ଦୁରନ୍ତ ଏକ୍ସପ୍ରେସ ୨୮ ଫେବୃଆରୀ, ୧, ୩ ରୁ ୫ ମାର୍ଚ୍ଚରେ ବାତିଲ ହୋଇ ରହିବ।୧୨୨୪୬ ବେଙ୍ଗାଲୁରୁ-ହାଓଡ଼ା ଦୁରନ୍ତ ଏକ୍ସପ୍ରେସ ୨, ୩ ଏବଂ ୫ ମାର୍ଚ୍ଚରେ ବାତିଲ ରହିବ । ୧୨୭୦୪ ସିକନ୍ଦରାବାଦ-ହାଓଡ଼ା ଫଲକନୁମା ଏକ୍ସପ୍ରେସ ୨୬ ଓ ୨୮ ଫେବୃଆରୀ ଏବଂ ୨, ୩ ଓ ୫ ମାର୍ଚ୍ଚରେ ବାତିଲ ରହିବ।୧୨୭୦୩ ହାଓଡ଼ା-ସିକନ୍ଦରାବାଦ ଫଲକନୁମା ଏକ୍ସପ୍ରେସ ୨୮ ଫେବୃଆରୀ ଏବଂ ୨, ୩, ୪ ଏବଂ ୬ ମାର୍ଚ୍ଚ ରେ ବାତିଲ ହୋଇ ରହିବ।୨୦୮୯୦ ତିରୁପତି-ହାଓଡ଼ା ହମସଫର ଏକ୍ସପ୍ରେସ ୨୬ ଫେବୃଆରୀ ଏବଂ ୫ ମାର୍ଚ୍ଚରେ ବାତିଲ ହୋଇ ରହିବ। ୨୦୮୮୯ ହାଓଡ଼ା-ତିରୁପତି ହମସଫର ଏକ୍ସପ୍ରେସ ୨୫ ଫେବୃଆରୀ ଏବଂ ୪ ମାର୍ଚ୍ଚରେ ବାତିଲ ହୋଇ ରହିବ ।୧୨୮୧୬ ଆନନ୍ଦ ବିହାର-ପୁରୀ ନନ୍ଦନକାନକ ଏକ୍ସପ୍ରେସ ୨୫ ଓ ୨୭ ଫେବୃଆରୀ ଏବଂ ୧ ଓ ୪ ମାର୍ଚ୍ଚରେ ବାତିଲ ରହିବ। ୧୨୮୧୫ ପୁରୀ-ଆନନ୍ଦ ବିହାର ନନ୍ଦନକାନକ ଏକ୍ସପ୍ରେସ ୨୭ ଫେବୃଆରୀ ଏବଂ ୧, ୪ ଓ ୬ ମାର୍ଚ୍ଚରେ ବାତିଲ ରହିବ । ୧୨୮୬୪ ବେଙ୍ଗାଲୁରୁ-ହାଓଡ଼ା ଏକ୍ସପ୍ରେସ ୨୬ ଓ ୨୮ ଫେବୃଆରୀରେ ଏବଂ ୨ ରୁ ୫ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ।୧୨୮୬୩ ହାଓଡ଼ା-ବେଙ୍ଗାଲୁରୁ ଏକ୍ସପ୍ରେସ ୨୮ ଫେବୃଆରୀ ଏବଂ ୨ ରୁ ୬ ମାର୍ଚ୍ଚ ପର୍ଯ୍ୟନ୍ତ ବାତିଲ ରହିବ। ୨୨୩୦୫ ବେଙ୍ଗାଲୁରୁ-ଜସିଡିହ ଏକ୍ସପ୍ରେସ ୨୬ ଫେବୃଆରୀ ଏବଂ ୫ ମାର୍ଚ୍ଚ ୨୦୨୩ ରେ ବାତିଲ ହୋଇ ରହିବ ।୨୨୩୦୬ ଜସିଡିହ-ବେଙ୍ଗାଲୁରୁ ଏକ୍ସପ୍ରେସ ୨୪ ଫେବୃଆରୀ ଏବଂ ୩ ମାର୍ଚ୍ଚରେ ବାତିଲ ରହିବ।୧୨୫୦୩ ବେଙ୍ଗାଲୁରୁ-ଅଗରତାଲା ହମସଫର ଏକ୍ସପ୍ରେସ ୨୮ ଫେବୃଆରୀ ଏବଂ ୩ ମାର୍ଚ୍ଚରେ ବାତିଲ ରହିବ ।୧୨୫୦୪ ଅଗରତାଲା-ବେଙ୍ଗାଲୁରୁ ହମସଫର ଏକ୍ସପ୍ରେସ ୫ ମାର୍ଚ୍ଚରେ ବାତିଲ ରହିବ।୨୨୬୦୪ ଭିଲୁପୁରମ୍-ଖଡଗପୁର ଏକ୍ସପ୍ରେସ ୨୮ ଫେବୃଆରୀରେ ବାତିଲ ରହିବ ।୨୨୬୦୩ ଖଡଗପୁର-ଭିଲୁପୁରମ୍ ଏକ୍ସପ୍ରେସ ୨ ମାର୍ଚ୍ଚରେ ବାତିଲ ରହିବ। ୦୭୦୪୬ ସିକନ୍ଦରାବାଦ-ଡିବୃଗଡ଼ ସ୍ୱେଶାଲ୍ ୨ ମାର୍ଚ୍ଚ ବାତିଲ୍ ରହିବ ।୨୨୮୮୮ ବେଙ୍ଗାଲୁରୁ-ହାଓଡ଼ା ଏକ୍ସପ୍ରେସ୍ ୨ ମାର୍ଚ୍ଚ ରେ ବାତିଲ୍ ହୋଇ ରହିବ।୨୨୮୮୭ ହାଓଡ଼ା-ବେଙ୍ଗାଲୁରୁ ଏକ୍ସପ୍ରେସ ୨୮ ଫେବୃଆରୀରେ ବାତିଲ ରହିବ।୧୮୦୪୬ ହାଇଦ୍ରାବାଦ-ଶାଲିମାର ଇଷ୍ଟକୋଷ୍ଟ ଏକ୍ସପ୍ରେସ ୩ ଏବଂ ୫ ମାର୍ଚ୍ଚ ରେ ବାତିଲ ରହିବ।୧୮୦୪୫ ଶାଲିମାର-ହାଇଦ୍ରାବାଦ ଇଷ୍ଟକୋଷ୍ଟ ଏକ୍ସପ୍ରେସ ୫ ଏବଂ ୬ ମାର୍ଚ୍ଚରେ ବାତିଲ ରହିବ ।୨୨୮୩୨ ପ୍ରଶାନ୍ତି ନୀଲୟମ-ହାଓଡ଼ା ଏକ୍ସପ୍ରେସ ୩ ମାର୍ଚ୍ଚରେ ବାତିଲ ହୋଇ ରହିବ ।୨୨୮୩୧ ହାଓଡ଼ା-ପ୍ରଶାନ୍ତି ନୀଲୟମ ଏକ୍ସପ୍ରେସ ୧ ମାର୍ଚ୍ଚ ରେ ବାତିଲ ରହିବ ।୧୫୯୦୫ କନ୍ୟାକୁମାରୀ-ଡିବୃଗଡ଼ ଏକ୍ସପ୍ରେସ ୨ ମାର୍ଚ୍ଚରେ ବାତିଲ ରହିବ । ୧୫୯୦୬ ଡିବୃଗଡ଼-କନ୍ୟାକୁମାରୀ ଏକ୍ସପ୍ରେସ ୨୮ ଫେବୃଆରୀରେ ବାତିଲ ରହିବ। ୧୨୫୧୩ ସିକନ୍ଦରାବାଦ-ଗୌହାଟୀ ଏକ୍ସପ୍ରେସ ୪ ମାର୍ଚ୍ଚରେ ବାତିଲ ରହିବ ।୧୨୫୧୪ ଗୌହାଟୀ-ସିକନ୍ଦରାବାଦ ଏକ୍ସପ୍ରେସ ୨ ମାର୍ଚ୍ଚରେ ବାତିଲ ରହିବ ।୨୨୬୦୬ ଭିଲୁପୁରମ୍-ପୁରୁଲିଆ ଏକ୍ସପ୍ରେସ ୪ ମାର୍ଚ୍ଚରେ ବାତିଲ ରହିବ । ୨୨୬୦୫ ପୁରୁଲିଆ-ଭିଲୁପୁରମ୍ ଏକ୍ସପ୍ରେସ ୬ ମାର୍ଚ୍ଚରେ ବାତିଲ ରହିବ। ୨୨୮୫୫ ସାନ୍ତ୍ରାଗଛି-ତିରୁପତି ଏକ୍ସପ୍ରେସ ୫ ମାର୍ଚ୍ଚ ରେ ବାତିଲ ରହିବ । ୨୨୮୫୬ ତିରୁପତି-ସାନ୍ତ୍ରାଗଛି ଏକ୍ସପ୍ରେସ ୬ ମାର୍ଚ୍ଚରେ ବାତିଲ ରହିବ ।୨୨୮୬୩ ହାଓଡ଼ା-ବେଙ୍ଗାଲୁରୁ ଏକ୍ସପ୍ରେସ ୬ ମାର୍ଚ୍ଚ ରେ ବାତିଲ ହୋଇ ରହିବ । ୨୨୮୬୪ ବେଙ୍ଗାଲୁରୁ -ହାଓଡ଼ା ଏକ୍ସପ୍ରେସ ୮ ମାର୍ଚ୍ଚରେ ବାତିଲ ରହିବ। ସେହିପରି ୪ଟି ଟ୍ରେନ୍ ପରିବର୍ତ୍ତିତ ମାର୍ଗରେ ଏବଂ ଗୋଟିଏ ଟ୍ରେନ୍ ଆଂଶିକ ବାତିଲ ରହିବ।

# ଆଦିତ୍ୟ ଆଲୁମିନା ହିଣ୍ଡାଲ୍କୋ ଶିଳ୍ପ କ୍ରିୟାନୁଷ୍ଠାନ କମିଟି ସହ ବିଜେଡ଼ି ସାଂଗଠନିକ ସମ୍ପାଦକଙ୍କ ଆଲୋଚନା

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ପ୍ରସ୍ତାବିତ ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ସହିତ ଶିଳ୍ପ ପ୍ରତିଷ୍ଠା ପାଇଁ ଗୁରୁବାର ଦିନ କଂସାରୀଗୁଡ଼ାଠାରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ଆଲୋଚନା ହୋଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ଦୌଲ ଚୌଧୁରୀ ଏବଂ ସମ୍ପାଦକ ନିରାକାର ବାଗଙ୍କ ନେତୃତ୍ୱରେ ଶତାଧିକ ବାସହରା, ଜମିହରା ଗ୍ରାମବାସୀମାନେ ଖୁବ୍ ଶୀଘ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଶ୍ରୀ ଦାସଙ୍କ ସରକାରୀ ବାସଭବନରେ ଆଲୋଚନାରେ ଭାଗ ନେଇଥିଲେ। ଏଠାରେ ଉଲ୍ଲେଖନୀୟ ଯେ, ଦୀର୍ଘ ୧୭ ବର୍ଷ ଧରି ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକର ଟିକିରି ପଂଚାୟତରୁ ଏବଂ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଓଡ଼ିଆପେଣ୍ଠ ପଂଚାୟତର କଂସାରୀଗୁଡ଼ାଠାରେ ଆଦିତ୍ୟ ଆଲୁମିନା ଶିଳ୍ପ ପ୍ରତିଷ୍ଠା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ଠାରୁ ଖୁବ୍ କମ୍ ମୂଲ୍ୟରେ ଜମି କିଣିଥିଲେ। କିନ୍ତୁ ଦୀର୍ଘ ୧୭ ବର୍ଷ ହେଲା ଶିଳ୍ପ ପ୍ରତିଷ୍ଠା ନହେବାରୁ ଜମିହରା ଏବଂ ବାସହରା ଗ୍ରାମବାସୀମାନେ ସେମାନଙ୍କ ଜମି ଦେବାର ଉଦ୍ଦେଶ୍ୟ ପୂରଣ ହୋଇପାରିଲା ନାହିଁ ଏବଂ ଗ୍ରାମବାସୀମାନେ ନିଜ ପିଲାଙ୍କ ଭବିଷ୍ୟତ, କମ୍ପାନୀରେ ନିଯୁକ୍ତି ଆଶାରେ ସ୍ୱଳ୍ପ ମୂଲ୍ୟରେ ଆଦିତ୍ୟ ଆଲୁମିନାକୁ ଜମି ଯୋଗାଇ ଦେଇଥିଲେ। ଅନ୍ୟ ପକ୍ଷରେ ସରକାର ଆମ ସହିତ ବକ୍ସାଇଟି ଖଣି ଦେବା ପାଇଁ ଚୁକ୍ତିନାମା କଲେ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ବିସ୍ଥାପିତ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିସ୍ଥାପିତ ଜମିହରା, ବାସହରା ଗ୍ରାମବାସୀମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଖୁବ୍ ଶୀଘ୍ର ସରକାର କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଚୁକ୍ତି କରନ୍ତୁ ବୋଲି ଦାବି କରିବା ସହ ଦାବି ପୂରଣ ଏବଂ ସମସ୍ୟାର ସମାଧାନ ପାଇଁ ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆସନ୍ତା ସୋମବାର ଦିନ ମୁଖ୍ୟ ଶାସନ ସଚିବ, ଖଣି ସଚିବ, ଶିଳ୍ପ ସଚିବ ଏବଂ ଶିଳ୍ପମନ୍ତ୍ରୀଙ୍କ ସହ ବିସ୍ଥାପିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଏକାଠି ବସି ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀ ଦାସ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନା ସମୟରେ ଅନ୍ୟମାନଙ୍କ ମଧ୍ୟରେ ପୁରଷୋତମ ଜାନି, ରାଜେନ୍ଦ୍ର ଦୁରୁଆ, ସଞ୍ଜୀବ ବାଗ, ପାଇକୁ ଦୋରା, ସଦନ ମାଝୀ, ଶ୍ରୀନା ମାଝୀ, ପଦ୍ମ ଝୋଡ଼ିଆ, କର୍ଣ୍ଣ ମୁଲାଲ ପ୍ରମୁଖ ଉପସ୍ଥିତ ଥିଲେ।

# କଦମପଡ଼ାସ୍ଥିତ ଶିଶୁମନ୍ଦିରରେ ମାତୃଭାଷା ଦିବସ ପାଳିତ

ବଲାଙ୍ଗୀର, ୨୪/୦୨ (ନି.ପ୍ର): ଗତ ୨୧ ତାରିଖ ଦିନ ବଲାଙ୍ଗୀର କଦମପଡାସ୍ଥିତ ଶିଶୁମନ୍ଦିରରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଓଡିଆ ବିଷୟର ଅଧ୍ୟାପକ ଶ୍ରୀ ରାଜୀବ ଲୋଚନ ଆଚାର୍ଯ୍ୟ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ଦାସ, ଭାଗ୍ୟଶ୍ରୀ ମହାପାତ୍ର, ରାକ୍ଷୀପ୍ରଜ୍ଞା ନାଏକ ଓ ସ୍ନେହାଞ୍ଜଳୀ ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ପ୍ରଧାନାଚାର୍ଯ୍ୟ ସୁବ୍ରତ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟ ପ୍ରଦାନ ପୂର୍ବକ କହିଥିଲେ ଯେ ଯେଉଁ ଜାତିର ଯେତେ ନିଜ ମାତୃଭାଷା, ମାତୃଭୂମି ପ୍ରତି ସମ୍ମାନ ରହେ ସେ ଜାତି ସେତେ ଉନ୍ନତି କରେ।

# ନଗର ଉନ୍ନୟନ ବିଭାଗ ଓ ସହରାଂଚଳ ପରିଚାଳନା ସଂସ୍ଥା ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ମୁକ୍ତା ଯୋଜନାକୁ ଆହୁରି ଅଧିକ ଗତିଶୀଳ କରିବା ନିମନ୍ତେ ନଗର ଉନ୍ନୟନ ବିଭାଗ ଓ ସହରାଂଚଳ ପରିଚାଳନା ସଂସ୍ଥା ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହେଇଛି । ଗତ ସୋମବାର ଦିନ ଗୃହ ଓ ନଗରଉନ୍ନୟ ବିଭାଗ ପ୍ରମୁଖ ସଚିବ ଜି.ମାଥି ଭାଥନନ୍ ଏବଂ ସହରାଂଚଳ ପରିଚାଳନା ସଂସ୍ଥାର ନିର୍ଦ୍ଦେଶିକା ମାନଭିତା ବରାଡି ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୁକ୍ତା ଯୋଜନାରେ ଯୋଡ଼ି ହେଉଥିବା ଏସଏଚଜି ଓ ବସ୍ତି ଉନ୍ନୟନ କମିଟିଗୁଡ଼ିକର ଦକ୍ଷତା ବିକାଶ କରି ସେମାନଙ୍କ ଦ୍ୱାରା ଅଧିକରୁ ଅଧିକ କାମ କରାଇବା ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରାଥମିକତା ଦେଇଛି । ମୁକ୍ତା ଯୋଜନାରେ ଏସଏଚଜିମାନଙ୍କର ଯୋଗଦାନ ବୃଦ୍ଧି ହେବା ସହ କାର୍ଯ୍ୟ ମଧ୍ୟ ବୃଦ୍ଧି ହୋଇଛି । ଏହାଦ୍ୱାରା ସହରାଂଚଳଗୁଡ଼ିକରେ କଂଟ୍ରାକ୍ଟର ମୁକ୍ତ ହେବା ସହ ଗୋଷ୍ଠୀ କଂଟ୍ରାକ୍ଟର ବ୍ୟବସ୍ଥାର ଉନ୍ନତି ଅଣିବା ନିମନ୍ତେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ରାଜ୍ୟର ୧୧୫ ପୌରାଂଚଳରେ ୨୦ ହଜାରରୁ ଅଧିକ ଏସଏଚଜି ଓ ୧ ହଜାରରୁ ଅଧିକ ବସ୍ତି ଉନ୍ନୟନ କମିଟି ମୁକ୍ତା ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାମ ହାତକୁ ନେଇ କାର୍ଯ୍ୟ କରୁଛନ୍ତି। ଏହି ସଂସ୍ଥା ତୃଣମୂଳ ସ୍ତରରେ ଦକ୍ଷତାବୃଦ୍ଧି କ୍ଷେତ୍ରରେ ସହଯୋଗ କରିବ ବୋଲି ବିଭାଗ କହିଛି। ଏସଏଚଜି ଓ ବସ୍ତି ଉନ୍ନୟନ ସଂସ୍ଥାଗୁଡ଼ିକୁ ତାଲିମ ପ୍ରଦାନ କରାଯିବ। ଏସଏଚଜି ମାନଙ୍କୁ ନାନେ କଂଟ୍ରାକ୍ଟର ଭାବେ ବର୍ତମାନ ବିଭାଗ ଗ୍ରହଣ କରୁଛି। ସେମାନଙ୍କୁ ଯେପରି କେହି ଠକି ନ ପାରିବେ ଓ ସମସ୍ତ ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବେ ସେଥିପାଇଁ ତାଲିମ ପ୍ରଦାନ କରାଯିବ। ଏଥିପାଇଁ ୯ ଟି କ୍ଲଷ୍ଟରରେ ୧୧୫ ଟି ପୌରାଂଚଳରେ ଏହି ତାଲିମ ପ୍ରଦାନ କରାଯିବ। ଏହା ନିୟମିତ ଭାବେ ଜାରି ରହିବ ।ତାଲିମ ପରେ ମଧ୍ୟ ଆସେସମେଂଟ କରାଯାଇ ଗୋଷ୍ଠୀଗୁଡ଼ିକର ଦକ୍ଷତା ବୃଦ୍ଧି କରାଯିବ ।

# ସ୍ୱାସ୍ଥ୍ୟସେବା ଅନୁଷ୍ଠାନରେ ଭିତିଭୂମି ବିକାଶ ପାଇଁ ୧୦୬୨ କୋଟି ଟଙ୍କା ଅନୁମୋଦନ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ସାର୍ବଜନୀନ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ବିକାଶ ଦିଗରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ୧୦୬୨.୧୦ କୋଟି ଟଙ୍କାର ବାର୍ଷିକ କାର୍ଯ୍ୟ-ଯୋଜନା ଅନୁମୋଦନ କରିଛନ୍ତି। ଏହି ଅର୍ଥ ବିନିଯୋଗରେ ରୋଗୀ-କୈନ୍ଦ୍ରିକ ସୁବିଧା ଗୁଡ଼ିକୁ ଅଗ୍ରାଧିକାର ଭିତିରେ ସମୟାନୁବନ୍ଧିତ ଭାବେ ପୁର୍ଣ୍ଣାଙ୍ଗ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଅର୍ଥମନ୍ତ୍ରୀ ନିରଞ୍ଜନ ପୁଜାରୀ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

କାର୍ଯ୍ୟ ଯୋଜନା ବିଷୟରେ ସୂଚନା ଦେଇ ବିଭାଗୀୟ ଶାସନ ସଚିବ ଶ୍ରୀମତି ଶାଳିନୀ ପଣ୍ଡିତ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ ମାଧ୍ୟମରେ ଷ୍ଟେଟ୍ ସେକ୍ଟର୍ ଯୋଜନାରୁ ଏହି ଅର୍ଥ ଦିଆଯାଇଛି। ଏଥିରେ ବିଭିନ୍ନ ଜିଲ୍ଲା, ଉପଖଣ୍ଡ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କମ୍ୟୁନିଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ହେଲଥ୍ ସବ୍-ସେଂଟର ମାନଙ୍କରେ ଭିତିଭୂମିର ବିକାଶ କରାଯିବ। ଏଥିପାଇଁ ବିସ୍ତୃତ ପ୍ରକଳ୍ପ ପ୍ରସ୍ତାବର ପ୍ରଶାସନିକ ଅନୁମୋଦନ ନିମନ୍ତେ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସ୍ୱାସ୍ଥ୍ୟ ସେବା, ଭେଷଜ ଶିକ୍ଷା ଓ ତାଲିମ, ଆୟୁଷ୍, ଡ୍ରଗସ୍ କଣ୍ଟ୍ରୋଲ୍, ନର୍ସିଂ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକମାନଙ୍କୁ କୁହାଯାଇଛି । ବିସ୍ତୃତ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କଲାବେଳେ ବିନିଯୋଗ ହେଉଥିବା ଅର୍ଥର ରୋଗୀ ସେବା ପାଇଁ ସର୍ବାଧିକ ଉପଯୋଗିତା ଉପରେ ଲକ୍ଷ୍ୟ ଦେବାପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।

ଅନୁମୋଦିତ କାର୍ଯ୍ୟ ଯୋଜନା ଭିତରେ ମୁଖ୍ୟତଃ ୯ ଟି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ସୁବିଧା ସୃଷ୍ଟି, ୬ ଟି ନୂଆ ଉପଖଣ୍ଡ ସ୍ତରୀୟ ହସ୍ପିଟାଲ୍ ନିର୍ମାଣ, ୬୦ ଟି କମ୍ୟୁନିଟି ହେଲଥ୍ ସେଣ୍ଟର ଘର ନିର୍ମାଣ, ୪୭ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଷ୍ଟାଫ୍ କ୍ୱାଟର୍ ନିର୍ମାଣ, ତୃଣମୂଳ ସ୍ତରରେ ୪୦ ଟି ହେଲଥ୍ ସବ୍-ସେଂଟର ନିର୍ମାଣ, ୫ ଟି ପ୍ରାଥମିକ ଓ କମ୍ୟୁନିଟି ହେଲଥ୍ ସେଂଟରର ପାହ୍ୟାବୃଦ୍ଧି, ୬୯୬ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସବ୍ ସେଂଟରରେ ରୋଗୀମାନଙ୍କୁ ପାଇଁ ଅଧିକ ସୁବିଧା ସୃଷ୍ଟି ଏବଂ ଆବାସିକ ଓ ଅଣ-ଆବାସିକ ଆୟୁଷକେନ୍ଦ୍ରର ବିକାଶ ଆଦି ପ୍ରକଳ୍ପମାନ ରହିଛି। ବରଗଡ଼, ଝାରସୁଗୁଡ଼ା, ମାଲକାନାଗିରି, ବାରିପଦା, ନୟାଗଡ଼ ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରାଯିବ। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ନବରଙ୍ଗପୁରର ଉମରକୋଟ, ମାଲକାନାଗିରିର ମାଥିଲି ଓ ଚିତ୍ରକୋଣ୍ଡା, ନୂଆପଡ଼ାର ଖରିଆର, ଏବଂ ଗଞ୍ଜାମ ଜିଲ୍ଲାର ଆସ୍କା ଠାରେ ନୂଆ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ନିର୍ମାଣ କରାଯିବ।

## ମନ୍ଦିର ବିକାଶ ପାଇଁ ପ୍ରସ୍ତୁତି ବୈଠକ

ଜୟପୁର, ୨୪/୦୨ (ନି.ପ୍ର): ଜୟପୁର ଜଗନ୍ନାଥ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର , ଭଗବତୀ ମନ୍ଦିର ଓ ଲକ୍ଷ୍ମୀ ମନ୍ଦିରର ବିକାଶ ପାଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଗତ ଦିନରେ ୫-ଟି ସଚିବ ଭି. କେ ପାଣ୍ଡିଆନ ଜୟପୁର ଗସ୍ତରେ ଆସି ମନ୍ଦିର ଦର୍ଶନ କରିଥିଲେ। ଏହାର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସେହି ଅନୁଯାଇ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ମନ୍ଦିର ମାନଙ୍କ ସମସ୍ୟା କଣ ଆବଶ୍ୟକତା ରହିଛି ସେ ନେଇ ଆଲୋଚନା କରାଯାଇଥିଲା। ଏକ ଡିପିଆର ପ୍ରସ୍ତୁତ କରାଯାଇ ସରକାରଙ୍କୁ ପଠାଯିବ ବୋଲି ସୁଚନା ମିଳିଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ବିଧାନସଭା ଚାଲିଥିବାରୁ ସେ ଅନୁପସ୍ଥିତ ରହି ଫୋନ ଯୋଗେ ଅଧକ୍ଷ ନରେନ୍ଦ୍ର ମହାନ୍ତି ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକଙ୍କ ସହ ଆଲୋଚନା କରି ତୁରନ୍ତ ଡିପିଆର ପ୍ରସ୍ତୁତ କରିବାକୁ କହିଥିଲେ ।

# ଆଦିବାସୀ ମେଳାରେ ମନ ମୋହୁଛି ଜନଜାତି ଗ୍ରାମ

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଆଦିବାସୀ ମେଳାରେ ବଣପାହାଡ଼ ଘେରା ଆଦିବାସୀ ଅଂଚଳରେ ରହିଥିବା ଗ୍ରାମଗୁଡ଼ିକର ଅବିକଳ ରୂପନେଇ ମେଳା ପରିସରରେ ପ୍ରାଚୀନ ଜନଜାତି ଦୁନିଆର ୧୦ଟି ପ୍ରାଚୀନ ଜନଜାତି ଗୋଷ୍ଠୀର ଘରର ମଡେଲ ପ୍ରଦର୍ଶିତ ହୋଇଛି। ଏଥିରେ ପରମ୍ପରା ସହିତ ପ୍ରଗତିର ଝଲକ ଦେଖିବାକୁ ମିଳୁଛି ।
ଏ ମଧ୍ୟରେ ନୂଆପଡ଼ା ଜିଲ୍ଲା ଚୁକୁଟିଆ ଭୁଂଜିଆଙ୍କ ଘର ପାରମ୍ପରିକ ସାଜସଜ୍ଜାରେ ବିକାଶର ବାର୍ତା ବଖାଣୁଛି । ଏମାନଙ୍କ ଲାଲ ବଙ୍ଗଳା କେବଳ ସଂସ୍କୃତି ଦୃଷ୍ଟିରୁ ମହାନ୍ ନୁହେଁ ବରଂ ଏମାନଙ୍କ ରକ୍ଷଣଶୀଳତାକୁ ବୁଝାଉଛି । ସେହିପରି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅଂଚଳସ୍ଥ କୁଟିଆ କନ୍ଧ ଘର ଓ ବେଲଘରଙ୍କ କୁଟିଆ କନ୍ଧ ଘର ଭିତରେ ନିର୍ମାଣ ଗତ ସାମଞ୍ଜସ୍ୟ ଥିଲେ ମଧ୍ୟ ସୌନ୍ଦର୍ଯ୍ୟାନୁଭବରେ ବେଶ୍ ପାର୍ଥକ୍ୟ ଅଂଚଳ ଭେଦରେ ସାଂସ୍କୃତିକ ବିବିଧତାର ସୂଚନା ଦେଉଛି । ସେହିପରି ଗଜପତି ଜିଲ୍ଲା ରାୟଗଡ଼ା ଜିଲ୍ଲା ଗୁଣୁପୁର ଅଂଚଳର ସଉରା ଓ ଲାଞ୍ଜିଆ ସଉରା ଘର ନିର୍ମାଣଶୈଳୀରେ ସମାନତା ଥିଲେ ମଧ୍ୟ ଇଡ଼ିତାଲ ଚିତ୍ରର ବିବିଧ ବୈଚିତ୍ର୍ୟ ସ୍ୱତନ୍ତ୍ର ଅନୁଭବ ଆଣିଦେଉଛି। ଡଙ୍ଗରିଆ କନ୍ଧମାନଙ୍କର ନିଜସ୍ୱ ଶୈଳୀ ଦର୍ଶକଙ୍କୁ ଆକର୍ଷିତ କରିବାରେ ଲାଗିଥିବାବେଳେ ପାହାଡ଼ି ଖଡ଼ିଆମାନଙ୍କର ଗୃହ ନିର୍ମାଣ ବେଶ୍ ସୁନ୍ଦର ହୋଇଛି। ସେହିପରି ବଣ୍ଡାମାନଙ୍କର ମଧ୍ୟ ଘର ପରମ୍ପରା ସହିତ ପ୍ରଗତି ସୂଚନା ଦେଉଛି। ସହରୀ ମଣିଷଙ୍କ ପାଇଁ ଏହା ସଂସ୍କୃତିର ସନ୍ଧାନ ହୋଇଥିବାବେଳେ ଜଣେ ଗବେଷକ ପାଇଁ ଏହା କିଛିଟା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ। ଆଦିବାସୀ ମେଳାରେ ପ୍ରଦର୍ଶିତ ପ୍ରାଚୀନ ଜନଜାତିଙ୍କ ଗ୍ରାମ ଦର୍ଶକମାନଙ୍କ ନିମନ୍ତେ ବେଶ୍ ଆକର୍ଷଣୀୟ ହୋଇଛି।
ଆଜି ସନ୍ଧ୍ୟାରେ ଜନଜାତିଙ୍କ ଦ୍ୱାରା ପରିବେଷିତ କୋୟା ନୃତ୍ୟ, ଗଦବା ନୃତ୍ୟ, ଭୂମିଆ ନୃତ୍ୟ, କିନ୍ଦରୀ ନୃତ୍ୟ, ଲାଞ୍ଜିଆ ସଉରା ନୃତ୍ୟ, ଢେମ୍‌ସା ନୃତ୍ୟ ଓ ଚାଙ୍ଗୁ ନୃତ୍ୟ ଦର୍ଶକମାନଙ୍କୁ ବିମୋହିତ କରିଛି। ଆଦିବାସୀ ମେଳା ପ୍ରତ୍ୟହ ୨.୩୦ଠାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହୁଛି । ଏହି ମେଳା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ।

# ମେ’ ଶେଷ ସୁଦ୍ଧା ଏଲୋପ୍ୟାଥିକ ଡାକ୍ତରଙ୍କ ତଥ୍ୟ ଅପଲୋଡ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର , ୨୪/୦୨ (ନି.ପ୍ର): ରାଜ୍ୟରେ ଥିବା ନକଲି ଡାକ୍ତରଙ୍କୁ ଚିହ୍ନଟ କରାଯିବ। ଯେଉଁ ଡାକ୍ତରମାନେ ନିଜକୁ ନିର୍ଦ୍ଦିଷ୍ଟ ବିଭାଗର ବିଶେଷଜ୍ଞ ବୋଲି ଦର୍ଶାଇ ରୋଗୀ ଚିକିତ୍ସା କରୁଛନ୍ତି ସେମାନଙ୍କର ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ କରାଯିବ। ନିକଟରେ ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସରକାର କହିଥିଲେ। ଏହି ଭିତ୍ତିରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଏଲୋପ୍ୟାଥିକ ଡାକ୍ତରଙ୍କ ବୈଧ ମେଡିକାଲ ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ୍ ମେ’ ଶେଷ ସୁଦ୍ଧା ଅପଲୋଡ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ଡିଏମ୍ଇଟି, ଡିଏଚ୍ଏସ୍, ଓସିଏମ୍ଆରର ରେଜିଷ୍ଟ୍ରାରଙ୍କ ସମେତ ସବୁ ସିଡିଏମ୍ ?ଓମାନଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପତ୍ର ଲେଖିଛନ୍ତି।
ବିଭାଗ ପକ୍ଷରୁ କୁହାଯାଇଛି ଯେ ଚଳିତମାସ ୧୧ତାରିଖରେ ସମସ୍ତ ଏଲୋପ୍ୟାଥିକ ଡାକ୍ତର ନିଜସ୍ୱ ଦସ୍ତଖତ ସମ୍ବଳିତ ବୈଧ ମେଡିକାଲ ରେଜିଷ୍ଟ୍ରସନ୍ ସାର୍ଟିଫିକେଟ୍ ସହ ଡିଗ୍ରି,ପିଜି,ସୁପର ସ୍ୱେଶାଲିଷ୍ଟ ସାର୍ଟିଫିକେଟ୍ ପାଇଁ ଛାପା ଗଣମାଧ୍ୟମରେ ନୋଟିସ୍ ଜାରି ହୋଇଥିଲା। ମାର୍ଚ୍ଚ ୧୦ ତାରିଖସୁଦ୍ଧା ସେମାନେ କର୍ତ୍ତୃପକ୍ଷଙ୍କ ନିକଟରେ ନିଜର ସାର୍ଟିଫିକେଟ୍ ଦାଖଲ କରିବେ। ଯେଉଁମାନେ ସାର୍ଟିଫିକେଟ୍ ଦାଖଲ କଲେନାହିଁ ଓ ଦାଖଲ କରିଥିବା ଡାକ୍ତରଙ୍କୁ ମିଶାଇ ଏକ ରିପୋର୍ଟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକଙ୍କୁ ସିଡିଏମ୍ଓମାନେ ପ୍ରଦାନ କରିବେ। ଏହାସହ ସନ୍ଦିଗ୍ଧ ମାମଲାଗୁଡ଼ିକର ଓସିଏମ୍ଆର (ଓଡ଼ିଶା କାଉନସିଲ ଅଫ ମେଡିକାଲ ରେଜିଷ୍ଟ୍ରେସନ୍)କୁ ଯାଞ୍ଚ ପାଇଁ ପ୍ରଦାନ କରାଯିବ। ସମସ୍ତ ସରକାରୀ, ବେସରକାରୀ, ଘରୋଇ ନର୍ସିଂହୋମ, କ୍ଲିନିକ, ୩୦ଶଯ୍ୟାରୁ ଅଧିକ ହସ୍ପିଟାଲରେ କାର୍ଯ୍ୟରତ ଏଲୋପ୍ୟାଥିକ ଡାକ୍ତର ଡିଏମ୍ଇଟିଙ୍କ ନିକଟରେ ସାର୍ଟିଫିକେଟ୍ ଦାଖଲ କରିବେ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଡିଏମ୍ଇଟି ଏ ସଂକ୍ରାନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ



କରିବାକୁ କୁହାଯାଇଛି। ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ପ୍ରାପ୍ତ ସୂଚନାକୁ ଭିତ୍ତିକରି ମେ’ ୭ତାରିଖ ସୁଦ୍ଧା ସନ୍ଦିଗ୍ଧ ସାର୍ଟିଫିକେଟ୍‌ଗୁଡ଼ିକର ଏକ ରିପୋର୍ଟ ଓସିଏମ୍ଆର ପ୍ରସ୍ତୁତ କରିବେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଡିଏମ୍ଇଟି ଓ ଓସିଏମ୍ଆରଙ୍କୁ ନେଇ ଗଠିତ ହୋଇଥିବା କମିଟି ଦାଖଲ ହୋଇଥିବା ରିପୋର୍ଟର ଅନୁଶୀଳନ କରିବେ। ମେ’ମାସ ୩୧ତାରିଖ ସୁଦ୍ଧା ସଂପୂର୍ଣ୍ଣ ତାଲିକା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଡିଏମ୍ଇଟିଙ୍କ ୱେବସାଇଟ୍‌ରେ ପ୍ରକାଶିତ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱପ୍ନରେ ଦେଖୁଛନ୍ତି କି ଧଳା କୁକୁର ?

ଏପରି ବ୍ୟକ୍ତି କ୍ୱଚିତ୍ ରହିବେ, ଯିଏ ସ୍ୱପ୍ନ ଦେଖନ୍ତି ନାହିଁ । ଏହା ଏକ ଭିନ୍ନ କଥା ଯେ କିଛି ଲୋକ ସେମାନଙ୍କର ସ୍ୱପ୍ନକୁ ମନେ କରନ୍ତି ଏବଂ କିଛି ଲୋକ ସେମାନଙ୍କୁ ଭୁଲିଯାଆନ୍ତି । ପ୍ରତ୍ୟେକ ଭଲ ଏବଂ ଖରାପ ସ୍ୱପ୍ନର କିଛି ଅର୍ଥ ଅଛି । କିଛି ସ୍ୱପ୍ନ ଜୀବନରେ ଆସୁଥିବା ସୁଖ ଆଡକୁ ସୂଚାଇଥାଏ, ଆଉ କେତେକ ଭବିଷ୍ୟତରେ ଘଟିବାକୁ ଥିବା ଖରାପ ଘଟଣା ବିଷୟରେ ଆଗରୁ ଆଭାସ ବା ଚେତାବନୀ ଦେଇଥାଏ ।

♦ ସମସ୍ତ ସ୍ୱପ୍ନକୁ ସ୍ୱପ୍ନ ଶାସ୍ତ୍ରରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏଭଳି ପରିସ୍ଥିତିରେ ଆଜି ଆମେ କିଛି ସ୍ୱପ୍ନ ବିଷୟରେ ଆଲୋଚନା କରିବା । ଯଦି କେହି ତାଙ୍କ ସ୍ୱପ୍ନରେ ଏକ ଧଳା କୁକୁରକୁ ଦେଖନ୍ତି, ତେବେ ଏହା ଏକ ଭଲ ସଙ୍କେତ କି ଏକ ଉଦ୍‌ବେଗଜନକ ବୋଲି ସେ ଦ୍ୱନ୍ଦ୍ୱରେ ପଡ଼ନ୍ତି । ସ୍ୱପ୍ନର ବିଜ୍ଞାନ ଅନୁଯାୟୀ, ଏକ ଧଳା କୁକୁରକୁ ସ୍ୱପ୍ନରେ ଦେଖିବା ଶୁଭ ବୋଲି ବିବେଚନା କରାଯାଏ ।ଏକ ଧଳା ରଙ୍ଗର କୁକୁର ଜୀବନରେ ସୁଖ ଏବଂ ସକାରାତ୍ମକତା ଆଣିଥାଏ । ଏହା ଧନ ଏବଂ ସମ୍ପତ୍ତିର ପରିମାଣ ସୃଷ୍ଟି କରେ । ଏହା ସହିତ ବ୍ୟବସାୟରେ ବୃଦ୍ଧି ଘଟିଛି ।

♦ ଯଦି ତୁମେ ନିଜ ସ୍ୱପ୍ନରେ ତୀର୍ଥଯାତ୍ରାରେ ଯାଉଥିବାର ଦେଖୁଛ, ତେବେ ଏହାର ଅର୍ଥ ମଧ ଶୁଭ ଅଟେ । ଏହିପରି ଏକ ସ୍ୱପ୍ନ ଦେଖିବା ତୁମର ଯେ କୌଣସି ଇଚ୍ଛା ପୂରଣ ହୋଇପାରିବ । ଏହା ସହ ଜୀବନରେ ମଧ ଏକ ସକରାତ୍ମକ ପ୍ରଭାବ ପକାଇଥାଏ ।

♦ ବେଳେବେଳେ ଜଣେ ବ୍ୟକ୍ତିଙ୍କର କିଛି ଅଜବ ସ୍ୱପ୍ନ ମଧ ଥାଏ । ଯଦି ଆପଣ ସ୍ୱପ୍ନ ମଧରେ ଟେଲିସ୍କୋପ ଦେଖାଯାଏ ତେବେ ତାହାର ଅର୍ଥ ଭିନ୍ନ ଅଟେ । ତଥାପି, ସ୍ୱପ୍ନରେ ଟେଲିସ୍କୋପ ଦେଖିବା ଶୁଭ ବୋଲି ଧରାଯାଏ ନାହିଁ । ଏହି ପରି ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଦୁଇଗୁଣ ମାନକ ଅଟନ୍ତି । ସେମାନେ ଅସୁବିଧାର ସମ୍ମୁଖୀନ କରିପାରନ୍ତି ନାହିଁ । ସବୁବେଳେ ଅସୁବିଧାରେ ପଡ଼ନ୍ତି ।



# ରକ୍ତଦାନ ଅତ୍ୟନ୍ତ ଲାଭ ଦାୟକ, କମ୍ ହୋଇଥାଏ କର୍କଟ ରୋଗ ଭଳି ଆଶଙ୍କା

'ରକ୍ତ ଦାନ, ମହତ ଦାନ' ଆପଣ ନିଶ୍ଚିତ ଭାବରେ ଏହି ସ୍ଲୋଗାନ ଶୁଣିଥିବେ । କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ସ୍ଲୋଗାନକୁ ଆନୁଷ୍ଠାନିକ ଭାବରେ ବ୍ୟବହାର କରୁଛନ୍ତି । ଲୋକଙ୍କ ମଧରେ ରକ୍ତଦାନ ବିଷୟରେ ସଚେତନତା ସୃଷ୍ଟି କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ । ବର୍ତ୍ତମାନ ଦେଶରେ ଏଭଳି ବହୁ ଲୋକ ଅଛନ୍ତି ଯେଉଁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ । ତେଣୁ ସବୁବେଳେ ଯେକୌଣସି ସ୍ଥାନରେ ରକ୍ତର ଅଭାବ ରହିଛି । କିନ୍ତୁ ରକ୍ତଦାତାମାନେ ସାଧାରଣତଃ ରକ୍ତ ଦେବାରେ ବାରଣ କରନ୍ତି ।

ଅନେକ କ୍ଷେତ୍ରରେ ଏହା ମଧ ଦେଖାଯାଇଛି ଯେ ପରିବାର ସଦସ୍ୟ ମଧ ରକ୍ତ ଦେବାଠାରୁ ଦୂରେଇ ଯାଆନ୍ତି । ଏହା ପଛରେ କିଛି ଭୁଲ ଧାରଣା ଅଛି । ସେମାନେ ଭାବନ୍ତି ଯେ ରକ୍ତ ଦେବା ଦ୍ୱାରା ଓଜନ ବଢେ ଆଉ ସ୍ୱାସ୍ଥ୍ୟ ଖରାବ ହୁଏ । ଲୋକମାନେ ଏହି ଚିନ୍ତାଧାରାରୁ ଉପରକୁ ଉଠିବା ଆବଶ୍ୟକ ବୋଲି ଡାକ୍ତରମାନେ କହିଛନ୍ତି । ଯିଏ ଅଧିକ ରକ୍ତ ନିଏ ସେହି ବ୍ୟକ୍ତିଙ୍କ ପାଇଁ ଏହା ଲାଭଦାୟକ ଅଟେ । ଦାତା ମଧ ସମାନ ଲାଭ ପାଆନ୍ତି । ତେବେ ଆସନ୍ତୁ ଜାଣିବା ଏହା କରିବା ଦ୍ୱାରା କଣ ଲାଭ ହୁଏ ।

କର୍କଟ ରୋଗ ହେବାର ଆଶଙ୍କା କମିଛି : ରକ୍ତରେ ଅଧିକ ଆଇରନ୍ ରହିବା କର୍କଟ ଭଳି ବିପଦକୁ ବଢାଇଥାଏ । କିନ୍ତୁ ଯଦି ଆପଣ ନିୟମିତ ଭାବେ ରକ୍ତ ଦାନ କରୁଛନ୍ତି, ତେବେ ଏହା ରକ୍ତରେ ଅଧିକ ଲୌହ ଜମା ହୁଏ ନାହିଁ ଏବଂ କର୍କଟ ରୋଗ ହେବାର ଆଶଙ୍କା ବହୁତ କମିଯାଏ ।

ଓଜନ ହ୍ରାସ କାମ କରେ : ଯେଉଁମାନଙ୍କର ଓଜନ ନିର୍ଦ୍ଦିଷ୍ଟ ଚିକିତ୍ସା ମାନାଙ୍କଠାରୁ କମ୍ ଅଟେ ସେମାନଙ୍କୁ ରକ୍ତ ଦାନ ନକରିବାକୁ କୁହାଯାଇଛି । କିନ୍ତୁ ଏହାର ସୁବିଧା ହେଉଛି ଯେଉଁମାନେ ଟିକେ ଓଜନ ହାସଲ କରିଛନ୍ତି । ରକ୍ତ ଦାନ କରି ଓଜନରେ କିଛି ହ୍ରାସ ଘଟିଥାଏ । ତଥାପି, ଏହା ମନେ ରଖିବା ଜରୁରୀ ଯେ କେବଳ ଓଜନ ହ୍ରାସ କରିବା ପାଇଁ ରକ୍ତ ଦାନ କରିବା ଉଚିତ ନୁହେଁ । ଯଦି ଆପଣ ଏହା କରୁଛନ୍ତି, ତେବେ ନିଶ୍ଚିତ ଭାବରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ପ୍ରତିରକ୍ଷା ପ୍ରଣାଳୀକୁ ବଢାଇଥାଏ : ରକ୍ତ ଦାନ କରିବାର ଅନ୍ୟ ଏକ ଲାଭ ହେଉଛି ଏହା ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରେ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେତୁ ସାଧାରଣ ଭାଇରାଲ୍ ରୋଗ ଶରୀର ସହଜରେ ଆକ୍ରମଣ କରିବାରେ ସକ୍ଷମ ହୁଏ ନାହିଁ । ଏହା ବ୍ୟକ୍ତିଙ୍କୁ ସୁସ୍ଥ ରଖେ । ଲାଲ ରକ୍ତ କଣିକା ଗଠନ ଏବଂ ନଷ୍ଟ ପ୍ରକ୍ରିୟା କ୍ରମାଗତ ଭାବରେ ଚାଲିଥାଏ ବୋଲି ଡାକ୍ତରମାନେ କହିଛନ୍ତି । ଯଦି ଆପଣ ରକ୍ତ ଦାନ କରନ୍ତି, ତେବେ ନୂତନ ରକ୍ତ କଣିକା ତିଆରି କରିବାର ପ୍ରକ୍ରିୟା ବହୁତ ଦ୍ରୁତ ଅଟେ । ଏହା ଶରୀରରେ ଶକ୍ତି ସ୍ତରକୁ ମଧ ବଢାଇଥାଏ । ନୂତନ ରକ୍ତ ପ୍ଲାଜମା ସୃଷ୍ଟି ହେତୁ ଲ୍ୟୁକୋସାଇଟ୍ ବୃଦ୍ଧି ହୁଏ ।





# ଘରେ ସହଜରେ କରନ୍ତୁ ଥାଇରଏଡ୍ ଚିକିତ୍ସା

ଥାଇରଏଡ ବା ଗଳଗ୍ରନ୍ଥି ଏକ ହର୍ମୋନାଲ ରୋଗ । ଗଳାର ଉଭୟ ପାର୍ଶ୍ୱରେ ପ୍ରଜାପତି ଆକୃତିର ଥାଇରଏଡ ଗ୍ରନ୍ଥି ଅଛି । ଏଥିରୁ ଟି-୩-୪ଟି ହର୍ମୋନ ନିର୍ଗତ ହୁଏ । ଯାହା ଶରୀରର ଅନେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । କିନ୍ତୁ, ଯେତେବେଳେ ଏହି ହରର୍ମୋନ ବ୍ୟାଘାତ ହୁଏ , ସେତେବେଳେ ଥାଇରଏଡ ସମସ୍ୟା ଆରମ୍ଭ ହୁଏ । ଆଜିକାଲି ଥାଇରଏଡ ସମସ୍ୟା ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ବିଶେଷ କରି ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ୫ଗୁଣ ଅଧିକ ଏହି ରୋଗ ଦେଖିବାକୁ ମିଳିଥାଏ । ଥାଇରଏଡ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଭୟ ପୁରୁଷ ଓ ମହିଳା ଔଷଧ ସେବନ କରୁଛନ୍ତି । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ ଥାଇରଏଡକୁ ନିୟନ୍ତ୍ରଣ କରାଯାଇପାରେ । ଜାଣନ୍ତୁ ସେଗୁଡିକ କ'ଣ ?

### ଘରୋଇ ଉପଚାର :

***ଅଦା*** – ଆୟୁର୍ବେଦବିତଙ୍କ ମତରେ ଅଦାରେ ପୋଟାସିୟମ ଓ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ଭରି ରହିଛି , ଯାହା ପ୍ରବାହକୁ ମୁକାବିଲା କରିବାରେ ସାହାର୍ଯ୍ୟ କରିଥାଏ । ଥାଇରଏଡକୁ ନିୟନ୍ତ୍ରଣ କରିବା ଲାଗି ଅଦା ଚା' ପି ପାରିବେ । ଏଥି ସହିତ ଅଦା ରସକୁ ଏକ ଚାମଚରେ କାଢି ଏଥିରେ ଅଳ୍ପ ମହୁ ମିଶାଇ ସେବନ କରିପାରିବେ ।

***ବାଦାମ*** – ବାଦାମରେ ପ୍ରୋଟିନ୍, ଫାଇବର, ମିନେରାଲ, ସେମେନିୟମ୍ ରହିଛି । ଯାହାକି ଥାଇରଏଡ୍ ଲାଗି ଖୁବ୍ ଫଳପ୍ରଦ । ଏଥି ସହିତ ମ୍ୟାଗ୍ନେସିୟମ ମଧ ପ୍ରଚୁର ମାତ୍ରାରେ ରହିଛି, ଯାହା ଥାଇରଏଡ୍ ଗ୍ରନ୍ଥିକୁ ଠିକ୍ ଭାବରେ କାମ କରିବାରେ ସହାୟ କରିଥାଏ ।

***କ୍ଷୀର*** – କ୍ଷୀର, ପନିର ଓ ଦହିରେ ଆୟୋଡିନ୍ ମାତ୍ରା ଅଧିକ ରହିଛି, ଏହା ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରିଥାଏ । ଏହି କାରଣରୁ ଡାଏଟରେ ଆବଶ୍ୟକ ମୁତାବକ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ପଦାର୍ଥ ସାମିଲ କରିପାରିବେ ।

***ସେଓ ସିରକା*** – ସେଓ ସିରକା ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ । ଏହା ଶରୀରର ବାତାବରଣକୁ କ୍ଷାରୀୟ କରିବାରେ ସାହାଯ୍ୟ କରିବା ସହ ମେଟାବଲିଜମକୁ ବଢାଇଥାଏ । ପ୍ରତିଦିନ ସେଓ ସିରକାକୁ ମହୁ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ଦୁଇ ଚାମଚ ପିଇଲେ ଥାଇରଏଡ୍ କଣ୍ଟ୍ରୋଲ ହୋଇଥାଏ ।

***ନଡିଆ ତେଲ*** – ନଡିଆ ତେଲରେ ଫ୍ୟାଟ୍ ଏସିଡ୍ ରହିଛି । ଯାହା ଥାଇରଏଡ ଗ୍ରନ୍ଥିର କାର୍ଯ୍ୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ନଡିଆ ତେଲରେ ମେଟାବଲିଜମ୍ ବୃଦ୍ଧି ପାଇଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ।



# ଦୋକାନର କ୍ୟାସ୍ କାଉଣ୍ଟର କେଉଁ ଦିଗରେ ରହିଲେ ମିଳିବ ଭଲ ଲାଭ, ଜାଣନ୍ତୁ କ'ଣ କହୁଛି ବାସ୍ତୁ

**ଦୋକାନ ଖୋଲିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆଶା ଥାଏ କିପରି ବ୍ୟାପାର ଠିକ ରୂପେ ଚାଲିବ ଓ ସର୍ବଦା ଗ୍ରାହକଙ୍କ ଭିଡ଼ ଲାଗି ରହିବ । କିନ୍ତୁ ଏହିଭଳି ଭାଗ୍ୟ ସମସ୍ତଙ୍କର ହୋଇନଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିଛି ଏପରି କିଛି ଦୋକାନ ରହିଛି, ଯେଉଁଠି ଦିନ ସାରା ବସିବା ପରେ ମଧ ଗ୍ରାହକ ଦୋକାନକୁ ଆସିନଥାନ୍ତି । ଏପରି କ୍ଷେତ୍ରରେ ହୁଏତ ଦୋକାନରେ କିଛି ବାସ୍ତୁ ଦୋଷ ଥାଇପାରେ । ଆଜି ଆମେ ଆପଣଙ୍କୁ କିଛି ଉପାୟ ବିଷୟରେ କହିବୁ, ଯାହାକୁ ଫଲୋ କଲେ ଦୋକାନ କରି ଆପଣ ହୋଇଯିବେ ମାଲାମାଲ ।**

୧-ବାସ୍ତୁ ଅନୁଯାୟୀ, ଯେଉଁ ଦୋକାନର ମୁହଁ ପୂର୍ବ ଦିଗକୁ ହୋଇଥାଏ, ତାହା ସବୁଠୁ ଅଧିକ ଲାଭ ଦେଇଥାଏ । ଏହି ଦୋକାନର ଆୟ ବହୁତ ଭଲ ହୋଇଥାଏ । ସେହିପରି ଦକ୍ଷିଣ ମୁହାଁ ଦୋକାନ କେବେ ବି ଭଲ ଲାଭ ଦେଇ ପାରି ନଥାଏ ।

୨-ଦୋକାନ ମାଲିକ ଅଥବା ସେଠାରେ କାମ କରୁଥିବା ସେଲ୍ସ ମ୍ୟାନ୍ ଯେବେ ବି ଅଫିସରେ କାମ କରନ୍ତି, ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ହେବା ଉଚିତ ।

୩-ଯେଉଁ ଦୋକାନ ଆକାର ଆଗକୁ ଅଧିକ ସମ୍ପ୍ରସାରିତ ହୋଇଥାଏ, ଓ ପଛକୁ କମ୍ ଜାଗା ଥାଏ କିମ୍ବା ବିପରୀତ ହୋଇଥାଏ, ତା' ହେଲେ ଏହାକୁ ଶୁଭ ବୋଲି ଧରା ଯାଇ ନ ଥାଏ । ଦୋକାନ ଯଦି ବର୍ଗାକାର କିମ୍ବା ଆୟତକାର ଥିବ, ତା' ହେଲେ ଏହାକୁ ବେପାର ଲାଗି ଶୁଭ ବୋଲି ଧରା ଯାଇଥାଏ ।

୪-ବାସ୍ତୁ ଅନୁଯାୟୀ, ନିଜ ଦୋକାନର ଅଳିଆ କେବି ବି ଅନ୍ୟ ଦୋକାନ ସମ୍ମୁଖରେ ପକାନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ଉନ୍ନତି ବାଧାପ୍ରାପ୍ତ ହେବ ।

୫- ଦୋକାନ ପାଖରେ ଥିବା ସାମୂହିକ ଜାଗାରେ ମଧ ଅଳିଆ ଗଦା କରନ୍ତୁ ନାହିଁ । ଏହାଦ୍ୱାରା ସେହି ଜାଗାରେ ଥିବା ସମସ୍ତ ଦୋକାନ ମାଲିକ ଆଶାନୁରୂପ ସଫଳତା ପାଇ ପାରି ନ ଥାନ୍ତି ।

୬-ଦୋକାନରେ ବସିବା ସମୟରେ ସବୁବେଳେ ଆପଣ ପୂର୍ବ ଦିଗରେ ବସନ୍ତୁ । ଯେପରି ଆପଣଙ୍କ ମୁହଁ ଉତ୍ତର ଦିଗକୁ ରହିବ । ଏହାଦ୍ୱାରା ଆଶାତୀତ ଲାଭ ହେବ ।



# ଅମୃତଭଣ୍ଡା ହାଲ୍ୱା

### ଆବଶ୍ୟକ ସାମଗ୍ରୀ :

କଞ୍ଚା ଅମୃତଭଣ୍ଡା, କ୍ଷୀର, କଟା ଆଲମଣ୍ଡ, ଚିନି, ଗୁଆ ଘିଅ, କାଜୁ, କିସ୍‌ମିସ୍ ଓ ଗୁଜୁରାତି

### ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ ଅମୃତଭଣ୍ଡାକୁ ଭଲ ଭାବେ ଧୋଇ ଚୋପା ଛଡ଼ାଇ ଏକ ପାତ୍ରରେ ରଖି ଦିଅନ୍ତୁ । ଏହାପରେ ଅମୃତଭଣ୍ଡାକୁ ଭଲ ଭାବେ କୋରି ଦିଅନ୍ତୁ । ତା'ପରେ କରେଇରେ ଗୁଆ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହୋଇଗଲା ପରେ କୋରା ହୋଇଥିବା ଅମୃତଭଣ୍ଡାକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ ।

ଏହା ଟିକେ ଭାଜି ହୋଇ ଆସିଲେ, ଏଥିରେ କ୍ଷୀର ପକାଇ ଦିଅନ୍ତୁ । ତା'ପରେ ଏହାକୁ ଭଲ ଭାବେ ଗୋଳାଇ ଦିଅନ୍ତୁ । କ୍ଷୀର ଫୁଟିଗଲେ, ସେଥିରେ ଚିନି ପକାନ୍ତୁ । ଏହାପରେ ସେଥିରେ ଗୁଜୁରାତି ଗୁଣ୍ଡ, କଟା କାଜୁ ଓ କିସ୍‌ମିସ୍ ପକାନ୍ତୁ । ଏହାପରେ ଏହି ମିଶ୍ରଣକୁ କିଛି ସମୟ ଅଳ୍ପ ଆଞ୍ଚରେ ରଖି ଧିରେ ଧିରେ ଗୋଳାନ୍ତୁ । ହାଲୱା ଟିକେ ଶୁଖିଲା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ସେଥିରେ କଟା ଆଲମଣ୍ଡ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅମୃତଭଣ୍ଡା ହାଲ୍ୱା ।



# ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

**ଶୀର୍ଷାଷନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଦ୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୫ ଫେବୃଆରୀ ୨୦୨୩, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ...

ବର୍ତ୍ତମାନ ପ୍ରାକୃତିକ ବା ଅପେକ୍ଷା କୃତ୍ରିମ ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଚର୍ଚ୍ଚା ଅଧିକ । ନିଜ ଉପରୁ କେତେକ କାମର ବୋଝ ହଟାଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବଳରେ ମଣିଷ ହାସଲ କରିଥିବା ଏହି ଏଆଇକୁ କାମରେ ଲଗାଇ ନିଜେ ନିରାପଦ ସୁଖୀ ଜୀବନଟିଏ ବିତାଇବା ସହିତ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଜୀବନକୁ ଅଧିକ ସୁଖଦ ଏବଂ ଜ୍ଞାନପୂର୍ଣ୍ଣ କରିବାକୁ ପ୍ରୟାସ ଚଳାଇଛି । ଏହି କ୍ରମରେ ଯୁଦ୍ଧକ୍ଷେତ୍ର ହେଉ କି ଅନ୍ୟାନ୍ୟ ସାଂସାରିକ କାମରେ ପ୍ରୟୋଗ ଆରମ୍ଭ ହୋଇଛି ଏଆଇର, କାରଣ ଏହା ଯଥେଷ୍ଟ କଠିନ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହୋଇ ସେସବୁର ସମାଧାନ କରି ପାରିବ, ସୂକ୍ଷ୍ମାତିସୂକ୍ଷ୍ମ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ ପାରିବ, ଏବଂ ଆଧୁନିକ ଶ୍ରମ ଶକ୍ତି ଅପେକ୍ଷା ଅଧିକ ଅନ୍ୟାନ୍ୟ ସାଂସାରିକ କାର୍ଯ୍ୟଗୁଡ଼ିକ କରି ପାରିବ । କିନ୍ତୁ ଏଆଇ ପ୍ରଯୁକ୍ତିକୁ ଯେତେବେଳେ ସାମରିକ ଉଦ୍ଦେଶ୍ୟଗୁଡ଼ିକ ପାଇଁ ବ୍ୟବହାର କରାଯିବ, ସେତେବେଳେ ଏହା ସାଙ୍ଗେ ଜଡ଼ିତ ଉତ୍କଣ୍ଠାର ସାବଧାନତାରେ ସଂସ୍କାର ଅଣାଯିବ କି ? ଗତ ସପ୍ତାହରେ ଏହି ପ୍ରଶ୍ନ ନେଦରଲ୍ୟାଣ୍ଡସ୍‌ରେ ଅନୁଷ୍ଠିତ ଏକ ସମ୍ମିଳନୀରେ ବିତର୍କର କେନ୍ଦ୍ରବିନ୍ଦୁ ସାଜିଥିଲା ଯେ ଯୁଦ୍ଧ କ୍ଷେତ୍ରରେ ଏଆଇର ବ୍ୟବହାର ଉପରେ କିଛି ପ୍ରତିବନ୍ଧକ ଲଗାଯିବାର ଆବଶ୍ୟକତା ରହିଛି କି ନାହିଁ । ଅନେକ ଦୃଷ୍ଟିରୁ ଏ ପ୍ରଶ୍ନ ପଚରାଯିବା ତା'ର ଯଥାର୍ଥତା ହରାଇ ସାରିଛି; ଏଥିପାଇଁ ଯଥେଷ୍ଟ ବିଳମ୍ବ ହୋଇ ସାରିଛି । କାରଣ ରୁଷିଆର ୟୁକ୍ରେନ୍ ବିରୁଦ୍ଧରେ ଯୁଦ୍ଧ ଏଆଇ-ପରିଚାଳିତ ଯୁଦ୍ଧାସ୍ତ୍ର ଏବଂ ଉପକରଣଗୁଡ଼ିକର ଏକ ପରୀକ୍ଷାଗାର ପାଲଟି ସାରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଇତ୍ୟବସରରେ ୟୁକ୍ରେନ୍ ମଧ୍ୟ ମାନବ ବିହୀନ, ସ୍ୱପରିଚାଳିତ ଜଳଯାତ୍ରାକାରୀ ଡ୍ରୋନ୍‌ଗୁଡ଼ିକୁ ବ୍ୟବହାର କରିଛି, ଅନ୍ତତଃପକ୍ଷେ ରୁଷିଆର କୃଷ୍ଣ ସାଗରର ନୌଭେଳା ଉପରେ ଏକ ଅତ୍ୟନ୍ତ ସାହସିକ ଆକ୍ରମଣ କରିବାକୁ । ଏଆଇ ଆଧାରିତ ସଫ୍ଟୱେର ମଧ୍ୟ ଏହାର ଶତ୍ରୁର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖୁ ସେହି ଅନୁସାରେ ପଦକ୍ଷେପ ନେବାରେ ୟୁକ୍ରେନ୍‌କୁ ସାହାଯ୍ୟ କରିଛି । ଏଥିରେ ବିସ୍ମିତ ହେବାର ସେପରି ବିଶେଷ କିଛି ନାହିଁ । କାରଣ, ବିଶ୍ୱର ପ୍ରମୁଖ ସାମରିକ ବାହିନୀଗୁଡ଼ିକ ବେଶ୍ କିଛି ବର୍ଷ ହେବ ସ୍ୱପରିଚାଳିତ ଅସ୍ତ୍ରଶସ୍ତ୍ରଗୁଡ଼ିକ ବିକଶିତ କରି ଆସୁଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍ ବିଶାଳକାୟ ମାନବ ବିହୀନ ଯୁଦ୍ଧ ପୋତମାନ ନିର୍ମାଣ କରି ସାରିଛନ୍ତି ଯେଉଁଗୁଡ଼ିକ ବହୁ ଦୂର ପଥ ପର୍ଯ୍ୟନ୍ତ ଯାତ୍ରା କରିବାକୁ ସମର୍ଥ ହୋଇଥିବା ସଙ୍ଗେ ସଙ୍ଗେ କ୍ଷେପଣାସ୍ତ୍ର ପ୍ରୟୋଗ କରିବାରେ ସକ୍ଷମ । ସେହିପରି ଅନେକ ଦେଶର ସାମରିକ ବିଭାଗ ଯୁଦ୍ଧ କ୍ଷେତ୍ରରେ ବ୍ୟବହାର ହେବା ଭଳି ଭୂଭାଗରେ ଚାଲି ପାରୁଥିବା ମାନବ ବିହୀନ ଯାନବାହନ ଓ ରୋବୋଟ ସୈନିକ ପ୍ରସ୍ତୁତ କରିଛନ୍ତି । ଏଭଳି ମାନବ ବିହୀନ ଏବଂ ସ୍ୱପରିଚାଳିତ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା ବିକାଶ କରିବାର ସୁବିଧା ସୁଯୋଗଗୁଡ଼ିକ ଅତ୍ୟନ୍ତ ସୁସ୍ପଷ୍ଟ : ଏଗୁଡ଼ିକ ସୈଦ୍ଧାନ୍ତିକ ରୂପରେ ସେହିସବୁ କରିବେ ଏବଂ ବିତୃଷ୍ଣା, କ୍ରୋଧ ବା ନିରାଶା ଭାବ ଯେଉଁସବୁ ମାନବୀୟ ତ୍ରୁଟିଗୁଡ଼ିକ କରିବାର ବିପଦ ବହନ କରି ଆଣିଥାନ୍ତି, ସେଗୁଡ଼ିକୁ ଦୂର କରିବ । ଯୁଦ୍ଧ ସହିତ ଜୀବନ ମରଣର ପ୍ରସଙ୍ଗ ଜଡ଼ିତ ରହିଥିବା ବେଳେ ଏହା ନିର୍ଭର କରିଥାଏ ମାନବୀୟ ବିଚାରବୋଧ ଉପରେ ଯାହା ନୈତିକ, ଆଇନଗତ ଏବଂ କୌଶଳଗତ ପରିଣତି ସହିତ ସମ୍ପୃକ୍ତ ରହିଥାଏ । ପରନ୍ତୁ, ଏଆଇ-ପରିଚାଳିତ ଯୁଦ୍ଧରେ ଏହାର ସ୍ଥାନ ନଥାଏ । ଯଦି ଗୋଟିଏ ମାନବ ବିହୀନ ଯୁଦ୍ଧ ଜାହାଜ ଅନେକ ସଂଖ୍ୟକ ନିରୀହ ସାଧାରଣ ଲୋକଙ୍କ ଜୀବନ ନେଇଯାଏ, ତା'ହେଲେ ଏଭଳି ଏକ ଯୁଦ୍ଧ ଅପରାଧ ପାଇଁ କିଏ ଦାୟୀ ହେବ ? ସାମରିକ ନେତାମାନେ କ'ଣ ନିଶ୍ଚିତ ହୋଇ ପାରିବେ ଯେ ମେସିନ୍ ଲର୍ନିଂ ବା ଯାନ୍ତ୍ରିକ ଶିକ୍ଷଣଦ୍ୱାରା ଚାଳିତ ସ୍ୱପରିଚାଳିତ ବ୍ୟବସ୍ଥାଗୁଡ଼ିକ ଭସ୍ମାସୁର ଭଳି ନିଜ ମୁନିବମାନଙ୍କୁ ଆକ୍ରମଣ କରିବେ ନାହିଁ ବା ସେଗୁଡ଼ିକୁ ଅନ୍ୟ କେହି ଶତ୍ରୁପକ୍ଷ ଚୋରି କରି ନେଇଯିବେ ନାହିଁ ? ଏସବୁ କାରଣରୁ ତେଣୁ କେବଳ ଏଆଇ ପରିଚାଳିତ ଅସ୍ତ୍ରଶସ୍ତ୍ର ନୁହେଁ, ବରଂ ସବୁ ପ୍ରକାରର ପ୍ରଯୁକ୍ତିବିଦ୍ୟାଜନିତ ବଡ଼ ଧରଣର ଆବିଷ୍କାରର ବ୍ୟବହାର ନିମନ୍ତେ ଏକ ବିଶ୍ୱସ୍ତରୀୟ ନିୟମ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି । କହିବା ବାହୁଲ୍ୟ, ଯେଉଁ ପ୍ରଯୁକ୍ତିବିଦ୍ୟା ଯୁଦ୍ଧର ଖର୍ଚ୍ଚକୁ କମାଇବାର ସମ୍ଭାବନା ବହନ କରୁଛି ବୋଲି ବିଶ୍ୱାସ କରାଯାଉଛି, ସେହି ପ୍ରଯୁକ୍ତିବିଦ୍ୟା ମଧ୍ୟ ଖର୍ଚ୍ଚକୁ ବହୁଗୁଣରେ ବଢ଼ାଇ ଦେଇପାରେ । ଏ ତ ଗଲା ଯୁଦ୍ଧର କଥା । ଆମ ଦେଶର ବିଚାର ବିଭାଗରେ ମଧ ଏଆଇର ବ୍ୟବହାର କରିବାକୁ ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ନିଷ୍ପତ୍ତି ନେଇଛନ୍ତି । କୋର୍ଟଙ୍କର ଉଦ୍ଦେଶ୍ୟ ହେଉଛି, ଏହାଙ୍କର କାର୍ଯ୍ୟ ନିର୍ବାହରେ ସ୍ୱଚ୍ଛତା ରକ୍ଷା କରିବା ପାଇଁ ଯୁକ୍ତିଗୁଡ଼ିକର ବାସ୍ତବ ସମୟଭିତ୍ତିକ ପ୍ରତିଲିପି ପ୍ରଦାନ କରିବା । ପ୍ରଧାନ ବିଚାରପତିଙ୍କ ଭାଷାରେ, 'ଏହା କେବଳ ଆଇନଜୀବୀମାନଙ୍କୁ ନୁହେଁ, ବରଂ ଆଇନର ଛାତ୍ରଛାତ୍ରୀମାନଙ୍କୁ ସୁପ୍ରିମ୍‌କୋର୍ଟରେ କିପରି ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକ କ୍ଷେତ୍ରରେ ଯୁକ୍ତିତର୍କ ହୋଇଥାଏ, ତାହା ଜାଣିବାରେ ସାହାଯ୍ୟ କରିବ ।' କହିବା ବାହୁଲ୍ୟ, ଏଆଇର ବ୍ୟବହାର ପରେ ଏଣିକି କୋର୍ଟରେ ଉଚ୍ଚାରିତ ପ୍ରତ୍ୟେକଟି ଶବ୍ଦ ସବୁ ସମୟ ପାଇଁ ରେକର୍ଡ ହୋଇ ରହିବ । ସୂଚାଇ ଦିଆଯାଇପାରେ କି, ଏଇ ମାତ୍ର ନିକଟ ଅତୀତରେ କୋର୍ଟ ଯୁକ୍ତିତର୍କଗୁଡ଼ିକର ଟେଲିଭିଜନରେ ସିଧା ପ୍ରସାରଣ କରିବା ଭଳି ଯୁଗାନ୍ତକାରୀ ନିଷ୍ପତ୍ତି ନେଇଥିଲେ । ନ୍ୟାୟିକ ବ୍ୟବସ୍ଥା ଆମ ଦେଶରେ ଅନେକ କିଛି କରିବାର ଅପେକ୍ଷା ରଖାଯାଏ । ଆଶା କରାଯାଏ, ସର୍ବୋଚ୍ଚ ଅଦାଲତ ସେଗୁଡ଼ିକ ବାବଦରେ ମଧ୍ୟ ତ୍ୱରିତ ନିଷ୍ପତ୍ତିମାନ ନେବେ ।

## କୁମାର ମହାପାତ୍ରଙ୍କ ସ୍ମୃତିରେ ଦୁଇପଦ

### ରବି ରାଉତ



ମାତ୍ର ୫୭ଟି ବର୍ଷା, ବସନ୍ତ, ଶୀତ, ବୈଶାଖକୁ ଅତିକ୍ରାନ୍ତ କରିଥିବା ଶିଳ୍ପ ବାଣିଜ୍ୟ ସାମ୍ରାଜ୍ୟର ଶକ୍ତ ମୂଳଦୁଆ ସ୍ଥାପନ କରି ସାଫଲ୍ୟର ଶୀର୍ଷକୁ ଛୁଇଁ ଦେବାର ସ୍ପର୍ଦ୍ଧା ରଖିଥିବା ଆମ ସମସ୍ତଙ୍କର ଅତି ପ୍ରିୟ ବନ୍ଧୁ କୁମାର ମହାପାତ୍ର ଇହଧାମରେ ନାହାଁନ୍ତି । ବନ୍ଧୁ ବତ୍ସଳ ଧର୍ମପ୍ରାଣ ପରୋପକାରୀ ଅତିଥି ପରାୟଣ ଦରଦୀ ହୃଦୟ, ମିଷ୍ଟଭାଷୀ ଆକର୍ଷଣୀୟ ବ୍ୟକ୍ତିତ୍ୱ, ଚୁମ୍ବକୀୟ ଆପଣାପଣର ଅଧିକାରୀ କୁମାର ମହାପାତ୍ରଙ୍କର ଏପରି ଅକାଳ ବିୟୋଗ ହେବ - ଏକଥା ଆଜି ମଧ ଅନେକ ବିଶ୍ୱାସ କରିପାରୁ ନାହାଁନ୍ତି । ତାଙ୍କର ଉପସ୍ଥିତି ନିବିଡ଼ ଆତ୍ମୀୟତାର ଯେତିକି ସୁଗନ୍ଧ ବାଣ୍ଟୁଥିଲା, ତାଙ୍କର ଚିର ଅନୁପସ୍ଥିତି କେମିତି ଏକ ଗଭୀର ଶୂନ୍ୟତା, ମୂଲ୍ୟବାନ କୌଣସି ବସ୍ତୁ ହରାଇ ଦେଇ ଖୋଜି ପାଉ ନ ଥିବାର ନୈରାଶ୍ୟ ଭିତରକୁ ଆମକୁ ଠେଲି ଦେଉଛି ।

ବାସୁଖୁଣ୍ଟା ଭଳି ତତ୍କାଳିନ ଅନଗ୍ରସର ଅବହେଳିତ ପଲ୍ଲୀଗାଁର ଏକ ଦାରିଦ୍ର୍ୟ ପ୍ରପୀଡ଼ିତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି ଆର୍ଥିକ ଅନାଟନ ପାଇଁ ଉଚ୍ଚ ଶିକ୍ଷାରୁ ବଂଚିତ ହୋଇଥିଲେ ମଧ ପରବର୍ତ୍ତୀ କାଳରେ ନିଜ ଜନ୍ମଭୂମିରେ ଶିକ୍ଷାର ପ୍ରସାର ପାଇଁ ତାଙ୍କର ସମର୍ପିତ ମନୋଭାବ ଅନ୍ୟମାନଙ୍କୁ ଈର୍ଷଣୀୟ ଭାବେ ଚକିତ କରିଦେଇଛି । ସମ୍ମାନ, ଖ୍ୟାତି, ପ୍ରତିଷ୍ଠା ଗଗନଚୁମ୍ବୀ ପ୍ରାଚୁର୍ଯ୍ୟ ଓ ବୈଭବ ତାଙ୍କୁ ନିଜ ମାଟି ମା'ର ମମତାରୁ ବିଚ୍ଛିନ୍ନ କରି ପାରି ନ ଥିଲା । ସମସ୍ତଙ୍କ ପାଇଁ ସେ ଥିଲେ ପୂର୍ବଭଳି ଅତି ଆଦରର "କୁମାର କିମ୍ବା କୁମାର ନନା" । ତାଙ୍କ ଆତିଥ୍ୟ ଥିଲା ଅପାଶୋରା । ସାନିଧ ଥିଲା ମହଣ ମହଣ ଆନ୍ତରିକତାର ଭରପୂର ଚନ୍ଦନର ପ୍ରଲେପ । ଚମ୍ପା ଓ ରଜନୀଗନ୍ଧାର ମହକ ।

ଆତ୍ମଭୋଳା ଧର୍ମପ୍ରାଣ ମା' ପରମବୈଷ୍ଣବୀ ଦେବୀ ଠାକୁରାଣୀଙ୍କର ଏକନିଷ୍ଠ ସେବକ ଲକ୍ଷ୍ମୀଧର ମହାପାତ୍ର ଓ ପୁନିମଣି ମହାପାତ୍ରଙ୍କ ପାଂଚ ପୁଅଙ୍କ ମଧ୍ୟରୁ ସେ ଥିଲେ ଦ୍ୱିତୀୟ । ବଡ଼ ପୁଅ କେଦାରଙ୍କ ପରେ କୁମାର, ତାଙ୍କ ପଛକୁ କିଶୋର, ଈଶ୍ୱର, ମହେଶ୍ୱର । ଆର୍ମଳା ହାଇସ୍କୁଲରୁ ମେଟ୍ରିକ ପାସ କରିବା ପରେ ପରିବାର ପ୍ରତିପୋଷଣର ଗୁରୁଦାୟିତ୍ୱ ସେ ସ୍ୱେଚ୍ଛାରେ ନିଜ ମୁଣ୍ଡ ଉପରକୁ ନେଇଥିଲେ । ଦିଲ୍ଲୀ ମହାନଗରୀରେ କିଛି କାଳ ପ୍ରବାସୀ ଜୀବନ ବିତାଇ ପତର ଓ ବାଦାମ ବ୍ୟବସାୟ କରିବା ପରେ କଲିକତାରୁ ବିଭିନ୍ନ ଯନ୍ତ୍ରାଂଶ ଆଣି ସରକାରୀ ଅଫିସମାନଙ୍କୁ ଯୋଗାଉଥିଲେ । ସେୟାର ବଣ୍ଡ ବ୍ୟବସାୟ ମଧ କରିଥିଲେ । ନାମକୁ ମାତ୍ର ସ୍ୱଳ୍ପ ପୁଞ୍ଜିରେ ଏହି ସବୁ ବ୍ୟବସାୟରେ ସଫଳତା ପାଇବା ଦିବାସ୍ୱପ୍ନ । ସୌଭାଗ୍ୟକୁ ତାଙ୍କ ଉପରେ ଶୁଭଦୃଷ୍ଟି ପଡ଼ିଥିଲା ସମ୍ପର୍କୀୟ ଭିଣୋଇ ଦାମନନାଙ୍କର । ଦିବଂଗତ ଇଞ୍ଜିନିୟର, ଠିକାଦାର, ବ୍ୟବସାୟୀ, ରାଜନେତା ହୋଟେଲ ସ୍ୱର୍ଣ୍ଣଚୂଡ଼ର ପ୍ରତିଷ୍ଠାତା ଦାମୋଦର ମହାପାତ୍ର । ତା'ପରଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି ।

ସ୍ୱର୍ଣ୍ଣଚୂଡ଼ ହୋଟେଲର ସାଧାରଣ କର୍ମଚାରୀରୁ ମ୍ୟାନେଜର ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବା ପରେ ନିଜ ଭାଇମାନଙ୍କ ସହ ମିଶି ହେମାଙ୍ଗିନୀ ହୋଟେଲକୁ ଲିଜରେ ନେଇ କିଛି ବର୍ଷ ଚଳାଇଥିଲେ । ପରେ ଷ୍ଟେସନ ଛକର ଅନତିଦୂରରେ ଆନ୍ତଃରାଜ୍ୟ ଖ୍ୟାତି ସମ୍ପନ୍ନ ହୋଟେଲ ପଂଚଜନ୍ୟ ପ୍ରତିଷ୍ଠା କରିଥିଲେ । ଏହା ପରେ ପରେ ମିତ୍ରପୁର ନିକଟରେ ଚଣ୍ଡି କ୍ରସର ପ୍ରତିଷ୍ଠା ସହିତ ଚିଙ୍ଗୁଡ଼ି ଚାଷ ପ୍ରଭୃତିରେ ସେ ମନୋନିବେଶ କରିଥିଲେ । ଏ ଥିଲା ତାଙ୍କର ବ୍ୟବସାୟିକ ଯାତ୍ରାର ସଂକ୍ଷିପ୍ତ ବିବରଣୀ । ଅନ୍ୟପକ୍ଷରେ ଅଗମ୍ୟ ବାସୁଖୁଣ୍ଟା, ବଡୁଆ, ଆର୍ମଳା ସହିତ ନରହରିପୁର, କୁଚିଳାପଦା, ବିନ୍ଧୁରିଆ, ଦିଖାପଦା, ପାହାଡ଼ପୁର, ସୋମନାଥପୁର ପ୍ରଭୃତି ଗ୍ରାମଗୁଡ଼ିକୁ ସବୁଦିନିଆ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ସେ ଅନ୍ୟମାନଙ୍କ ସହିତ ମିଶି ଆପ୍ରାଣ ଉଦ୍ୟମ କରି ସଫଳ ହୋଇଥିଲେ । ମା' ପରମ ବୈଷ୍ଣବୀ ଦେବୀ ଠାକୁରାଣୀଙ୍କର ଛୋଟ ଆସ୍ଥାନକୁ ଏକ ବିଶାଳ ମନ୍ଦିରରେ ପରିବର୍ତ୍ତନ କରିବା ସହିତ ମନ୍ଦିର ପରିସରକୁ ଏକ ଅସାଧାରଣ ସବୁଜିମା ଭରା ଆଧାତ୍ମିକ ପରିବେଶ ସମ୍ପନ୍ନ ଅଂଚଳ ଭାବେ ଗଢ଼ି ତୋଳିବାରେ ପ୍ରମୁଖ ଭୂମିକା ନେଇଥିଲେ । ବର୍ଷ ସାରା ଏହି ମନ୍ଦିରରେ ବହୁ ପର୍ବପର୍ବାଣୀ ମେଳା ମହୋତ୍ସବ ଲାଗି ରହିଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ହଜାର ହଜାର ପୂଣ୍ୟାର୍ଥୀଙ୍କର ଚର୍ଚ୍ଚା କରିବାରେ ସେ କାର୍ପଣ୍ୟ କରୁ ନ ଥିଲେ । ବାସୁଖୁଣ୍ଟା - ଆର୍ମଳା ଠାରେ କିଟ କିସ୍‌ର କର୍ଣ୍ଣଧାର ଅଚ୍ୟୁତ ସାମନ୍ତ ଓ ପୂର୍ବତନ ବିଧାୟକ ଅରୁଣ ଦେ ଙ୍କ ପ୍ରେରଣାରେ ଗଢ଼ି ଉଠିଥିବା କିସ୍, ରେମୁଣା, ବାଲେଶ୍ୱର ଆବାସିକ ବିଶାଳ ଶିକ୍ଷାନୁଷ୍ଠାନ ନିର୍ମାଣରେ କୁମାର ମହାପାତ୍ରଙ୍କର ଭୂମିକା ଥିଲା ଅଗ୍ରଗଣ୍ୟ ।

ବାଲେଶ୍ୱର ସହରରୁ ଆରମ୍ଭ କରି ନିଜ ଗାଁ ଓ ଆଖପାଖ ପଲ୍ଲୀ ପର୍ଯ୍ୟନ୍ତ କୌଣସି ସାହାଯ୍ୟ ପ୍ରାର୍ଥୀ କୁମାର ମହାପାତ୍ରଙ୍କ ଠାରୁ ରିକ୍ତ ହସ୍ତରେ ଫେରି ନାହାନ୍ତି । ତାଙ୍କ ଉଦ୍ୟମ ଓ ପ୍ରେରଣାରେ ବହୁ ଅନୁଷ୍ଠାନ ଗଢ଼ି ଉଠିଛି । ତାଙ୍କର ଆତିଥ୍ୟ ଏତେ ନିବିଡ଼ ଥିଲା ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ରାଜନେତା, ମନ୍ତ୍ରୀ, ବିଧାୟକ, ଶିଳ୍ପପତି, ବ୍ୟବସାୟୀ, ଅଭିନେତା, ଧର୍ମଗୁରୁ, ସାମ୍ବାଦିକ, ସାମାଜିକ କର୍ମୀ, ଜନପ୍ରତିନିଧିଙ୍କ ପର୍ଯ୍ୟନ୍ତ ସମସ୍ତେ, କେହିବି କୁମାର ମହାପାତ୍ରଙ୍କୁ ଭୁଲି ପାରି ନାହାଁନ୍ତି । ବ୍ୟବସାୟ ଓ ସମାଜସେବା ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରି ସେ ନିଜେ ଏକ ଅନୁଷ୍ଠାନ ପାଲଟି ଯାଇଥିଲେ । ତାଙ୍କର ପରଲୋକ ସମ୍ବାଦ ଶୁଣିବା କ୍ଷଣି ବାଲେଶ୍ୱର ଠାରୁ ଗାଁ ପର୍ଯ୍ୟନ୍ତ ଲୋକାରଣ୍ୟ ହୋଇ ଯାଇଥିଲା । ତାଙ୍କର ଶେଷ ଦର୍ଶନ ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶୁଭେଚ୍ଛୁ, ସମର୍ଥକମାନଙ୍କର ଭିଡ଼ ଲାଗି ରହିଥିଲା । ଆଖି ଲୁହରେ ଅନ୍ତରର କୋହରେ ତାଙ୍କୁ ଶେଷ ବିଦାୟ ଜଣାଇଥିଲେ ହଜାର ହଜାର ଶୁଭେଚ୍ଛୁ ସମର୍ଥକ, ଶୁଭାକାଂକ୍ଷୀମାନେ । ଆଜି କୁମାର ମହାପାତ୍ର ନାହାନ୍ତି ସତ, କିନ୍ତୁ ତାଙ୍କ ସ୍ନେହ ଶ୍ରଦ୍ଧା, ଆତ୍ମୀୟତା, ଅନ୍ତରଙ୍ଗତା ଚିର ଦିନ ପାଇଁ ଆମ ହୃଦୟରେ ଏକ ଅମଳିନ ସ୍ମୃତି ହୋଇ ରହିଯିବ ।


ସାମ୍ବାଦିକ
ସା/ପୋ.ଅ. : ବାହାଳ,
ବାଲେଶ୍ୱର-୭୫୬୦୬୦
ମୋ.-୯୪୩୮୩୨୨୨୧୪


## ପଞ୍ଚାୟତିରାଜ ବ୍ୟବସ୍ଥାରେ ଲୋକଶକ୍ତିର ଅଭ୍ୟୁଦୟ

### ବାଦଲ ଭୂୟାଁ



ଭାରତୀୟ ସମାଜ ବ୍ୟବସ୍ଥାରେ ପଞ୍ଚାୟତଗୁଡ଼ିକ ମେରୁଦଣ୍ଡ ସଦୃଶ ବୋଲି ବିଚାର କରାଯାଉଛି । ୧୯୪୭ରେ ଜାତିର ପିତା ମହାତ୍ମା ଗାନ୍ଧୀ ସେଥିପାଇଁ ଯଥାର୍ଥରେ କହିଥିଲେ ଯେ ଭାରତର ସ୍ୱାଧୀନତା ତୃଣମୂଳ ସ୍ତରରୁ ଆରମ୍ଭ ହେଉ ଏବଂ ପ୍ରତ୍ୟେକ ଗ୍ରାମକୁ ସାଧାରଣତନ୍ତ୍ର ବା ପଞ୍ଚାୟତରେ ପରିଣତ କରାଯାଇ ସେମାନଙ୍କ ହାତରେ କ୍ଷମତା ଦିଆଯାଉ । ଭାରତରେ ବହୁ ପରୀକ୍ଷା ନିରୀକ୍ଷା ପରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା । ମାତ୍ର ଏ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଗାମୀ ରାଜ୍ୟ ଭାବେ ଗୌରବ ଅର୍ଜନ କରିଛି । ସ୍ୱାଧୀନତାପ୍ରାପ୍ତିର ପରବର୍ଷ ଅର୍ଥାତ୍ ୧୯୪୮ରେ ଓଡ଼ିଶା ସରକାର ଗ୍ରାମପଞ୍ଚାୟତ ଆଇନ୍ ପ୍ରଣୟନ କରିଥିଲେ । ସେହି ଆଇନ୍ ବଳରେ ଓଡ଼ିଶାରେ ଗ୍ରାମପଞ୍ଚାୟତଗୁଡ଼ିକର ନୀତି ନିୟମ, କ୍ଷମତା ଓ କାର୍ଯ୍ୟପ୍ରଣାଳୀ ନିର୍ଦ୍ଧାରିତ ହୋଇଥିଲା ।

୧୯୯୨ରେ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବାବେଳେ ପଞ୍ଚାୟତ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାକୁ ସେ ଚାହିଁବାରୁ ପ୍ରଥମେ ପଞ୍ଚାୟତଗୁଡ଼ିକର ପୁନର୍ଗଠନ କରାଯାଇଥିଲା । ତାହାର ଦଶବର୍ଷ ପରେ ୨୦୦୨ରେ ପଞ୍ଚାୟତ ଗୁଡ଼ିକୁ ଆଉ ଥରେ ପୁନର୍ଗଠନ କରାଯାଇ ଓଡ଼ିଶାରେ ଗ୍ରାମପଞ୍ଚାୟତଗୁଡ଼ିକର ସଂଖ୍ୟା ୫୨୫୪ରୁ ୬୨୩୪କୁ ବୃଦ୍ଧି କରାଯାଇଥିଲା ଯାହା ବର୍ତ୍ତମାନ ୨୦୧୨ ମସିହାରେ ୬୨୩୬କୁ ପୁର୍ନବୃଦ୍ଧି କରାଯାଇଅଛି । ୧୯୯୬ରେ ଓଡ଼ିଶାରେ ଅନୁସୂଚିତ ଅଞ୍ଚଳମାନଙ୍କରେ ପଞ୍ଚାୟତ ସଂପ୍ରସାରଣ ଆଇନ୍, ୧୯୯୬ (ପେସା) କାର୍ଯ୍ୟକାରୀ ହୋଇଥିଲା । ଫଳରେ ଅନୁସୂଚିତ ଅଞ୍ଚଳର ସମସ୍ତ ପଞ୍ଚାୟତିରାଜ ଅନୁଷ୍ଠାନର ଅଧ୍ୟକ୍ଷ ପଦବୀ ଜନଜାତି (ଆଦିବାସୀ)ଙ୍କ ନିମନ୍ତେ ସଂରକ୍ଷିତ ରହିବା ସମ୍ଭବ ହେଲା । ସମ୍ବିଧାନ ୭୩ତମ ସଂଶୋଧନ ଅନୁଯାୟୀ ପଞ୍ଚାୟତ ଗୁଡ଼ିକ ସ୍ୱୟଂଶାସିତ ଅନୁଷ୍ଠାନରେ ପରିଣତ ହୋଇଛନ୍ତି ଏବଂ ସମ୍ବିଧାନର ଏକାଦଶ ଅନୁସୂଚୀ ଅନୁଯାୟୀ ୨୪୩ (ଜି) ସଂଶୋଧନ ଦ୍ୱାରା ୨୯ଟି ବିଷୟରେ ରାଜ୍ୟ ବିଧାନସଭା, ଆଇନ ପ୍ରଣୟନ କରି ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର କରାଯିବା ପ୍ରକ୍ରିୟା ଜାରି ରଖିଛନ୍ତି ।

ପଞ୍ଚାୟତିରାଜ ବ୍ୟବସ୍ଥାରେ ଲୋକଶକ୍ତିର ଅଭ୍ୟୁଦୟ ତଥା ସହଭାଗୀତାକୁ ସୁନିଶ୍ଚିତ କରାଇବା ପାଇଁ ପଲ୍ଲୀସଭା ଓ ଗ୍ରାମସଭାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଗ୍ରାମାଞ୍ଚଳରେ ସରକାରୀ ଯୋଜନା କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ କ୍ଷେତ୍ରରେ ପଲ୍ଲୀସଭା ଓ ଗ୍ରାମସଭା ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ଅନ୍ୟ ଭାଷାରେ କହିବାକୁ ଗଲେ, ଲୋକମାନଙ୍କ ନିକଟରେ ସରକାରୀ ସୁବିଧା ସୁଯୋଗ ପହଞ୍ଚାଇ ସେମାନଙ୍କର ଓ ଗ୍ରାମାଞ୍ଚଳର ସମୂହ ବିକାଶ ସାଧନର ଏକ ବଳିଷ୍ଠ ଆୟୁଧ ହେଉଛି ଏହି ଗ୍ରାମସଭା । ସ୍ୱାୟତ୍ତ ଶାସନ ଏବଂ ଗ୍ରାମପଞ୍ଚାୟତର ସ୍ୱଚ୍ଛ ଓ ଦାୟିତ୍ୱ ସହ କାର୍ଯ୍ୟ ସଂପାଦନାରେ ଏହା ମୁଖ୍ୟ ସାଧନ ଅଟେ । ଏହା ଏଭଳି ଏକ ମଞ୍ଚଯାହା ପ୍ରତ୍ୟକ୍ଷ ଅଂଶ ଗ୍ରହଣ ଭିତ୍ତିକ ଗଣତନ୍ତ୍ର ବ୍ୟବସ୍ଥାକୁ ସୁନିଶ୍ଚିତ କରାଇଥାଏ । ଏହା ଦରିଦ୍ର, ଉପେକ୍ଷିତ ତଥା ମହିଳା ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ନିଜର ମତପ୍ରଦାନ ତଥା ପଞ୍ଚାୟତଦ୍ୱାରା ପ୍ରସ୍ତାବିତ ଯୋଜନାଗୁଡ଼ିକର ସମୀକ୍ଷା, ପ୍ରତ୍ୟାଖ୍ୟାନ ବା ଗ୍ରହଣ କରିବା ପାଇଁ ସମାନ ସୁଯୋଗ ଦେଇଥାଏ । ସ୍ଥାନୀୟ ସ୍ୱଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ହେଲେ ଏକ ସ୍ୱଚ୍ଛ କାର୍ଯ୍ୟକ୍ଷମ ହିଁ ଗ୍ରାମସଭା । ପ୍ରତ୍ୟେକ ଗ୍ରାମବାସୀଙ୍କୁ ନିଜ ଗ୍ରାମରେ ବିକାଶ ପାଇଁ ଯୋଜନା କରିବାକୁ ଓ ସେ ସମ୍ବନ୍ଧିତ ନିଷ୍ପତ୍ତି ନେବାକୁ ତାହା ସୁଯୋଗ ଦେଇଥାଏ । ଗ୍ରାମସଭା ଦ୍ୱାରା ସ୍ୱଶାସନ ବ୍ୟବସ୍ଥା ଓ ସାମାଜିକ ସମୀକ୍ଷା ପଞ୍ଚାୟତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କ୍ଷମତାପନ୍ନ କରିପାରିବ । ଏହା ପ୍ରଶାସନିକ ସଂସ୍କାର କମିଶନଙ୍କ ଦ୍ୱିତୀୟ ରିପୋର୍ଟରେ କୁହାଯାଇଅଛି ।

୨୦୦୮ ମସିହାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଅଭିଭାଷଣ ଦେବା ଅବସରରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱୀକାର କରିଥିଲେ ଯେ ଗ୍ରାମସଭା ଦ୍ୱାରା ପଞ୍ଚାୟତର ସମୀକ୍ଷା, ଶାସନ ବ୍ୟବସ୍ଥାକୁ ନାଗରିକଙ୍କୁ ଉତ୍ତରଦାୟୀ କରିଥାଏ । ଆଜିର ବିକଶିତ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୁକ୍ତ ବ୍ୟବହାର ଦ୍ୱାରା ପଞ୍ଚାୟତ ବ୍ୟବସ୍ଥାକୁ ଅଧିକ କାର୍ଯ୍ୟକ୍ଷମ କରାଇବାର ସୁଯୋଗ ଆସିଛି । ଏହି ସୁଯୋଗର ଉପଯୁକ୍ତ ବିନିଯୋଗ ଓ ବିସ୍ତାର କରାଯିବା ଅତି ଆବଶ୍ୟକ । ଗତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ହାରାହାରି ୭୦ ଭାଗରୁ ଅଧିକ ମତଦାନ ଯଥାର୍ଥରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲୋକମାନଙ୍କର ଆସ୍ଥା ଓ ଭରସାକୁ ପ୍ରମାଣିତ କରାଇଛି । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବିଚ୍ଛିନ୍ନବାଦୀ ସଂସ୍ଥାମାନଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ନିର୍ବାଚନ ବର୍ଜନ ଆହ୍ୱାନକୁ ପୁରପଲ୍ଲୀର ଜନବାସୀ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ।

ପଲ୍ଲୀସଭା ତଥା ଗ୍ରାମସଭାକୁ ପ୍ରଭାବଶାଳୀ କରିବା ପାଇଁ ସ୍ଥାନୀୟ ଲୋକମାନଙ୍କର ଅଂଶଗ୍ରହଣ ଓ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସଂଶ୍ଲିଷ୍ଟ ହେବା ନିହାତି ଆବଶ୍ୟକ । ଦାରିଦ୍ର୍ୟ ଦୂରୀକରଣ ଓ ବିକାଶ ମୂଳକ କାର୍ଯ୍ୟକ୍ରମ ତଥା ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଗୁଡ଼ିକର ପ୍ରକଳ୍ପ ଚୟନ ଠାରୁ ଆରମ୍ଭ କରି ହିତାଧିକାରୀ ଚୟନ ପର୍ଯ୍ୟନ୍ତ ପଲ୍ଲୀସଭା ଓ ଗ୍ରାମସଭାର ଭୂମିକା ନିଶ୍ଚିତ ଭାବରେ ଦୃଷ୍ଟାନ୍ତକାରୀ ହେବା ଉଚିତ୍ । ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଲୋକତନ୍ତ୍ର ପ୍ରତିଷ୍ଠା - ଏହି ଦୁଇଟି ଅନୁଷ୍ଠାନରେ ଜନସହଭାଗୀତା ଉପରେ ନିର୍ଭର କରେ । ବିଶେଷ କରି ପଞ୍ଚାୟତିରାଜ ଅନୁଷ୍ଠାନରେ ପ୍ରଚଳିତ ୫୦ ଭାଗ ମହିଳା ସଂରକ୍ଷଣ ବ୍ୟବସ୍ଥା ନିଶ୍ଚିତ ଭାବରେ ଅବହେଳିତ ମହିଳା ଓ ଶିଶୁବର୍ଗମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହେବ । ଆମକୁ ନିଶ୍ଚିତ କରିବାକୁ ହେବ ପଲ୍ଲୀସଭା ଓ ଗ୍ରାମସଭାରେ ସ୍ୱାର୍ଥନ୍ୱେଷୀ ଗୋଷ୍ଠୀମାନଙ୍କର ଭୂମିକାକୁ ପ୍ରତିହତ କରିବାକୁ ହେଲେ ପଞ୍ଚାୟତର ଅଧିବାସୀମାନେ ବିପୁଳ ସଂଖ୍ୟାରେ ପଲ୍ଲୀସଭା ଓ ଗ୍ରାମସଭାରେ ଉପସ୍ଥିତ ରହି ନିଜ ଅଞ୍ଚଳର ଅର୍ଥନୈତିକ ବିକାଶ ଓ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରାଇବେ । ଓଡ଼ିଶାକୁ ଏକ ସମୃଦ୍ଧଶାଳୀ ରାଜ୍ୟରେ ଗଢ଼ି ତୋଳିବାକୁ ହେଲେ ଦାରିଦ୍ର୍ୟ ଓ ବେକାରୀକୁ ଦୂର କରିବାକୁ ହେବ । ଏଥିପାଇଁ ପଞ୍ଚାୟତିରାଜ ବ୍ୟବସ୍ଥା ସଶକ୍ତ, ସକ୍ରିୟ ଓ ଗତିଶୀଳ ହେଲେ ସୁଶାସନର ଫଳ ଲୋକଙ୍କ ପାଖରେ ପହଞ୍ଚିବା ସହିତ ମହାତ୍ମା ଗାନ୍ଧି ଓ ବିଜୁବାବୁଙ୍କର ସ୍ୱପ୍ନ ଚରିତାର୍ଥ ହୋଇପାରିବ ।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨





## ବାଦଲଙ୍କ ଅପୂର୍ବ ମେଳମାଳ

### ପ୍ରଶ୍ନ କୁମାର ଶତପଥୀ



ଦିନ ଦ୍ୱିପ୍ରହର ପରେ ପରେ
ବିବସ୍ୱାନ୍ ଆକାଶରେ
ଚୌହଦୀସାରା ବିବଶ ମଳିନ
ବାଦଲ,
ବାଦଲ ଦେହ ସୂର୍ଯ୍ୟନଗରୀକୁ
ଛପାଇ ଦେଇ ଜଗତେ ଭରଇ ଛାୟା
ଓ ଦୂରେ ଦେଖେ ମେଘଙ୍କ କନ୍ଦଳ ।

ଗଗନ ରାଇଜେ
ଛୋଟବଡ଼ ପ୍ରଶାଖା ଖେଳାଇ
ଉନ୍ମୁକ୍ତ ଅନାବୃତ ପ୍ରସାରିତ ଘନ
ବାଦଲ,
ଶୂନ୍ୟଯାକରେ ଭାସି ଭାସି
ବାଦଲ ଚକ୍ରାନ୍ତ ରଚୁଅଛି
ବରଷା ନଝରାଇ ଦେଖ ଖାଲି
ଗୋଳମାଳ,
ପୁଣି ଚାରିପଟରୁ ଧାଇଁ ଧାଇଁ
ଆକାଶର ଗୋଟିଏ ପାଖେ
ସବୁଜ ସୁନ୍ଦର ଗଛବୃଛ ପାଶେ
ବାଦଲ ବାଦଲଙ୍କର ଅପୂର୍ବ
ମେଳମାଳ ।


+ ଦୁମାଡ଼ିହି, ଜାମଦା, ମୟୂରଭଞ୍ଜ


## ବୋଉ ତୁ ଆଉ କାନ୍ଦନା

### ବିକାଶ ନାୟକ



କେବେ ଭୁଲି ମୁଁ ପାରୁନି
ବାପାଙ୍କ କାନ୍ଧରେ ବସିବା
ବାପାଙ୍କ ସାଥିରେ ଖେଳିବା କଥା

ବାପା ଏକା କରି ଦିନେ
ଚାଲିଗଲେ ଅଫେରା ରାଇଜକୁ ।
ବାପାଙ୍କ ମନରେ ଥିଲା
କେତେ ଅସୁମାରୀ ସ୍ୱପ୍ନ ।
ପୁଅ ମୋର ବଡ଼ ଅଫିସର ହେବ
ମୋ ମନରେ ମଧ ଥିଲା
ଆଞ୍ଜୁଳାଏ ଅସରନ୍ତି ଆଶା ।

ବାପା ଚାଲିଯିବା ଦିନଠୁ
ବୋଉ ତୁ ବାପାଙ୍କ ସ୍ନେହ ଦେଇଛୁ
ନିଜ କୋହକୁ ହୃଦୟେ ଚାପି ।
ଅଭାବର ଅନୁଭବ କେବେ ଦେଇନୁ
ବାର ଦ୍ୱାରେ କେତେ କାମ କରିଛୁ ।

ବାପା ଯିବା ଅନ୍ତେ ବାହାରିଗଲୁ
ସ୍କୁଲ ରୋଷେଇ କରିବା ପାଇଁ ।
ଧାନ କାଟିବା ପାଇଁ ।
ଲୋତକ ଭରା ଆଖିରେ
ଆଞ୍ଜୁଳାଏ ସ୍ୱପ୍ନକୁ କେବଳ
ବାସ୍ତବରେ ଦେଖିବା ପାଇଁ ।

ବାପାଙ୍କ ସ୍ୱପ୍ନକୁ ମନେ ପକେଇ
ଆଜି କ'ଣ ଯେ କାନ୍ଦୁଛୁ !
ଏ ତ ଭାଗ୍ୟର ବିଡମ୍ବନା
ପୁଅ ତୋର ବଡ଼ ଅଫିସର ହେବ
ବଡ଼ ମଣିଷ ହେବ ।
ବୋଉ ତୁ ଆଉ କାନ୍ଦନା
ବୋଉ ତୁ ଆଉ କାନ୍ଦନା ।


+ କଇଁପୁର, ଜାମଦା, ମୟୂରଭଞ୍ଜ
ମୋ: ୬୩୭୨୬୪୬୭୧୦


## ନାରୀ ବିନା

### ରତ୍ନାକର ରାଉତ



ଅନେକ କୁହନ୍ତି
ମହମ ମୂର୍ତ୍ତିକୁ ଭଲ ପାଇଲେ କାଳ
କେତେବେଳେ ତରଳିଯାଇ ବହିଯିବ
ତାର ଚିହ୍ନବର୍ଣ୍ଣ ରହିବନି
କେବଳ ପଶ୍ଚାତାପ କରୁଥିବ
ଝୁରି ହେଉଥିବ ।

କିଏ କହେ ସେ ନିଆଁ
ତାକୁ ଛୁଇଁଲେ ହାତ ପୋଡ଼ିଯିବ
ତାକୁ କୋଳେଇଲେ ଜଳିଯିବ ସତ୍ତା
ତା' ସହିତ ସଂପର୍କ ଯୋଡ଼ିଲେ
ସେ ପତଙ୍ଗ ପରି
ତୁମକୁ ଓଟାରିନେବ ତା' କୋଳକୁ
ପୋଡ଼ି ପାଉଁଶ ହେବା ସାର ହେବ
ଅବଶେଷରେ ।

ଆଉ କିଏ କିଏ କହନ୍ତି
ସେ ନରକର ଦ୍ୱାର
ତୁମେ କୀଟ ହେଲେ ହେଁ ଯାଇ
ଭେଦି ପାରିବ ସେ ଦ୍ୱାର
ତା' ସଂସ୍ପର୍ଶରେ ଆସିଲେ
ରସାତଳକୁ ଯିବ
ହଜିଯିବ ନିଜର ପରିଚୟ
କେବଳ ନର୍ଦ୍ଦମା ଭିତରେ
ବୁଡ଼ି ଉଠି ଘାଣ୍ଟିହେବ ଆଜୀବନ ।

ମାତ୍ର ଯିଏ ବୁଝିଛି ଅସଲରେ
ଏ ସୃଷ୍ଟିର ମାହାତ୍ମ୍ୟ ଓ ଭେଦ
ସେ କହେ,
ଯିଏ ଯାହା କହୁ
ହୁଏତ ସେମାନେ ରଖୁଛନ୍ତି
ତାଙ୍କ ନିଜ ନିଜର ବିଚାର

ଯେ ତ' ଆପଣା ଆପଣାର ଦୃଷ୍ଟିକୋଣ
ଓ ବ୍ୟକ୍ତିଗତ ଅନୁଭବ,
କିନ୍ତୁ ଏହା ଅଜଣା ନୁହେଁ
ସେ ସୃଷ୍ଟି ସଂରଚନାର ଆଧାର,
ତାର ମୂଳାଧାର
ପ୍ରେମର ପ୍ରତିମା
ସ୍ନେହ, ମମତାର ପ୍ରତିକୃତି
ଅମୃତର ପସରା
ଜୀବନକୁ ଜିଏଇଁ ରଖିବାର ପହିଲି ଉତ୍ସ
ପ୍ରୀତି ପ୍ରଣୟର ପାରାବାର
ପ୍ରତିଲୋମ କୂପରେ ଯାହାର ପ୍ରବାହିତ
ପ୍ରେମର ମନ୍ଦାକିନୀ ଧାର
ଓ ଜୀବକୋଷରେ ସୁହାଗ,
ସଂପ୍ରୀତିର ନିର୍ଝର ।

ତା ବିନା ପୁରୁଷ ଅସାର
ସେ ପ୍ରକୃତି, ବହୁବର୍ଣ୍ଣା
ବହୁ ରଂଗ, ରୂପ ଓ ବିଭବରେ
ପରିପୂର୍ଣ୍ଣ
ସେ କାମନା, କାମରେ କୁଶଳା
ପୁଣି ସେ କାମର ସାନ୍ତ୍ୱନା,
ସେ ଶକ୍ତି, ଶକ୍ତି ସ୍ୱରୂପିଣୀ
ସର୍ବଂ ସହା ଧରିତ୍ରୀ ଭଳି ସହିଥାଏ
ସକଳ ଗଂଜଣା,
ସେ ମୋହ ମାୟା
ରଚିପାରେ ମାୟାମରୀଚିକା
ମୋହର ମୋଦକ ଖୁଆଇ କରେ
ଆକର୍ଷଣ, ପୁରୁଷକୁ ବାଂଧିରଖେ
ପରିବାର ପଂଜୁରି ଭିତରେ,
ଆଉ କେବେ କେବେ
ସାଜିଥାଏ ଦଶଭୁଜା
ବିନାଶର ଧାତ୍ରୀ ।

ଦୁଇ କୁଳ ପାଇଁ ହିତ ଅଟଇ ଦୁହିତା
ଜନନୀ, ଭଗିନୀ, ଜାୟା
ଅନେକ ରୂପରେ
ଉଭା ନାରୀ ଏଟଇ ଶରୀରେ
ବିରାଜିତ ଏ ସାରା ସଂସାରେ,
ନାରୀବିନା ସମ୍ଭବ କି' ସୃଷ୍ଟିର କଳ୍ପନା ?


+ ଭୁବନେଶ୍ୱର







# ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫ | ଶନିବାର, ୨୫ ଫେବୃୟାରୀ ୨୦୨୩




କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୭୭)

# ତରଣୀସେନଙ୍କ କଥା



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ରାବଣର ଅସୁରସେନା ରାମ, ଲକ୍ଷ୍ମଣ ଓ ବାନରସେନା ପାଖରେ ବାରମ୍ବାର ପରାଜିତ ହେଲାପରେ ରାବଣର ଦମ୍ଭକୁ ଧକ୍କା ଲାଗିଥିଲା। ରାବଣ ତାର ବଳଶାଳୀ ଅସୁର ସେନାପତି ମାନଙ୍କୁ ଯୁଦ୍ଧକୁ ପଠାଇଥିଲା, ମାତ୍ର ସେମାନେ ମୃତ୍ୟୁ-ମୁଖରେ ପଡ଼ିଥିଲେ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

"ଇନ୍ଦ୍ରଜିତ୍ ଦି ଦି ଥର ଯୁଦ୍ଧ କ୍ଷେତ୍ରକୁ ଯାଇ ରାମ ଲକ୍ଷ୍ମଣଙ୍କୁ ଅଚେତ କରିବାରେ ସକ୍ଷମ ହୋଇଥିଲା। ମାତ୍ର ତାର ସେ କ୍ଷମତା ନଥିଲା ଯେଉଁଥିରେ ସେ ତାଙ୍କୁ ପରାଜିତ କରି ତାଙ୍କୁ ମୃତ୍ୟୁମୁଖରେ ପକାଇ ପାରିଥାନ୍ତା। ରାବଣର ବଧ ଥିଲା ଶ୍ରୀରାମଙ୍କ ଲକ୍ଷ୍ୟ। ତେଣୁ ସେ ବ୍ରହ୍ମାସ୍ତ୍ରର ପ୍ରୟୋଗ କରି ନଥିଲେ।"

ସେହି ସମୟରେ ରାବଣ ମନକୁ ତରଣୀସେନ ଆସିଥିଲେ। ତରଣୀ-ସେନ



ଜଣେ ଈଶ୍ୱରଭକ୍ତ ଓ ବଳଶାଳୀ ବୀର ଥିଲେ। ସେ ତାଙ୍କ ପିତା ବିଭୀଷଣଙ୍କଠାରୁ ଈଶ୍ୱରଭକ୍ତି ଗୁଣ ଆଣିଥିଲେ। ପିତା ବିଭୀଷଣଙ୍କ ପରି ସେ ନୀତିବାନ ଓ ଈଶ୍ୱର ଭକ୍ତ ଥିଲେ।

ରାବଣ ତରଣୀ ସେନକୁ ଯୁଦ୍ଧକୁ ପଠାଇ ରାମ ଓ ବିଭୀଷଣଙ୍କ ମନରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚାହୁଁଥିଲେ। ତରଣୀସେନ ମହାନ୍ ଯୋଦ୍ଧା ଥିଲେ। ରାବଣ ଭାବିଥିଲା, ତରଣୀ ସେନଙ୍କ ଦ୍ୱାରା ରାମ ଓ ତାଙ୍କ ସେନାକୁ ପରାସ୍ତ କରିବ।

ରାବଣର ଡାକରା ପାଇ ତରଣୀସେନ ରାବଣ ରାଜସଭାରେ ପହଂଚିଲେ। ରାବଣ ତାର ଦୁଃଖ ଦୁର୍ଦ୍ଦଶା କଥା ବର୍ଣ୍ଣନା କଲା ଓ ତରଣୀସେନଙ୍କୁ ଯୁଦ୍ଧ କ୍ଷେତ୍ରକୁ ଯାଇ ରାମ ଓ ତାଙ୍କ ସେନାକୁ ପରାସ୍ତ କରିବାକୁ କହିଲା।

ତରଣୀ ସେନ ବେଶ ଆଗରୁ ଜାଣିଥିଲା- ଶ୍ରୀରାମ ହେଉଛନ୍ତି ଶ୍ରୀ ବିଷ୍ଣୁଙ୍କ ଅବତାର। ତେଣୁ ସେ ଯୁଦ୍ଧକୁ ଯାଇ ତାଙ୍କ ହାତରେ ମୃତ୍ୟୁ ପାଇବାକୁ ଶ୍ରେୟ ମନେ କରିଥିଲେ। ସେ ଜାଣିଥିଲେ ତାଙ୍କ ଜ୍ୟେଷ୍ଠତାତ ରାବଣ ଅନ୍ୟାୟରେ ସୀତାଙ୍କୁ ବନ୍ଦି କରି ରଖିଛନ୍ତି। ତେଣୁ ତାଙ୍କର ପରାଜୟ ଅବଶ୍ୟାମ୍ଭାବୀ। ତରଣୀ ସେନ ସଂଗେ ସଂଗେ ଯୁଦ୍ଧ କରିବାକୁ ବାହାରିଗଲେ। ରାବଣ ମନେ ମନେ ଖୁସି ହେଲା।

ତରଣୀ ସେନ ବେଶ୍ ବଳବାନ ଥିଲେ। ସେ ଚାହିଁଥିଲେ ରାମଙ୍କ ସେନାକୁ ବହୁତ କ୍ଷତି ପହଁଚାଇ ପାରିଥାନ୍ତେ। ମାତ୍ର ସେ ଶ୍ରୀରାମଙ୍କ ଦର୍ଶନ କରି ତାଙ୍କ ହାତରେ ମରିବାକୁ ଚାହୁଁଥିଲେ। ତେଣୁ ଶ୍ରୀରାମ କେଉଁଠି ଅଛନ୍ତି ବୋଲି ବାନର ସେନାଙ୍କୁ ପଚାରୁଥିଲେ।

ତରଣୀସେନ କଥାକୁ କେହି ବିଶ୍ୱାସ କଲେନି। ଏହା ରାବଣର ଏକ ଚାଲ ହୋଇଥିବ ବୋଲି ସମସ୍ତେ ଭାବିଲେ। ତରଣୀସେନ ସଂଗରେ ନୀଳ, ହନୁମାନ ଓ ଅଙ୍ଗଦ ଓ ଅନ୍ୟ ବାନର ସେନା ଯୁଦ୍ଧ କରି ପରାସ୍ତ ହୋଇଗଲେ। ତରଣୀ ସେନଙ୍କ ଏକମାତ୍ର ଲକ୍ଷ୍ୟ ଥିଲା ଶ୍ରୀରାମଙ୍କୁ ଦେଖା କରିବା। ତେଣୁ ସେ ଅତି ସହଜରେ ସମସ୍ତଙ୍କୁ ପରାସ୍ତ କରି ଶ୍ରୀରାମଙ୍କୁ ଦେଖା କରିବାକୁ ଅଗ୍ରସର ହେଲେ।

ଶେଷକୁ ତରଣୀସେନଙ୍କ ସାମ୍ନାକୁ ଆସିଗଲେ ବୀର ଲକ୍ଷ୍ମଣ। ଦୁଇ ରାମଭକ୍ତଙ୍କ ମଧ୍ୟରେ ଘୋର ଯୁଦ୍ଧ ହେଲା। ଲକ୍ଷ୍ମଣ ଯେତେ ଶକ୍ତିଶାଳୀ ଅସ୍ତ୍ର ପ୍ରହାର କଲେ ବି ତରଣୀ ସେନଙ୍କର କିଛି ହେଉନଥିଲା। ଲକ୍ଷ୍ମଣ ଯୁଦ୍ଧ କରି କରି ନିସ୍ତେଜ ହୋଇ ଆସୁଥିଲେ।

ଏହି ସମୟରେ ବାନର ସେନା ଲକ୍ଷ୍ମଣ ଓ ତରଣୀ ସେନଙ୍କ ଯୁଦ୍ଧ ଖବର ଶ୍ରୀରାମଙ୍କ ପାଖରେ ପହଂଚାଇଥିଲେ ଓ ଏକଥା ବି କହିଥିଲେ ତରଣୀ ସେନ ହନୁମାନ, ଅଙ୍ଗଦ ଓ ସୁଗ୍ରୀବ ବୀରଙ୍କୁ ପରାସ୍ତ କରିଛନ୍ତି।

ଶ୍ରୀରାମ ଶୀଘ୍ର ତରଣୀସେନଙ୍କ ସାମ୍ନାକୁ ଆସିଗଲେ। ଶ୍ରୀରାମଙ୍କୁ ଦେଖି ତରଣୀସେନ ନିଜ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଶ୍ରୀରାମଙ୍କ ବନ୍ଦନା ଆରମ୍ଭ କଲେ। ଶ୍ରୀରାମ ଆଶ୍ଚର୍ଯ୍ୟ ଚକିତ ହୋଇ ପାଖରେ ଥିବା ବିଭୀଷଣଙ୍କୁ ତରଣୀସେନଙ୍କ ପରିଚୟ ପଚାରିଲେ। ବିଭୀଷଣ ଶ୍ରୀରାମଙ୍କୁ ଏ କଥା କହିଲେନି କି ତରଣୀସେନ ତାଙ୍କ ପୁତ୍ର।

ତରଣୀସେନ ଶ୍ରୀରାମଙ୍କୁ ପ୍ରାର୍ଥନା କଲେ ଓ ତାଙ୍କୁ ବଧ କରିବାକୁ କହିଲେ। ଶ୍ରୀରାମ ସେପରି କରିଥାନ୍ତେ କିପରି ? ଶେଷକୁ ତାଙ୍କ ଭିତରେ ଭୀଷଣ ଯୁଦ୍ଧ ହେଲା ଓ ଶ୍ରୀରାମ ଏକ ଶକ୍ତିଶାଳୀ ବାଣ ପଠାଇ ତରଣୀସେନଙ୍କ ବଧ କଲେ। ପୁତ୍ରର ବଧ ଦେଖି ବିଭୀଷଣ ରୋଦନ କରିବାକୁ ଲାଗିଲେ। ମାତ୍ର କଣ କରାଯାଇପାରିଥାନ୍ତା। ସବୁ ବିଧିର ନିର୍ଦ୍ଦେଶ ମୁତାବକ ହୋଇଥିଲା।

ଏହି ସମୟରେ ଆଉ ଏକ ରାକ୍ଷସ ବୀର ଭସ୍ମଲୋଚନ ଯୁଦ୍ଧ କ୍ଷେତ୍ରକୁ ଆସିଥିଲା। ସେ ବହୁତ ତପସ୍ୟା କରି ଏକ ବର ପ୍ରାପ୍ତ ହୋଇଥିଲା ଯେ ସେ ଯାହାକୁ ଅନାଇଦେବ, ସେ ଭସ୍ମ ହୋଇଯିବ। ରାବଣ ତାକୁ ରାମ ଲକ୍ଷ୍ମଣଙ୍କୁ ଭସ୍ମ କରିବାକୁ ପଠାଇଥିଲା। ରାମ ଏ ସବୁ କଥା ବିଭୀଷଣଙ୍କଠାରୁ ଜାଣିଲା ପରେ, ଭସ୍ମଲୋଚନ ରାକ୍ଷସ ଲାଗି ଦର୍ପଣ ଅସ୍ତ୍ର ପଠାଇଦେଲେ। ଭସ୍ମଲୋଚନ ଦର୍ପଣରେ ନିଜକୁ ଦେଖିଲା ଓ ଭସ୍ମ ହୋଇଗଲା। ମିନା ଅପା ରାମାୟଣ ଏଇଠି ରଖିଲେ।

(କ୍ରମଶଃ)


+ମୋ: ୯୯୮୦୩୦୦୭୫୧




ବିଜୟଲକ୍ଷ୍ମୀ ପାଣିଗ୍ରାହୀ

# ମାଛ ଆଉ ବେଙ୍ଗ



ଆମ୍ବ ଗର୍ବ ଯୋଗୁଁ ମା ବେଙ୍ଗର ପେଟ ଫାଟିଥିଲା, ଏ କଥା କାହାକୁ ଅଛପା ଅଛି। ହେଲେବି ସୁଧୁରିଲେ ନାହିଁ ଏ ବେଙ୍ଗ ଜାତି। ସକାଳୁ ସକାଳୁ କେଁ କଟର କରି ଝଗଡା ଆରମ୍ଭ କରି ଦେଲାଣି ।

ଗତକାଲି ପୋଖରୀରେ ଭୋଜି ହୋଇଥିଲା। ରନ୍ଧା ସରିଲାଣି। ବେଙ୍ଗ ଭାଇର ଦେଖା ନାହିଁ। ସମସ୍ତେ ଅପେକ୍ଷା କରି ରହିଛନ୍ତି। ହେଲେ କେରାଣ୍ଡି ମାଛ କହିଲା, ଭାଇମାନେ ! ମୋର ଏ ଛୋଟ ପେଟକୁ ଭାରି ଭୋକ। ଆଉ ଟିକେ ଡେରି କଲେ ମୋର ଏ ଛୋଟ ଜୀବନଟା ଫୁରର ହୋଇଯିବ। କେରାଣ୍ଡିର ଭୋକ କାକୁର୍ତ୍ତି ଦେଖି ଭାକୁର ମାଛ କହିଲା, ଠିକ ଅଛି ତୁ ଖାଇଦେ, ଆମେ ଅପେକ୍ଷା କରୁଛୁ। ଗଡ଼ିଶା ଅପେକ୍ଷା କରିବା ? ମଣିଷ ପରି ଆମମାନଙ୍କ ପାଖରେ ତ ମୋବାଇଲ ତ ନାହିଁ। ଫୋନ କରି ଜାଣି ପାରିଥାନ୍ତେ ସେ ଏବେ କେଉଁଠି ? ସମସ୍ତଙ୍କୁ ବେଶୀ ଭୋକ ଲାଗିଲାଣି। ବେଙ୍ଗ ଭାଇ ପାଇଁ ରଖିଦେଇ ଚାଲ ଆମେ ଖାଇନେବା। ଶେଉଙ୍କ ମାଛ ଆକାଶକୁ ଚାହିଁ ତାରା ଦେଖି କହିଲା ଦେଖ ରାତି ଦଶଟା ବାଜିବ। ବହୁତ ଡେରି ହେଲାଣି। ଚାଲ ଆମେ ସବୁ ଖାଇବା। ବାସ ଭୋଜି ଅଧା ଖାଇବା ହୋଇଛି, ବେଙ୍ଗ ଆସି ହାଜର ହେଲା।



ତାକୁ ଆପେକ୍ଷା ନ କରି ଖାଇ ଦେଇଥିବାରୁ ସେ ରାଗରେ ଖପ୍ପା ହୋଇଗଲା। ରାଗରେ ତମତମ ହୋଇ ଗିଳିଦେଇ ଡଗଡଗ ହୋଇ ଚାଲିଗଲା ଶୋଇବାକୁ। ରାତିରେ କି ନିଦ ପଡୁଛି। ସକାଳୁ ସକାଳୁ ଆରମ୍ଭ ହୋଇଗଲା ବର୍ଷଣ।

ମାଛ କିଛି କହିବାକୁ ଯାଉଥିଲା, ରୋହି ମାଛ କହିଲା, ଆଉ କିଏ ଖାଇଲେ ହେବ ନାହିଁ। ବେଙ୍ଗ ଭାଇ ରାଗିବ। ଏମିତିବି ତା'ର ଉପକାର ରହିଛି ଆମ ଉପରେ। ସ୍ଥଳ ଭାଗର ଖବର ଆମକୁ ଦେଉଛି।

ରୋହି ମାଛର କଥାକୁ ଅଟକାଇ ବାହ୍ଲିଆ ମାଛ କହିଲା, ହେଲେ ଆମେ କେତେ ସମୟ ଆଉ

କେରାଣ୍ଡି ମାଛକୁ ତ କେତେବେଳେ ଆଖିରେ ପକାଏନାହିଁ, ହେଲେ ଆଜି ବାଦ ପଡୁନାହାଁନ୍ତି ରୋହି, ଭାକୁର, ଶେଉଙ୍କ,ବାହ୍ଲିଆ, ତୋଡି, ଗଡ଼ିଶା ଆଦି ମାଛ। ସବୁ ମାଛଙ୍କର ଚଉଦ ପୁରୁଷ ଉଦ୍ଧାରି ସାରିଲାଣି ବେଙ୍ଗ। ପୋଖରୀରେ ରହି ଭାଉ ଦେଖାଉଛ।

ଦେଖ ! ମୋ ପରି କେବେ ତୁମେ ମାଟିରେ ଚାଲି ପାରିବ ନା ଡେଇଁ ପାରିବ। ତୁମର ଏଡ଼େ ବହପ, ମୋତେ ଛାଡ଼ି ଖାଇଦେଲ। ମୁଁ ତୁମ ସବୁକୁ ଦେଖିନେବି।

ଅଦୂରରେ ଏ ସବୁକୁ ଲକ୍ଷ କରୁଥିଲା ଆମ୍ବଗଛ ଡାଳରେ ବସିଥିବା କାଉଟିଏ। ତା' ପାଟିରୁ ଲାଳ ବୋହିବାକୁ ଲାଗିଲା। ସେ ଜାଣିଥିଲା ରାଗରେ ଥିଲେ କେହି ନିୟନ୍ତ୍ରଣରେ ରୁହେ ନାହିଁ। ସେ ଖଣ୍ଡି ଉଡା ଦେଇ ଧୀରେ ଧୀରେ ବେଙ୍ଗ ଆଡକୁ ଆସୁଥାଏ। ବେଙ୍ଗ ତ ରାଗରେ ଜଳୁଛି। ତାକୁ ଆଉ କିଛି ଦିଶୁନାହିଁ। କାଉର ବକ୍ରଦୃଷ୍ଟି ଏବେ ବେଙ୍ଗ ଉପରେ ତୀକ୍ଷ୍ଣ ହେବାକୁ ଲାଗିଲା। ସେ ଫୁର କରି ଉଡ଼ିଆସିଲା ଗୋଟେ ଝାମ୍ପରେ ବେଙ୍ଗକୁ ଧରିନେବା ପାଇଁ। ଠିକ ସେତିକି ବେଳେ ରୋହି ମାଛଟିଏ ବେଙ୍ଗ ଉପରକୁ ଖପ କରି ଡେଇଁ ପଡ଼ିଲା। କାଉ ଫଡ ଫଡ ହୋଇ ଗଛ ଡାଳକୁ ଉଡ଼ିଗଲା। ବେଙ୍ଗର ପ୍ରାଣ ଅଳ୍ପକେ ବର୍ତ୍ତିଗଲା।

ବେଙ୍ଗ ଆଉ ଠିକରେ ପହଁରି ପାରୁନି। ତାର ଗୋଡଟିଏ ପଥରରେ ବାଜିଯାଇଛି। ରୋହିମାଛ ଡରି ଡରି ଆସି କହିଲା, ବେଙ୍ଗ ଭାଇ ! ମୋତେ କ୍ଷମା କରିଦିଅ। ତୁମକୁ ବଞ୍ଚେଇବାକୁ ଯାଇ ତୁମ ଗୋଡ଼ ଭାଙ୍ଗିଦେଲି। ବେଙ୍ଗ କହିଲା, ମୋତେ ଏମିତି କହି ଆଉ ଲଜ୍ଜିତ କରନାହିଁ। ଏତେ ଗାଳି ଶୁଣିଲା ପରେ ବି ତୁମେ ମୋତେ କାଉଠାରୁ ବଞ୍ଚାଇଲ। ବାସ୍ତବରେ ତୁମେ ଖୁବ ଉପକାରୀ। ଏହା ମୋ ଗର୍ବ, ଅହଂକାର ଆଉ କ୍ରୋଧର ଫଳ।


+ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦


## କବିତା
ତୁମ ପାଇଁ

### ଚଇତରେ ଚଇତ

**ନୀଳମଣି ଚାନ୍ଦ**

ଚଇତରେ ଆରେ ଚଇତ
ଆଉ କିଛିଦିନ ରହିଥ
ସାଇ ବୁଲିବୁଲି ଘୋଡ଼ା ନଚେଇବ
ଆମ ଗାଆଁ ରଙ୍ଗ ରାଉତ।

ଖରାଯାଏ ବଢିବଢିରେ
ଆମ୍ବଚଣା ପଡ଼େ ଝଡିରେ
ନିମ୍ବଗଛ ସବୁ ଦିଶୁଛି ଭରିଲା
ଧରିଲାଣି ନିମ୍ବ କଢିରେ।

ଆମ୍ବତୋଟାଟିରେ କିଏରେ
ଗାଏ କୁହୁକୁହୁ ସିଏରେ
ଦକ୍ଷିଣ ଦିଗରୁ ମଳୟ ବହିଲା
ମନକୁ ଯେ ମୋହିନିଏରେ।

ଆ' ବସନ୍ତ କଥା କହିବୁ
ମାସଟିଏ ଏଠି ରହିବୁ
ଫେରିଗଲା ପରେ ଗ୍ରୀଷ୍ମ ଆସିବ
ଖରା, ତାତି ଆମେ ସହିବୁ।

ରଙ୍ଗର ପରବ ହୋଲିରେ
ତୋତେ ତ ଚାହିଁଛି ଖାଲିରେ
ସଭିଙ୍କୁ ମିଶେଇ ଦେବୁରେ ହସେଇ
ଚଇତ ଯିବୁ ତୁ ଚାଲିରେ।


+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭




### ଆମେ ଯେତେ ସବୁ ଟିକି ଟିକି ପିଲା

**କୀର୍ତ୍ତନ ସାହୁ**

ଆମେ ଯେତେ ସବୁ ଟିକି ଟିକି ପିଲା
ଏ ଦେଶର ଭବିଷ୍ୟତ
ଆମ ହାତେ ଭଲ ଭଲ କାମ କରି
ଗଢ଼ିବା ସୁନା ଭାରତ।

ଖୁସି ଭାବ ସଦା ମୁହେଁ ରଖିଥିବା
କାମରେ ଚଞ୍ଚଳ ରହି
ଏକ ପରେ ଏକ କାମ ସାରିଦେବା
ମନରେ ସରାଗ ବହି ।

ପାଠ ବେଳେ ପାଠ ଖେଳ ବେଳେ ଖେଳ
ଖାଇବା ସମୟେ ଖାଇ
ଆଗକୁ ଆଗକୁ ଆଗେଇ ଚାଲିବା
ସଫଳତା ମଜ୍ଜା ପାଇ।

ବାପା ମାଆ ଭାଇ ଭଉଣୀ ମେଳରେ
ହସି ଉଠେ ଆମ ଘର
ସୁଖରେ ଦୁଃଖରେ ସାଥୀ ହୋଇ ଥିବା
ନ ମଣି ଆପଣା ପର।

ଆମ ଭବିଷ୍ୟତ ଆମରି ହାତରେ
କଳା କଉଶଳ ବଳେ
ଆସୁ ଯେତେ ଯେତେ ବାଧା ବିଘ୍ନ ଆଗେ
ଦୃଢତାରେ ଆମ ଟଳେ ।

ନୂଆ ନୂଆ କାମ ଶିଖି ଶିଖି ଆମେ
କେତେ କାମ କରି ଯିବା
ଆମରି ହାତରେ ଏ ଦେଶ ହସିବ
ସୁନା ଭାରତ ଗଢ଼ିବା।


+ମିଶ୍ର କଲୋନୀ
ଶାଳପଡା , କେନ୍ଦୁଝର - ୨୦
ମୋ: ୯୪୩୮୪୧୪୭୦୧


### ଅକଲ ମକଲ ଟକଲ ଟିଆଁ

**ଶରତ କୁମାର ଦାସ**

ଅକଲ ମକଲ ଟକଲ ଟିଆଁ
ଗାଆଁ ଦାଣ୍ଡେ ପରା ପଡିଲାଣି ହୁରି
ପାଗଳା କୁକୁର ମାରୁଛି ଡିଆଁ ।

ଅକଲ ମକଲ ଟକଲ ଟିଆଁ
ରାଜନ, ଜୋହନ ସଭିଏଁ ସମାନ
ହସି କହେ ବସି ଫିରୋଜ ମିଆଁ ।

ଅକଲ ମକଲ ଟକଲ ଟିଆଁ
କିଏ ଡାକିଦେବ ପଣକିଆ ଧାଡି
ଝଅଟ ଝଅଟ ହୁଅରେ ଠିଆ ।

ଅକଲ ମକଲ ଟକଲ ଟିଆଁ
ଥିରି ଥିରି ଖାଅ ମାଛ ତରକାରୀ
ତରବର ଏତେ ହେଉଛ କିଆଁ ।

ଅକଲ ମକଲ ଟକଲ ଟିଆଁ
ଭାଲୁ ଅଜା ନାଚେ ତାକ୍ ଧିନି ଧିନି
ମାଙ୍କଡ ଲାଂଜରେ ଲାଗିଛି ନିଆଁ ।

ଅକଲ ମକଲ ଟକଲ ଟିଆଁ
ପୁଷି ଶୋଇଥିଲା ଚୁଲି ପାଖରେ
ଦେହେ ଲାଗିଗଲା ତତଲା ଟିଆଁ ।

ଅକଲ ମକଲ ଟକଲ ଟିଆଁ
ବିଲୁଆ ନନାର ହୁକେହୋ' ଶବଦେ
ଚମକି ଉଠିଲା ଗହଳ କିଆ ।


+ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


### ତା' ଗୁଣ ଗରିମା ଦେଖ

**ଅଶୋକ କୁମାର ପ୍ରଧାନ**

ଟୋପି ଟୋପି ଛିଟା ତୋ ଦୁଇ ଡେଣାରେ
ମାଖି ଦେଇଛି କେ କହ
ଫୁଲରୁ ଫୁଲକୁ ଉଡୁ ତୁ କେମିତି
ଦେଖିବି ମୁଁ, ଟିକେ ରହ।

ଟିକି ଟିକି ତୋର ଡେଣା ଯୋଡିକରେ
କେ ଦେଇଛି ଏତେ ବଳ
ପରଜାପତି ତୁ କି କଳା ଜାଣିଛୁ
ଫୁଲକୁ କରୁ, ତୁ ଫଳ।

ଫୁଲରେ ବସି ତୁ କେମିତି ତା' ଠାରୁ
ନେଉଅଛୁ ମହୁ ଟାଣି
ଅତି ସରାଗରେ ଶୋଷୁ ତୁ କେମିତି
ହେଲେ ମୁଁ ପାରେନା ଜାଣି।

କାହାଠୁ ଶିଖିଛୁ ସୁରତାଳଲୟ
ଗାଇବାକୁ ମିଠା ଗୀତ
ତୋ କୁହୁକ ଗୀତେ କେତେ ନାଚେ ମୁଁ
ଭାବିଛି ତୁ ମୋର ମିତ।

କି ଖରା ବରଷା ଶୀତ କି ବସନ୍ତ
ଅଟକିନୁ କେବେ ତୁହି
ତୋ ପାଖରେ ଏତେ ଶକତି କେ ଦେଲା
କଳି ପାରୁନାହୁଁ ମୁହିଁ।

ହେଲେ ହୁଅ ପଛେ ତୁ ଛୋଟିଆ କୀଟ
ତୋ କାମକୁ କିଏ ସରି
ଗୁଣ ଗରିମାରେ ଏଇ ଦୁନିଆରେ
କିଏ ହେବ ତୋ ପରି ?

ପରଜାପତି ତୁ ତରକା ଅତିଲୋ
ଶିଖା ମୋତେ ତୋର କଳା
ତୋ ପରି ନାଚିବି ଖୁସିରେ ଗାଇବି
ହେଲେ ମୋ, ତୋ ପରି ଗଳା।

ତୋ ଭଲ ଗୁଣକୁ ମୋ ହୃଦେ ସାଇତି
ଚାଲିବି ଆଗକୁ ବାଟ
କଥା ଦେଉଅଛି ପିଲାଟି ଦିନରୁ
ପଢିବି ମୁଁ ଭଲ ପାଠ।

ବାପା ମାଆଙ୍କର ନାଁ ଉଚ୍ଚ କରି
ରଖିବି ଦେଶର ଟେକ
ମୋତେ ବି ତୋ ପରି ସଭିଏଁ କହିବେ
ତା ଗୁଣ ଗରିମା ଦେଖ !


+ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦




# ସୁବର୍ଣ୍ଣପୁର ସଫେଇ କର୍ମଚାରୀଙ୍କ ଆନ୍ଦୋଳନ, ବନ୍ଦ ପାଳନ

ସୁବର୍ଣ୍ଣପୁର, ୨୪/୦୨ (ନି.ପ୍ର): ସୁବର୍ଣ୍ଣପୁର ମ୍ୟୁନିସିପାଲଟିର ସଫେଇ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁଁ ଏଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ନିଜର ଦାବି ନେଇ ଆଜି ସୁବର୍ଣ୍ଣପୁର ବନ୍ଦ ଡାକରା ଯୋଗୁଁ ସାଧାରଣ ଜୀବନ ଯାତ୍ରା ବ୍ୟାହତ ହୋଇଛି। ଏହି କର୍ମଚାରୀମାନେ ମ୍ୟୁନିସିପାଲଟି କାର୍ଯ୍ୟାଳୟ ଆଗରେ ଜାତୀୟ ରାଜପଥ ଅବରୋଧ କରି ରଖିଥିବା ଯୋଗୁଁ ପୁଲିସ ଆନ୍ଦୋଳନକାରୀ ମାନଙ୍କୁ ଗିରଫ କରିଛି। ଆନ୍ଦୋଳନ ପ୍ରତି ଜନସମର୍ଥନ ଦେଖିବାକୁ ମିଳିଛି।

ଖବରରୁ ପ୍ରକାଶ ଯେ, ଆଗରୁ ଏମ୍ ପାୱାର ନାମକ ସଂସ୍ଥା ପରିମଳ ପରିଛନ୍ନ ପାଇଁ ଠିକାରେ ନେଇଥିଲେ। ଏହି ସଂସ୍ଥାର ଟେଣ୍ଡର ଅବଧି ସରିଯାଇଥିବା ଯୋଗୁଁ ୨୩ ଦିନ ହେବ ୧୫ ଗୋଟି ୱାର୍ଡରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି। ନୂଆ ଠିକା ସଂସ୍ଥା ଚୟନ ହୋଇ ପାରିନାହିଁ। ୧୦୧ ଠିକା କର୍ମଚାରୀ କାର୍ଯରେ ଯୋଗଦେଇ ନାହାଁନ୍ତି, କେବଳ ୧୨ ଜଣ କର୍ମଚାରୀଙ୍କୁ ନେଇ ପୌର କର୍ତୃପକ୍ଷ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କୁ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଇଛି, ତେଣୁ ମାତ୍ର ୮ ଜଣ ସ୍ଥାୟୀ କର୍ମଚାରୀ ରାସ୍ତା ଘାଟ ବସଷ୍ଟାଣ୍ଡ ଇତ୍ୟାଦିରେ ପଡିରହିଥିବା ମଇଳା ମଧ ଠିକରେ ଉଠାଇ ପାରୁ ନାହାଁନ୍ତି। ମଇଳା ପଲିଥିନ ଇତ୍ୟାଦି ସକାଳୁ ନିଆଁ ଲଗାଇଦେଲା ବେଳକୁ ଧୂଆଁମୟ ହୋଇ ପଡୁଛି। ଗତ ପନ୍ଦର ବର୍ଷରୁ ଅଧିକ ହେବ ଠିକାରେ ଥିବା କର୍ମଚାରୀମାନେ କାମ ନ କରିବା ଆନ୍ଦୋଳନକୁ ଜୋରଦାର୍ କରିବା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇଛି।

ଆଜି ବନ୍ଦ ଯୋଗୁଁ ଦୋକାନ ବଜାର, ଯାନବାହନ ଚଳାଚଳ ବ୍ୟାହତ ହୋଇଛି। ଜାତୀୟ ରାଜପଥରେ ଏହା ଏକ ମୁଖ୍ୟ ରାସ୍ତା ହୋଇଥିବା ଯୋଗୁଁ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି।

# ମହାନଦୀ ଗଣ୍ଡରେ ଚାରି ରାଜ୍ୟର ନୂଆ ବଂଶଜ: ଖେଳୁଛନ୍ତି ଜୟପୁର, ଲକ୍ଷ୍ନୌ, ଇନ୍ଦୋର ଘଡ଼ିଆଳ



ଅନୁଗୁଳ, ୨୪/୦୨ (ନି.ପ୍ର): ସାତକୋଶିଆ ହେଉଛି ଜୈବ ବିବିଧତାର ଅନନ୍ୟ ଉଦାହରଣ। ମହାନଦୀର ବିରାଟ ଗଣ୍ଡ ଦୁଇ ପାର୍ଶ୍ୱରେ ଏଠି ପ୍ରକୃତି ନିଜର ବିବିଧତାକୁ ପରିପୁଷ୍ଟ କରିଛି। ସାତକୋଶିଆର ମହାନଦୀ ଗଣ୍ଡରେ ଗଲା ଚାରିବର୍ଷ ତଳୁ ଆରମ୍ଭ ହୋଇଥିବା ଘଡ଼ିଆଳ ପ୍ରକଳ୍ପ ଜରିଆରେ ଏ ବିବିଧତାକୁ ପରିପକ୍ୱ କରିବାକୁ ଉଦ୍ୟମ କରାଯାଇଛି। ଏଠି ଚାରୋଟି ରାଜ୍ୟରୁ ଚାରି ପ୍ରକାରର ଘଡ଼ିଆଳଙ୍କୁ ଅଣାଯାଇ ବଂଶ ବିସ୍ତାର ପାଇଁ ଛଡ଼ାଯାଇଛି। ଜୟପୁର, ଲକ୍ଷ୍ନୌ, ଇନ୍ଦୋର ଏବଂ ନନ୍ଦନକାନନର ନୂଆ ନୂଆ ଜିନ୍‌ର ବଂଶ ବିସ୍ତାର ପାଇଁ ଏଠି କେବଳ ସୁଯୋଗ ସୃଷ୍ଟି କରାଯାଇ ନାହିଁ, ବରଂ ମହାନଦୀ ଗଣ୍ଡରେ ଚାରି ପ୍ରକାରର ଜିନ୍‌ର ସମ୍ମେଳନ ହେଲେ ଘଡ଼ିଆଳ ପରିବାରର ଭବିଷ୍ୟତ ସୁରକ୍ଷିତ ରହି ପାରିବ ବୋଲି ପାଇଲଟ ପ୍ରକଳ୍ପରେ ଆଶା ରଖାଯାଇଛି। ସାତକୋଶିଆ ଗଣ୍ଡରେ ଘଡ଼ିଆଳ ବଂଶ ଉଦ୍ଧାର ଉଦ୍ୟମ ଆଜି ନୂଆ ନୁହେଁ। ପୂର୍ବରୁ ଶହ ଶହ ଘଡ଼ିଆଳ ଛୁଆଙ୍କୁ ଛଡ଼ାଯାଇ ବନ ବିଭାଗ ଫେଲ୍ ମାରିଥିଲା। ୨୦୧୯ମସିହାରେ ପୁଣି ଥରେ ସରକାର ଘଡ଼ିଆଳ ବଂଶବିସ୍ତାର ପାଇଁ ପୁଣି ନୂଆ ପାଇଲଟ୍ ପ୍ରୋଜେକ୍ଟ ନୂଆ ଢଙ୍ଗରେ ଆରମ୍ଭ କରିଛନ୍ତି। ଯୋଜନା ହେଉଛି, ୫ବର୍ଷର। ତା ମଧ୍ୟରେ ପ୍ରାୟ ୩୦/୩୫ଟି ଘଡ଼ିଆଳଙ୍କୁ ଛାଡ଼ିବାକୁ ନିଷ୍ପତ୍ତି ହୋଇଛି। ସେମାନଙ୍କ ଗତିବିଧିକୁ ଯାଞ୍ଚ କରିବାକୁ ବେକରେ ରେଡିଓ କୋଲାର ସଂଯୋଗ କରାଯାଇଛି, ସାଟେଲାଇଟ୍ ଜରିଆରେ ଘଡ଼ିଆଳଙ୍କର ଗତିବିଧିକୁ ଅନୁସନ୍ଧାନ କରାଯାଉଛି। ପ୍ରତିବର୍ଷ ଶୀତ ଦିନେ ଘଡ଼ିଆଳମାନଙ୍କୁ ମହାନଦୀରେ ଛଡ଼ାଯାଏ। କିନ୍ତୁ, ଏ ବର୍ଷକୁ ଛାଡ଼ିଦେଲେ, ଗଲା ତିନିବର୍ଷ ମଧ୍ୟରେ ପ୍ରାୟ ୧୯ଟି ଘଡ଼ିଆଳଙ୍କୁ ମହାନଦୀ ଗଣ୍ଡରେ ଛଡ଼ା ସରିଲାଣି। ତା ମଧ୍ୟରେ ଇନ୍ଦୋର, ଲକ୍ଷ୍ନୌ ଏବଂ ଜୟପୁରର ବିଭିନ୍ନ ନଦୀରେ ରହୁଥିବା ଘଡ଼ିଆଳଙ୍କୁ ବି ସାମିଲ୍ କରାଯାଇଛି। ବିଭାଗୀୟ ତଥ୍ୟ ମୁତାବକ, ଗୋଟିଏ ଜିନ୍‌ରୁ ବଂଶ ବିସ୍ତାର ହେଲେ ଭବିଷ୍ୟତ ପାଇଁ ଭୟ ଅଛି। ତେଣୁ, ଗୋଟିଏ ସହାବସ୍ଥାନରେ ବିଭିନ୍ନ ପ୍ରକାରର ଜିନ୍ ଏକକାଳୀନ ବିକଶିତ ହେଲେ, ବିଭିନ୍ନ ଦୃଷ୍ଟିରୁ ଘଡ଼ିଆଳ ବଂଶ ସୁରକ୍ଷିତ ରହି ପାରିବ। ସେଥିପାଇଁ ନନ୍ଦନକାନନ ବ୍ୟତୀତ ଅନ୍ୟ ତିନୋଟି ଚିଡ଼ିଆଖାନାରୁ ଘଡ଼ିଆଳଙ୍କୁ ଅଣାଯାଇଥିଲା। ଜୟପୁରରୁ ଦୁଇଟି ଅଣ୍ଡିରା ଘଡ଼ିଆଳଙ୍କୁ ଅଣାଯାଇଥିବା ବେଳେ ଲକ୍ଷ୍ନୌରୁ ଚାରୋଟି ମାଇ ଏବଂ ଇନ୍ଦୋରରୁ ତିନୋଟି ମାଇ ଘଡ଼ିଆଳଙ୍କୁ ନନ୍ଦନକାନନକୁ ଅଣାଯାଇଥିଲା।

ତନ୍ମଧ୍ୟରୁ ୧୪ଫୁଟ୍ ଲମ୍ବା ଏବଂ ପ୍ରାୟ ୧୫ବର୍ଷ ବୟସର ଗୋଟିଏ ଜୟପୁର ଘଡ଼ିଆଳ, ଲକ୍ଷ୍ନୌରୁ ଆସିଥିବା ୯ବର୍ଷ ବୟସ୍କାର ଏକ ମାଇ ଘଡ଼ିଆଳ ଏବଂ ଇନ୍ଦୋରରୁ ଆସିଥିବା ଗୋଟିଏ ମାଇ ଘଡ଼ିଆଳଙ୍କ ସହିତ ନନ୍ଦନକାନନର ଘଡ଼ିଆଳଙ୍କୁ ମିଶାଇ ଆଜି ପର୍ଯ୍ୟନ୍ତ ମୋଟ୍ ୧୯ଟି ଘଡ଼ିଆଳଙ୍କୁ ମହାନଦୀ ଗଣ୍ଡରେ ଛଡ଼ାଯାଇସାରିଛି ବୋଲି ଘଡ଼ିଆଳ ପାଇଲଟ ପ୍ରକଳ୍ପର ମୁଖ୍ୟ ପରାମର୍ଶଦାତା ପ୍ରଫେସର ସୁଦର୍ଶନ ମହାରଣା ପ୍ରକାଶ କରିଛନ୍ତି। ବିଭିନ୍ନ ଜିନ୍‌ରୁ ଘଡ଼ିଆଳଙ୍କୁ ଏଠି ଛାଡ଼ିବାର ଉଦ୍ଦେଶ୍ୟ ସେମାନଙ୍କର ନୂତନ ବଂଶକୁ ସମୃଦ୍ଧ କରିବା ବୋଲି ପ୍ରଫେସର ମହାରଣା ପ୍ରକାଶ କରିଛନ୍ତି। ପାଞ୍ଚ ବର୍ଷରେ ମୋଟ୍ ୩୦ରୁ ଅଧିକ ଘଡ଼ିଆଳ ଛାଡ଼ିବାକୁ ଯୋଜନା ହୋଇଛି। ବିଭିନ୍ନ କାରଣ ପାଇଁ ଚଳିତବର୍ଷ ଘଡ଼ିଆଳଙ୍କୁ ଛଡ଼ାଯାଇପାରିଲା ନାହିଁ। ଆସନ୍ତା ଦୁଇବର୍ଷ ମଧ୍ୟରେ ଅବଶିଷ୍ଟ ଘଡ଼ିଆଳଙ୍କୁ ଛଡ଼ାଯିବ ବୋଲି ପ୍ରଫେସର ମହାରଣା ପ୍ରକାଶ କରିଛନ୍ତି।

# ବାବା ଲିଙ୍ଗେଶ୍ୱର ପୀଠରେ ଭଜନ ପ୍ରତିଯୋଗିତା

କୋରେଇ, ୨୪/୦୨ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ପୁର୍ଣ୍ଣତୋୟା ବୈତରଣୀ କୂଳରେ ଅବସ୍ଥିତ ବାବା ଲିଙ୍ଗେଶ୍ୱର ପୀଠ ମୂଳାପାଳ ଠାରେ ଲିଙ୍ଗେଶ୍ୱର ଉନ୍ନୟନ କିମଟି ତାର ୫୩ ତମ ବାର୍ଷିକୋତ୍ସବ ପାଳନ ଅବସରରେ ୫ଦିନ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଜାଗର ଯାତ୍ରା, ଭଜନ ସମାରୋହ, ରକ୍ତଦାନ ଶିବିର, ପତ୍ରିକା ଉନ୍ମୋଚନ, ବାର୍ଷିକ ଉତ୍ସବ, ନୃତ୍ୟ ପ୍ରତିଯୋଗୀତା ଓ ଶେ ଦୁଇ ଦିନ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଓ କନିଷ୍ଠ ଭାଗରେ ପ୍ରତିଯୋଗୀତା କରାଯାଇଥିଲା। ଶତାଧିକ ପ୍ରତିଯୋଗୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଭରପୁର ଦର୍ଶକଙ୍କ ମଧ୍ୟରେ ଲିଙ୍ଗେଶ୍ୱର ପୀଠରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ଶେଷରେ କୃତି ପ୍ରତିଯୋଗୀ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ କର୍ମକର୍ତାଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ସଭାପତି ଦୈତାରୀ ଧଳ, ସମ୍ପାଦକ ପ୍ରଦୀପ କୁମାର ଧଳ, ଉପସଭାପତି ସଦାନନ୍ଦ ସାମଲ, ସହ ସମ୍ପାଦକ ନିତ୍ୟାନନ୍ଦ ପରିଡା, କୋଷାଧ୍ୟକ୍ଷ ପ୍ରମୋଦ କୁମାର ସାହୁ, ଦାମୋଦର ଧଳ, ପ୍ରତାପ ଚନ୍ଦ୍ର ଧଳ, ଗୋଲକ ଚନ୍ଦ୍ର ମାଝୀ, ଶରତ ଚନ୍ଦ୍ର ଧଳ, ଦିଲ୍ଲୀପ ଧଳ, ବାସୁଦେବ ପରିଡା, ମାନସ ଧଳ, ଆନନ୍ଦ ଚନ୍ଦ୍ର ପାଳ, ରାଜକିଶୋର ମଲ୍ଲିକ, ଭଗବାନ ସାହୁ, ଅଶୋକ କୁମାର ସାହୁ, କୈଳାସ ସାହୁ, ବିଷ୍ଣୁ ଧଳ(କ), ଶଙ୍କର୍ଷଣ ପରିଡା, ମଦନ ମୋହନ ମାଝୀ, ବିଷ୍ଣୁ ଧଳ (ଖ), ଭବ ପ୍ରସାଦ ଧଳ, ତାପସ ଧଳ, ନାଣ୍ଟୁ ମଳିକ, ରମେଶ ସାହୁ (ପାଗଳା), ଗଦାଧର ଧଳଙ୍କ ସମତେ ସମସ୍ତ ସଦସ୍ୟ ଓ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ।

# କଳାହାଣ୍ଡି ଜିଲ୍ଲାର ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା

ଭବାନୀପାଟଣା, ୨୪/୦୨ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜ୍ୟ ସରକାର ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହି ଯୋଜନାରେ ଆସନ୍ତା ମାର୍ଚ୍ଚ ମାସ ୨୮ ତାରିଖରେ ରାୟଗଡ଼ା ରେଳ ଷ୍ଟେସନରୁ କଳାହାଣ୍ଡି ଜିଲ୍ଲାରୁ ମୋଟ ୨୪୦ ଜଣ ତୀର୍ଥଯାତ୍ରୀ ତିରୁପତି, ଭେଲୋର ଏବଂ ଶ୍ରୀକଳାହସ୍ତୀ କୁ ଯାତ୍ରା କରିବେ। ଏ ସମ୍ବନ୍ଧୀୟ ତୀର୍ଥ ଯାତ୍ରା ଯୋଜନାର ଜିଲ୍ଲାସ୍ତରୀୟ ମନୋନୀତ କମିଟି ର ଏକ ବୈଠକ ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଙ୍କ ଅଧକ୍ଷତାରେ ଜିଲ୍ଲପାଳଙ୍କ କାର୍ଯ୍ୟଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ୬୦ ରୁ ୭୫ ବର୍ଷ ବୟସ୍କ ନାଗରିକମାନଙ୍କୁ ଏବଂ ଦମ୍ପତିଙ୍କୁ ସେମାନଙ୍କ ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ପାଇଁ ଚୟନ କରାଯାଉଛି। ହିତାଧିକାରୀ ଚୟନ ନିମନ୍ତେ ଅନ୍ତୋଦୟ/ଅନ୍ନପୂର୍ଣ୍ଣା ଖାଦ୍ୟ ସୁରକ୍ଷା ରେସନ୍ କାର୍ଡ /ବିଧବା ଭତା/ ମନରେଗା କାର୍ଡ/ବାର୍ଦ୍ଧକ୍ୟ ଭତାରୁ ଯେକୌଣସି ଗୋଟିଏ ଆର୍ଥିକ ଅନଗ୍ରସର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିଥାଏ। ୭୦ ରୁ ୭୫ ବର୍ଷ ବୟସ୍କ ତୀର୍ଥଯାତ୍ରୀ ନିଜ ସାଙ୍ଗରେ ଜଣେ ସେବାକାରୀ ନେଇ ପାରିବେ; କିନ୍ତୁ ସେବାକାରୀ ଗସ୍ତ ଖର୍ଚ୍ଚର ୫୦ ପ୍ରତିଶତ ବହନ କରିବେ। ପ୍ରତ୍ୟେକ ତୀର୍ଥ ଯାତ୍ରୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଥିବା ଏକ ଟ୍ରାଭେଲିଂ କିଟ୍ ଉପହାର ଦିଆଯିବ। ଟ୍ରେନ ତଥା ତୀର୍ଥସ୍ଥାନ ମାନଙ୍କରେ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରାଯାଇଛି।

ଏ ଯୋଜନା ସମ୍ବନ୍ଧୀୟ ଫର୍ମ ପୂରଣ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ବ୍ୟାପକ ପ୍ରସାର କରାଯାଇଥିଲା। ଏହି ତୀର୍ଥ ଯାତ୍ରା ୬ ଦିନ ଓ ୫ ରାତ୍ର ର ଗସ୍ତ ରହିବ। ରାୟଗଡ଼ା ଷ୍ଟେସନ୍ ରୁ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର୍ତ, ମାଲକାନଗିରି, ନୂଆପଡ଼ା ତଥା କଳାହାଣ୍ଡି ଜିଲ୍ଲା ରୁ ମୋଟ ୯୭୦ ଜଣ ତୀର୍ଥଯାତ୍ରୀ ଉପୋରକ୍ତ ଆଧ୍ୟାତ୍ମିକ ସ୍ଥାନ ଗସ୍ତ କରିବେ। କଳାହାଣ୍ଡିର ତୀର୍ଥ ଯାତ୍ରୀ ମାନଙ୍କ ସୁବିଧା ପାଇଁ ୭ ଜଣ ଏସ୍କର୍ଟ ଅଧିକାରୀ ଯାତ୍ରା କରୁଛନ୍ତି।

# କୋରାପୁଟ ଜିଲ୍ଲା ଯାଦବ ମହାସଭାର ବୈଠକ

ଜୟପୁର, ୨୪/୦୨ (ନି.ପ୍ର): କୋରାପୁଟ ଜିଲ୍ଲା ଯାଦବ ମହାସଭାର ଏକ ବୈଠକ ବୋରିଗୁମ୍ମା ବ୍ଲକ କାମରା ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ଉପଦେଷ୍ଟା ପ୍ରମୋଦ ନାୟକଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ ଯାଦବ ନେତା ଯୋଗ ଦେଇଥିବା ବେଳେ ଜିଲ୍ଲା ସଭାପତି ମଦନ ମୋହନ ନୟକ ଏଥିରେ ସଭାପତିତ୍ୱ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲା ଆବାହକ ବୁଲୁ ଗୌଡ଼, ମୁଖ୍ୟବକ୍ତା ଭାବେ ନବରଙ୍ଗପୁର ଜିଲ୍ଲା ସଭାପତି ଜ୍ୟୋତି ରଂଜନ କଂସ, ସମ୍ମାନିତ ଅତିଥି ଭାବେ ଗୁଜୁନିଗୁଡା ସମିତି ସଭ୍ୟ ଲଛମନ ଗୌଡ଼, ଅନ୍ୟତମ ଅତିଥି ରୂପେ ତେନ୍ତୁଳିଖୁଣ୍ଟି ବ୍ଲକ ପୂର୍ବତନ ଅଧକ୍ଷ ଦୁର୍ଲଭ ଗୌଡ଼ ଯୋଗଦେଇ ସଂଗଠନ ଉପରେ ଆଲୋଚନା କରିଥିଲେ। ଆସନ୍ତା ୨୬ ତାରିଖ ଦିନ ନବରଙ୍ଗପୁର ଠାରେ ହେବାକୁ ରହିଥିବା ଅଧିକାର ସମାବେଶରେ ହଜାର ହଜାର ଯାଦବ ବା ଗୌଡ଼ ଲୋକଙ୍କୁ ନେଇ ଯୋଗ ଦେବାକୁ ସ୍ଥିରୀକୃତ ହୋଇଥିବା ବେଳେ ପରବର୍ତୀ କାଳରେ ଅନ୍ୟ ତିନି ଜିଲ୍ଲାର ସଦର ମହକୁମାରେ ଅନୁରୂପ ସଭା କରିବାକୁ ସ୍ଥିର ହୋଇଥିଲା। ଏହି ସଭା ମାଧ୍ୟମରେ ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ନିଷ୍ପତି ହୋଇଥିଲା। ଏଥିରେ ଅବିଭକ୍ତ ଜିଲ୍ଲା କମିଟିର ସହ ଆବାହକ ହରି ଗୌଡ଼, ସଂଯୋଜକ ମନୋଜ ମହାକୁଡ଼ ଯୋଗ ଦେଇ ନବରଙ୍ଗପୁର ଅଧିକାର ସମାବେଶ ସମ୍ପର୍କରେ ସୂଚନା ଦେଇଥିଲେ। ସମାବେଶରେ ସ୍ଥାନୀୟ ଅଂଚଳର ଗୌଡ଼ ମାନଙ୍କୁ କିଭଳି ଗିରିଜନ ମାନ୍ୟତା ମିଳିବ ସେନେଇ ଆନ୍ଦୋଳନ ଏବଂ ଦାବି କରିବାକୁ ନିଷ୍ପତି ହୋଇଥିଲା। ଆଗାମୀ ଦିନରେ ଏକ ଲକ୍ଷ ଲୋକଙ୍କୁ କୋରାପୁଟ ଠାରେ ଏକତ୍ରିତ କରିବାକୁ ସ୍ଥିର ହୋଇଥିଲା। ବୈଠକରେ କୁଳ ଗୌଡ଼, ପତିରାମ ଗୌଡ଼, ଫଗୁଲାଲ ଗୌଡ଼, ମନୋହର ଗୌଡ଼, ଗୋବର୍ଦ୍ଧନ ଗୌଡ଼, ବିଘ୍ନରାଜ ଗୌଡ଼, ଗୁପ୍ତ ଯାଦବ, ଦୁର୍ଯ୍ୟୋଧନ ଗୌଡ଼, ଦୈତାରୀ ମାଝୀ, ବଳଭ ବିହାରି ନାୟକ, ସଦା ଗୌଡ଼ ପ୍ରମୁଖ ଯୋଗ ଦେଇଥିବା ବେଳେ ଜଳନ୍ଧର ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋମନାଥ ମନ୍ଦିରରେ ସାମାଜିକ ନାଟକ ମଂଚସ୍ଥ

କନ୍ଧମାଳ, ୨୪/୦୨ (ନି.ପ୍ର): ଖଜୁରୀପଡା ବ୍ଲକ ଅନ୍ତର୍ଗତ ଦୁତିମେଣ୍ଡି ଗ୍ରାମପଂଚାୟତ ସମ୍ପେପଦର ବାବା ସୋମନାଥ ମନ୍ଦିରରେ ସାମାଜିକ ନାଟକ ମଂଚସ୍ଥ ହୋଇଯାଇଛି। ସମ୍ପେପଦର ବାବା ସୋମନାଥ ମନ୍ଦିରରେ ୫୫ତମ ଜାଗର ଯାତ୍ରା ସମାପନ ହୋଇଥିବାବେଳେ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଥିଲା। ଦୁତିମେଣ୍ଡି ଅଂଚଳର ଚାରିଗୋଟି ଯୁବକସଂଘର କର୍ମକର୍ତାଙ୍କ ସହଯୋଗ ରେ ସାମାଜିକ ନାଟକ ମଂଚସ୍ଥ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଯୋଗଦାନ କରି ଆନୁଷ୍ଠାନିକ ଭାବେ ଯାତ୍ରାମଂଚ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଂଚ ଶ୍ରୀମତୀ ଦମୟନ୍ତୀ ମଳିକ,ସମାଜସେବୀ ଅନନ୍ତ କୁମାର ଦିଗାଲ, ସମିତିସଭ୍ୟା ଶ୍ରୀମତୀ ଉଷାବତୀ ଗଣ୍ଡା, ୱାର୍ଡ଼ସଭ୍ୟା ଶ୍ରୀମତୀ ବୈନେତ୍ରୀ ମଳିକ, ପୋଲିସ ବିଭାଗରେ କାର୍ଯ୍ୟରତ ସମ୍ପେପଦର ଗ୍ରାମର ସୁଜିତ କୁମାର ନାୟକ, ଗୁଣନିଧି ମଳିକ, ଜଙ୍ଗଲ ବିଭାଗ ଅଧିକାରୀ ଶ୍ରୀ ଅଜିତ୍ ସାହାଣୀ, ସ୍ଥାନୀୟ ପୋଲିସ, ଅଗ୍ନିଶମ କର୍ମଚାରୀ ପ୍ରମୁଖ ଯୋଗଦାନ କରିଥିଲେ। ସେହିଭଳି କାର୍ଯ୍ୟକ୍ରମରେ ମନୋଜ କୁମାର ସେଠୀ, ବିରଂଚି ମୁଖୀ, ଦେବରାଜ ମୁଖୀ, ପ୍ରଦୀପ ସେଠୀ, ସମୀର ପ୍ରସାଦ ଝାଙ୍କର, ବିନୋଦ ବିଶୋୟୀ, ପ୍ରକାଶ ସେଠୀ, ଅଜୟ ବିଶୋୟୀ, ସୁନିଲ ସାହୁ, ଅଜୟ ସେଠୀ, ରଂଜନ କୁମାର ସେଠୀ, ତାପସ କୁମାର ଦଣ୍ଡିଆଙ୍କ ସହ ସ୍ଥାନୀୟ ଚାରି ଯୁବକ ସଂଘର ଯୁବକ ଯୁବତୀ ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ଟୋକନ୍ ଧରି ବସିଛନ୍ତି ଚାଷୀ: ଧାନକିଣା ଟାର୍ଗେଟ୍ ନାହିଁ



ସାଲେପୁର, ୨୪/୦୨ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ମୋଟ ୧୫ ଗୋଟି ଧାନ ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ଧାନ କିଣା ଚାଲିଛି। ପ୍ରଥମ ପର୍ଯ୍ୟାୟରେ ମଣ୍ଡି ଗୁଡିକୁ ସରକାରଙ୍କ ପକ୍ଷରୁ ଧାନ କିଣିବା ପାଇଁ ଯେତିକି ଟାର୍ଗେଟ୍ ଦିଆଯାଇଥିଲା ତାହା ଏବେ ଶେଷ ହେବାକୁ ଲାଗିଲାଣି। ୧୫ ଟି ମଣ୍ଡି ମଧ୍ୟରୁ ୧୦ ଟି ମଣ୍ଡିରେ ଟାର୍ଗେଟ୍ ଶେଷ ହୋଇଥିଲା ବେଳେ ଅନ୍ୟ ୫ଟି ମଣ୍ଡିରେ ଆଉ କମ୍ ପରିମାଣରେ ଟାର୍ଗେଟ୍ ରହିଥିବା ଜଣାଯାଇଛି। ବହୁ ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ୍ ପାଇଥିଲେ ମଧ ଟାର୍ଗେଟ୍ ନଥିବାରୁ ସେମାନେ ମଣ୍ଡିରେ ଧାନ ବିକ୍ରି କରିନପାରି ମାନସିକ ଦୁଃଶ୍ଚିନ୍ତାରେ ପଡିଛନ୍ତି। ଟାର୍ଗେଟ୍ ଶେଷ ହେଲେ କାଳେ ମଣ୍ଡି ବନ୍ଦ ହୋଇଯିବ ସେନେଇ ଆଶଙ୍କା ପ୍ରକାଶ କରି ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଯାଇଛି। ଅଭାବୀ ଧାନ ବିକ୍ରିକୁ ଏଡାଇବା ପାଇଁ ଏହି ବ୍ଲକ ଅଂଚଳରେ ଧାନ ବିକ୍ରି କରିପାରିନଥିବା ୩୧୦୧ ଚାଷୀଙ୍କ ପାଇଁ ୮୧ ହଜାର ୬୦୦ କୁଇଣ୍ଟାଲ ଧାନ ଟାର୍ଗେଟ୍ ଆସିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ମଣ୍ଡି ଦାୟିତ୍ୱରେ ଥିବା ସମବାୟ ସମିତିର ସଂପାଦକମାନେ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ସରକାରଙ୍କ ପକ୍ଷରୁ ମଣ୍ଡିଗୁଡିକୁ ତୁରନ୍ତ ଟାର୍ଗେଟ୍ ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ଏହି ବ୍ଲକରେ ଚଳିତ ବର୍ଷ ଧାନ ବିକ୍ରି କରିବା ପାଇଁ ଖୋଲାଯାଇଥିବା ମୋଟ ୧୫ ଟି ମଣ୍ଡିରେ ୬୪୬୪ ଚାଷୀ ଅନ୍ ଲାଇନ୍ ମାଧ୍ୟମରେ ନାମ ପଞ୍ଜିକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ୩୩୬୩ ଚାଷୀ ଅଦ୍ୟାବଧି ୧ ଲକ୍ଷ ୫ ହଜାର ୩୮୩ କୁଇଂଟାଲ ଧାନ ବିକ୍ରି କରିଛନ୍ତି। ଅବଶିଷ୍ଟ ୩୧୦୧ ଜଣ ଚାଷୀ ଧାନ ବିକ୍ରି କରିପାରିନଥିବା ବେଳେ ସେଥିମଧ୍ୟରୁ ଗତ ଜାନୁୟାରୀ ମାସରୁ ବହୁ ଚାଷୀ ଟୋକନ ଧରି ବସି ରହିଥିବା ଜଣାଯାଇଛି। ବାକି ରହିଥିବା ଏହି ଚାଷୀମାନେ ୮୧ ହଜାର ୬୦୦ କୁଇଂଟାଲ ଧାନ ବିକ୍ରି କରିବା ପାଇଁ ମଣ୍ଡି ପକ୍ଷରୁ ଲକ୍ଷଧାର୍ଯ୍ୟ କରାଯାଇଛି। ନିଶ୍ଚିନ୍ତକୋଇଲି ମଣ୍ଡି ପକ୍ଷରୁ ୨୪୧ ଜଣ ଚାଷୀ ପାଇଁ ୫ ହଜାର କୁଇଂଟାଲ ଟାର୍ଗେଟ୍ ଆବଶ୍ୟକ ଥିବା ବେଳେ ପଲ୍ଲୀଶ୍ରୀ ସମିତିରେ ୧୮୬ ଚାଷୀ ପାଇଁ ୪ ହଜାର କୁଇଣ୍ଟାଲ, ନରେନ୍ଦ୍ରପୁର ମଣ୍ଡିରେ ୧୮୬ ଚାଷୀ ପାଇଁ ୨ ହଜାର କୁଇଂଟାଲ, ବାଲିଆପଦା ମଣ୍ଡିରେ ୧୪୫ ଚାଷୀ ପାଇଁ ୩ ହଜାର କୁଇଂଟାଲ, କେନ୍ଦୁପାଟଣା ମଣ୍ଡିରେ ୨୫୨ ଚାଷୀ ପାଇଁ ୭ ହଜାର କୁଇଂଟାଲ, ଓରତି ମଣ୍ଡିରେ ୩୦୯ ଚାଷୀଙ୍କ ପାଇଁ ୫ ହଜାର କୁଇଂଟାଲ, ନଗସପୁର ମଣ୍ଡିରେ ୧୧୯ ଚାଷୀ ପାଇଁ ୨୧୦୦ କୁଇଂଟାଲ, ଅସୁରେଶ୍ୱର ମଣ୍ଡିରେ ୨୦୨ ପାଇଁ ୫ ହଜାର କୁଇଂଟାଲ, ବଳଦେବଜୀଉ ମଣ୍ଡିରେ ୭୩ ଚାଷୀ ପାଇଁ ୧ ହଜାର କୁଇଂଟାଲ, ସୁକରପଡା ମଣ୍ଡିରେ ୨୨୫ ଜଣ ଚାଷୀଙ୍କ ପାଇଁ ୯ ହଜାର କୁଇଂଟାଲ, କଳମିଶ୍ରି ମଣ୍ଡିରେ ୧୪୩ ଚାଷୀ ପାଇଁ ୫୫୦୦ କୁଇଂଟାଲ, ବନ୍ଧକାଟିଆ ମଣ୍ଡିରେ ୩୪୦ ଚାଷୀଙ୍କ ପାଇଁ ୧୦ ହଜାର କୁଇଂଟାଲ, ଅଚ୍ୟୁତାନନ୍ଦ ମଣ୍ଡିରେ ୨୫୦ ଚାଷୀଙ୍କ ପାଇଁ ୭୫୦୦ କୁଇଂଟାଲ, ଶିର୍ଲୋ ମଣ୍ଡିରେ ୩୨୬ ଚାଷୀଙ୍କ ପାଇଁ ୧୦ ହଜାର ୫୦୦ କୁଇଂଟାଲ, ଉତରକୂଳ ମଣ୍ଡିରେ ୨୬୬ ଚାଷୀ ପାଇଁ ୫ ହଜାର କୁଇଂଟାଲ ଟାର୍ଗେଟ୍ ଆବଶ୍ୟକ ରହିଛି। ସମବାୟ ସମିତିର ସଂପାଦକମାନେ ଚାଷୀମାନଙ୍କଠାରୁ ସଠିକ୍ ସମୟରେ ଧାନ କିଣି ପାରୁନଥିବାରୁ ଅନେକ ସମୟରେ ଟୋକନ୍ ପାଇଥିବା ଚାଷୀମାନେ ଆସି ସେମାନଙ୍କ ସହିତ କଳିଝଗଡା କରୁଥିବା ଦେଖିବାକୁ ମିଳୁଛି।

# ବଦଳି ନିୟମ ପରିବର୍ତ୍ତନ କରିବାକୁ ଦାବି




ଭୁବନେଶ୍ୱର , ୨୪/୦୨ (ନି.ପ୍ର): ସରକାରୀ ମାଧମିକ ବିଦ୍ୟାଳୟ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ଲାଗି ଯେଉଁ ବଦଳି ନିୟମ ରହିଛି, ସେଥିରେ କେହି ଉପକୃତ ହେଉନାହାନ୍ତି। କେବଳ ନାଁକୁ ବଦଳି ପ୍ରକ୍ରିୟା ଚାଲୁଛି ବୋଲି ନୂତନ ପେନସନ୍ ? ଯୋଜନାଭୁକ୍ତ ମାଧମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ ହଜାର ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ମାନସିକ ସନ୍ତୁଳନ ହରାଉଛନ୍ତି। ପରିବାର ପ୍ରତିପୋଷଣ ପାଇଁ ଜିଲ୍ଲା ପାର ହୋଇ ସେମାନେ ଚାକିରି କରିବାକୁ ବାଧ ହେଉଛନ୍ତି। ବଦଳି ନିମନ୍ତେ ଯେଉଁ ନିୟମ କରାଯାଇଛି, ସେଥିରେ କେବଳ ଆପୋସ ବୁଝାମଣା(ମ୍ୟୁଚୁଆଲ୍ ଟ୍ରାନ୍ସଫର) ଓ ସାଂଘାତିକ ରୋଗରେ ପୀଡ଼ିତ ଥିଲେ ଯାଇ ଜଣେ ବଦଳି ହେଇପାରିବ। ସଂସ୍କୃତ, ହିନ୍ଦୀ, ଶାରୀରିକ ଶିକ୍ଷା ଶିକ୍ଷକ ହୋଇଥିଲେ ଆପୋସ ବୁଝାମଣାରେ ମଧ ବର୍ଗ ସମାନ ହେବା ଦରକାର ବୋଲି ଅଜବ ନିୟମ ବାଧକ ସାଜୁଛି। ଯେଉଁଥିପାଇଁ ବହୁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କର ବଦଳି ଆବଶ୍ୟକ ଥିଲେ ମଧ ଏହି ନିୟମ ପାଇଁ ସେଥିରୁ ବଞ୍ଚିତ ହେଉଛନ୍ତି। ଗତକାଲି ଝାରସୁଗୁଡ଼ାର ଜଣେ ଶିକ୍ଷୟିତ୍ରୀ ବଦଳି ପାଇଁ ସରକାରଙ୍କ ନିକଟରେ କିଭଳି କାନ୍ଦି କାନ୍ଦି ନିଜର କୋହ ବ୍ୟକ୍ତ କରୁଥିଲେ ତାହା ଏକ ଉଦାହରଣ ମାତ୍ର। ଶିକ୍ଷକ ମାନସିକ ଅଶାନ୍ତିରେ ରହିଲେ ତାହାର ପ୍ରଭାବ ଶିକ୍ଷାଦାନ ଉପରେ ପଡ଼ିବ। ତେଣୁ ବଦଳି ନିୟମକୁ ଯଥାଶୀଘ୍ର ପରିବର୍ତ୍ତନ କରି ସରଳୀକରଣ କରିବାକୁ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ, ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, ଚନ୍ଦ୍ରକାନ୍ତ ପଣ୍ଡା, ପଞ୍ଚାନନ ଜେନା, ନିରୋଦ ରଥ ପ୍ରମୁଖ ଦାବି କରିଛନ୍ତି।

# ୫ ମାସ ହେଲା ମଧ୍ୟାହ୍ନ ଭୋଜନ ଅର୍ଥ ମିଳିନି: ଦୋକାନୀ ବାକି ନଦେବାରୁ ଶିକ୍ଷକ ହଟହଟା

ସାଲେପୁର, ୨୪/୦୨ (ନି.ପ୍ର): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବିଦ୍ୟାଳୟ ଗୁଡ଼ିକୁ ବିଗତ ୫ ମାସ ହେବ ମଧ୍ୟାହ୍ନ ଭୋଜନ ପରିଚାଳନା ଅର୍ଥ ମିଳିନାହିଁ। ଯାହାଦ୍ୱାରା ବର୍ତମାନ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପାଇଁ ଆବଶକୀୟ ରାସନ ସାମଗ୍ରୀ, ପନିପରିବା ଦୋକାନୀମାନେ ବାକି ଦେବାକୁ ମନା କରିଦେଲେଣି। ଫଳରେ ଅନେକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଥମେ ବିଦ୍ୟାଳୟରେ ଶିକ୍ଷକମାନେ ଦୋକାନୀମାନଙ୍କ ଠାରୁ ବାକିରେ ଜିନିଷପତ୍ର ଆଣି ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ କରିଥାଆନ୍ତି। ଯେଉଁ ବିଦ୍ୟାଳୟ ଗୁଡିକରେ ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ସେମାନେ ମଧ ନିଜ ହାତରୁ ଅର୍ଥ ଖର୍ଚ୍ଚ କରିଥାଆନ୍ତି। ପରବର୍ତୀ ସମୟରେ ତିନି ମାସକୁ ଥରେ ବି.ଇ.ଓ. ଅଫିସ୍ ଦ୍ୱାରା ବିଲ୍ କରାଯାଇ ଅର୍ଥ ମିଳିଥାଏ। ଗତ ଅକ୍ଟୋବର ମାସଠାରୁ ଅଦ୍ୟାବଧି ମଧ୍ୟାହ୍ନ ଭୋଜନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଅର୍ଥ ଯୋଗାଇ ଦିଆଯାଇ ନାହିଁ। ଦୋକାନୀମାନେ ତିନି ମାସ ବାକି ଦେବା ପରେ ଚତୁର୍ଥ ମାସକୁ ଆଉ ବାକି ଦେଉନଥିବା ବହୁ ଶିକ୍ଷକ ପ୍ରକାଶ କରିଛନ୍ତି। ଦୋକାନୀ ବାକି ନଦେବାରୁ ଶିକ୍ଷକମାନେ ନିଜ ହାତରୁ ମଧ୍ୟାହ୍ନ ଭୋଜନ ପାଇଁ ଅର୍ଥ ଖର୍ଚ୍ଚ କରୁଛନ୍ତି। ନିଜ ପାଖରେ ଅର୍ଥ ନଥିବା ବେଳେ ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଶିକ୍ଷକମାନେ ହଟହଟାର ଶୀକାର ହେଉଥିବା ଦେଖାଯାଇଛି। ଏହା ପୂର୍ବରୁ ମଧ୍ୟାହ୍ନ ଭୋଜନ ଚାଉଳ ମଧ ଯୋଗାଣ ଠିକାଦାର ସଠିକ୍ ଭାବେ ଯୋଗାଇ ନଥିଲେ। ଫଳରେ ବହୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳ ଶେଷ ହୋଇଯିବାରୁ ସେମାନେ ପାଖ ବିଦ୍ୟାଳୟ ଗୁଡ଼ିକରୁ ଧାର ଆଣି ମଧ୍ୟାହ୍ନଭୋଜନ କାର୍ଯ୍ୟ ଚଳାଇଥିଲେ। ଏବେ ଯୋଗାଣ ଠିକାଦାର ପରିବର୍ତନ ହୋଇଥିବାରୁ ସୋମବାର ଠାରୁ ବିଦ୍ୟାଳୟରେ ଚାଉଳ ଦେବା ଆରମ୍ଭ ହୋଇଛି। ହେଲେ ଅର୍ଥ ନଆସିବାରୁ କେତେବେଳେ ଯେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯିବ ସେନେଇ ଆଶଙ୍କା ପ୍ରକାଶ ପାଇଛି। ବିଗତ ତିନିମାସ ହେବ ବି.ଇ.ଓ. କାର୍ଯ୍ୟାଳୟରେ ମଧ୍ୟାହ୍ନ ଭୋଜନ ପରିଚାଳନା ପାଇଁ ରହିଥିବା ଡାଟା ଏଂଟ୍ରି ଅପରେଟର ଆସୁନଥିବାରୁ କାର୍ଯ୍ୟ ପରିଚାଳନାରେ ଏଭଳି ବିଭ୍ରାଟ ହୋଇଥିବା କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି।

## ଅବକାରୀ ବିଭାଗର ବିଭିନ୍ନ ସ୍ଥାନରେ ଚଢ଼ାଉ; ବିପୁଳ ପରିମାଣରେ ମଦ ସହ ବାଇକ ଜବତ, ୧ ଗିରଫ

ନୀଳଗିରି, ୨୪/୦୨ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ଆଜି ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣରେ ଦେଶୀ ମଦ ଜବତ କରିବା ସହ ବ୍ୟବହୃତ ବାଇକ ସହ ଜଣକୁ ଗିରଫ କରିଛନ୍ତି । ସନ୍ତରାଗଡ଼ିଆରୁ ଏକ ବାଇକରେ ଦେଶୀ ମଦ ନେଇ ଯାଉଥିବା ବେଳେ ସୋର ଥାନା ନୂଆଁ ଗାଁ ଅଂଚଳର ସଂଜୟ ଜେନାକୁ ଗିରଫ କରିବା ସହ ବାଇକକୁ ଜବତ କରିଛନ୍ତି । ୨୦୦୦ କିଗ୍ରା ପୋଚ ସହ ୧୩୦ ଲିଟର ଦେଶୀ ମଦ ଜବତ କରିଛନ୍ତି ।

## ମାଷ୍ଟରଙ୍କୁ ଘାରିଛି ଜାପାନୀ ଜ୍ୱର : ପ୍ରାର୍ଥନା ବେଳେ ଅଚେତ ହେଲେ ଛାତ୍ର

ନୀଳଗିରି, ୨୪/୦୨ (ନି.ପ୍ର): ଏବେ ଛାତ୍ରଛାତ୍ରୀମାନଙ୍କୁ ଜାପାନୀ ଜ୍ୱରରେ ଆକ୍ରାନ୍ତ ହେଉଥିବା ବେଳେ ମାଷ୍ଟରଙ୍କୁ ଘାରିଛି ଏହି ଜ୍ୱର । ଶୁକ୍ରବାର ଦିନ ନୀଳଗିରି ବ୍ଲକର କଳାକାଦ ୟୁଜି.ଏମ.ଇ. ସ୍କୁଲର ପ୍ରାର୍ଥନା ଚାଲିଥିବା ବେଳେ ହଠାତ୍ ବାବୁଲା ସିଂ ନାମକ ଛାତ୍ର ଅଚେତ୍ ହୋଇପଡ଼ିଥିଲା । ଫଳରେ ସ୍କୁଲର ଶିକ୍ଷକମାନେ ସଂଗେ ସଂଗେ କଳାକାଦ ପ୍ରାଥମିକ କେନ୍ଦ୍ର ଓ ପରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । କାଳେ ଜାପାନୀ ଜ୍ୱର ଆଶଙ୍କା ରଖି ନୀଳଗିରି ମେଡିକାଲରୁ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ତେବେ ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟର ଅନ୍ତେବାସୀଙ୍କୁ ଜାପାନୀଜ୍ୱର ରେ ଆକ୍ରାନ୍ତ ହେଉଥିବା ବେଳେ ମାଷ୍ଟର କାଳେ ଛାତ୍ର ନିକଟରେ ଏହା ପ୍ରଭାବ ପକାଇବାର ଆଶଙ୍କା କରି ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଶୁଣିବାକୁ ମିଳିଛି । ଛାତ୍ରର ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି ।

## ୧୦୮ କଳସ ଶୋଭାଯାତ୍ରା-ବସ୍ତା ଚଉଦ ମାଦଳ ମହୋତ୍ସବ ଉଦ୍‌ଘାଟିତ

ବସ୍ତା, ୨୪/୦୨ (ନି.ପ୍ର): ବସ୍ତା ବ୍ଲକ ସଦାନନ୍ଦ ପୁର ପଞ୍ଚାୟତ ଅନ୍ତର୍ଗତ ଇଶ୍ୱରବତୀ ମନ୍ଦିର ପଡିଆ ପ୍ରାଙ୍ଗଣ ରେ ସାର୍ବଜନୀନ ଚଉଦ ମାଦଳ ମହୋତ୍ସବ ଶୁକ୍ରବାର ଉଦଘାଟିତ ହୋଇଛି ।ଦିର୍ଘ ୧୫ ବର୍ଷଧରି ଏହି ଉତ୍ସବକୁ ବସ୍ତା ଅଞ୍ଚଳ ବାସୀ ଶ୍ରଦ୍ଧାର ସହିତ ପାଳନ କରିଆଶୁଛନ୍ତି । ଶୁକ୍ରବାର ୧୦୮କଳସଧରି ମହିଳା ଭକ୍ତମାନେ ଜଳକା ନଦୀରୁ ପବିତ୍ର ପାଣିଧରି ପୂଜା ମଣ୍ଡପରେ ପହଞ୍ଚିଥିଲେ ।ସମାଜସେବୀ କୁମୁଦ ରଞ୍ଜନ ଗିରି ତାଙ୍କ ସହଧର୍ମିଣୀ ଝରଣା ଗିରି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ କୁ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରି ଶୁଭାରମ୍ଭକରିଥିଲେ । ବିରାଟ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ବାହାରି ବସ୍ତା ବଜାର ପରିକ୍ରମା କରି ମହୋତ୍ସବ ମଣ୍ଡପରେ ପହଞ୍ଚି ଥିଲେ ।୪ ଦିନ ଧରି ହରିନାମ ସଙ୍କୀର୍ତ୍ତନ ନାମଯଜ୍ଞ ଚାଲୁ ରହିଥିବାବେଳେ ଆସନ୍ତା ସୋମବାର ଉଦଯାପିତ ହେବ ବୋଲି କମିଟିର ସଭାପତି ସମାଜସେବୀ ଶଙ୍କର କୁମାର କର ପ୍ରକାଶ କରିଛନ୍ତି ।ଏହି ଉଦଘାଟନୀ ଉତ୍ସବ କମିଟି ର ସଦସ୍ୟ କେଶବ ବେହେରା, ରତ୍ନାକର ସାହୁ, ବାସୁଦେବ ବେହେରା, ରବିନ୍ଦ୍ର କୁମାର ଦାସ, ନାରାୟଣ ମହାନ୍ତି, ପ୍ରଦୀପ ବେହେରା ଓ ସିପ୍ରା ଲତା ନାୟକ ସମେତ ଶାନ୍ତିକମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଡ୍ରେନ୍‌ରୁ ମିଳିଲା ନବଜାତ ଶିଶୁ କନ୍ୟା : ରାଇବଣିଆରେ ଆଲୋଡନ

ଜଳେଶ୍ୱର, ୨୪/୨(ନି.ପ୍ର): ଆଜି ପୂର୍ବାହ୍ନରେ ରାଇବଣିଆ ଡାକ୍ତରଖାନା ସମ୍ମୁଖସ୍ଥ ଜଣେ ପାନଦୋକାନୀ ଶୌଚପାଇଁ ଯାଇ ଡ୍ରେନ୍‌ରେ ଏକ ନବଜାତ ଶିଶୁ କନ୍ୟାର କ୍ରନ୍ଦନ ଶବ୍ଦ ଶୁଣି ଚମକି ପଡିଥିଲେ । ମାତୃ ହୃଦୟ ତାଙ୍କର ତରଳି ଯାଇଥିଲା । ସଂଗେ ସଂଗେ ପିଲାଟିକୁ ଉଠାଇ ନିଜ ପଣତକାନିରେ ପୋଛାପୋଛି କରି ଚିକିତ୍ସା ଲାଗି ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଘଟଣାଟି ପ୍ରଘଟ ହେବାପରେ ଲୋକାରଣ୍ୟ ହୋଇଉଠିଥିଲା ଡାକ୍ତରଖାନା ପରିସର । ଦିନ ଦଶଟାରେ ହାତିଗଡ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସୁଶାନ୍ତ ସି ଓ ତାଙ୍କ ସ୍ତ୍ରୀ ବାସନ୍ତୀ ସି ରହି ଆସୁଥିଲେ । ଡ୍ରେନ୍ ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନକୁ ଶୌଚଲାଗି କଲାବେଳେ ଶିଶୁର ଏକ କ୍ଷିଣ ସ୍ୱର ଶୁଣିବାକୁ ପାଇଥିଲେ । ନବଜାତ ଶିଶୁକୁ ଦେଖି ତାର ଚିକିତ୍ସାଲାଗି ତତ୍ପର ହୋଇ ଉଠିଥିଲେ । ନିଜେ ତାର ଲାଳନପାଳନ କରିବାଲାଗି ମନସ୍ଥ କରି ଡାକ୍ତରଙ୍କୁ ଚିକିତ୍ସାର ବ୍ୟବସ୍ଥା କରିବାକୁ କହିଥିଲେ । କିନ୍ତୁ ଶିଶୁର ବାପା ମା କିମ୍ୱା ସମ୍ପର୍କୀୟଙ୍କୁ ନ ପାଇ ବାସନ୍ତି ସି ଅଧିକ ଚିକିତ୍ସା ପାଇଁ ବ୍ୟସ୍ତ ହୋଇ ଉଠିଥିଲେ । ଜନଗହଳି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବାସନ୍ତି ଶିଶୁ ଅଧିକ ଚିକିତ୍ସା ଲାଗି ବାଲେଶ୍ୱର ନେବାକୁ ଯୋଜନା କରିଥିଲେ । ଏ ସଂପର୍କରେ ହାତୀଗଡ ଡାକ୍ତରଖାନାର ମୁଖ୍ୟ ଡ. ପ୍ରଭାସ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଲେ ବାସନ୍ତୀ ସି ନେଇଆସିଥିବା ନବଜାତ ଶିଶୁର ଓଜନ ଦେଢ କିଲୋଗ୍ରାମର ଥିବା ବେଳେ ତାର ପ୍ରାଥମିକ ଚିକିତ୍ସା ସାରି ବାଲେଶ୍ୱରସ୍ଥିତ ଚାଇଲ୍ଡଲାଇନ୍‌ର ମୁଖ୍ୟ ପ୍ରଶାନ୍ତ ରାଉତ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିବା କହିଥିଲେ । ଶିଶୁର ଛାତିରେ ଏକ କ୍ଷତଚିହ୍ନ ଥିବା ବେଳେ ରାଇବଣିଆ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ବର୍ତ୍ତମାନ ପିଲାଟି ବାଲେଶ୍ୱର ମେଡିକାଲରେ ଚିକିତ୍ସା ହେଉଥିବା ଜଣାଯାଇଛି । ଏଥିନେଇ ବହୁକଥା ଶୁଣିବାକୁ ମିଳୁଛି ।

# ସମଗ୍ର ଓଡିଶାର ବିକାଶ କାର୍ଯ୍ୟ ପାଇଁ ମହାରାଜା ଅବିସ୍ମରଣୀୟ ହୋଇ ରହିଛନ୍ତି



ବାରିପଦା, ୨୪/୦୨ (ନି.ପ୍ର): ଆଜି ମୟୂରଭଂଜର ପ୍ରାତସ୍ମରଣୀୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜ ଦେଓଙ୍କର ଶ୍ରାଦ୍ଧ ଦିବସ ଉପଲକ୍ଷେ ବାରିପଦା ରାଣିବାଗ ସ୍ଥିତ ମହାରାଜାଙ୍କ ସମାଧି ସ୍ଥଳରେ ଓଡିଆ ଜାଗରଣ ମଂଚ ଏବଂ ମୟୂରଭଂଜ ହେରିଟେଜ ୱାକ ତରଫରୁ ଏକ ଶ୍ରଦ୍ଧାଂଜଳି ସଭା ଆୟୋଜିତ ହୋଇ ଯାଇଛି । ଓଡିଆ ଜାଗରଣ ମଂଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବାରିପଦା ଉପନଗରପାଳ ସୀମା ଦାସ, ବରିଷ୍ଠ ଶିକ୍ଷାବିତ ନରେନ୍ଦ୍ର ମହୋନ ସେନାପତି, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ଉଦୟ ନାଥ ଜେନା, ପଣ୍ଡିତ ଭାଗବତ ପଣ୍ଡା, ପୀତାମ୍ବର ମଲ୍ଲିକ, ଦୀପକ କୁମାର ନାୟକ, ମୟୂରଭଂଜ ହେରିଟେଜ ୱାକର ଆବାହକ କୁମାରେଶ ନାୟକ, କିଶୋର କୁମାର ମହାନ୍ତି, ଜୟ ପ୍ରକାଶ ସିଂହ, ଶ୍ରୁତି ସ୍ୱପ୍ନା, ସ୍ୱାତୀ ସାହା, ତ୍ରିଶା ପୃଷ୍ଟି, ଲିଲିମା ସାହୁ, ଶ୍ରାବଣୀ ପ୍ରଧାନ, ଅପର୍ଣ୍ଣା ସିଂହ, ଅର୍ପିତା ବେହେରା, ଝରଣା ସି, ପାରାୟଣୀ ସୋରେନ, ରାନୀ ଟୁଡୁ ତଥା ବହୁ ଯୁବ ସଦଶ୍ୟ ଯୋଗ ଦେଇ ମହାରାଜା ଶ୍ରୀରାମ ଚନ୍ଦ୍ର ନିଜର ସ୍ୱଳ୍ପ ଜୀବନ କାଳ ମଧ୍ୟରେ କେବଳ ନିଜ ରାଜ୍ୟ ମୟୂରଭଂଜର ନୁହେଁ ସମଗ୍ର ଓଡିଶାର ବିକାଶ ପାଇଁ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ଅବିସ୍ମରଣୀୟ ବୋଲି କହିଥିଲେ । ଉପନଗରପାଳ ଶ୍ରୀମତୀ ଦାସ ସମାଧି ସ୍ଥଳର ଉନ୍ନତି କରଣ ପାଇଁ ପ୍ରତିଶୃତି ଦେଇଥିବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

## ଜିଲ୍ଲା ସ୍ତରୀୟ ରେଡକ୍ରସ ବୈଠକ

ଖୋର୍ଦ୍ଧା, ୨୪/୦୨ (ନି.ପ୍ର): ଆଜି ପୂର୍ବାହ୍ନ ୧୦.୦୦ ଟା ରେ ଜିଲ୍ଲାପାଳ ଙ୍କ ସଦଭାବନା ଗୃହ ରେ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ସ୍ତରୀୟ ରେଡକ୍ରସ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ସୁରେନ୍ଦ୍ର ନାଥ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସାଫ ଲ୍ୟ ମଣ୍ଡିତ ପ୍ରଧାନ, ଉପ. ଜିଲ୍ଲାପାଳ, ଦୀପ୍ତି ରଞ୍ଜନ ସେଠି, ମୁଖ୍ୟ ଚିକିତ୍ସା ଅଧିକାରୀ, ଆର୍ତ୍ତବନ୍ଧୁ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜ୍ୟୋସ୍ନାମୟୀ ଆଚାର୍ଯ୍ୟ, ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକକୁ ପରିଚାଳନା କରିଥିଲେ । ଡେପୁଟି କଲେକ୍ଟର ଉର୍ମିପ୍ରଭା ମହାରଣା, ୨୦୨୨ ମସିହାରେ ରେଡ଼କ୍ରସ ଟଙ୍କାର ସମୀକ୍ଷା କରାଯାଇ ବ୍ୟାଙ୍କ ରେ କେଉଁ ପ୍ରକାରରେ ଯଥା ଫିକ୍ସ ଏବଂ ସେଭିଙ୍ଗ ଡିପଜିଟ୍ କରାଯାଇଛି ସେ ବିଷୟ ରେ ଜିଲ୍ଲାପାଳ ଆଲୋଚନା କରିଥିଲେ ଏବଂ କେତେ ଫିକ୍ସ ଡିପଜିଟ୍ କରାଯାଇ ପାରିବ ପରାମର୍ଶ ଦେଇଥିଲେ । ପୁରୁଣା ରସିଦ ବହି ଫେରାଇ ନୂଆ ରସିଦ ବହି ନେଇଯିବାକୁ ସମସ୍ତ ବିଭାଗକୁ ଅନୁରୋଧ କରିଥିଲେ । ଲୋକଙ୍କ ମଙ୍ଗଳ ପାଇଁ ରସିଦ ବହି ରେ ଟଙ୍କା ପାଇବାର ୧୫ ଦିନ ଭିତରେ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ବିଭାଗ କୁ କିଛି ରସିଦ ବହି ଦେବା ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନୁରୋଧ କରିଥିଲେ ।

## ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ବଢିଲା

ଭୁବନେଶ୍ୱର, ୨୪/୦୨ (ନି.ପ୍ର): ୨୦୨୩-୨୪ ବଜେଟରେ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶିକୁ ବଢା ଯାଇଛି । ବଜେଟ ଅଭିଭାଷଣରେ ଅର୍ଥ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ହରିଶ୍ଚନ୍ଦ୍ର ସହାୟତା ଯୋଜନା ଅଧୀନରେ ସହାୟତା ରାଶିକୁ ଗ୍ରାମାଂଚଳ ପାଇଁ ୨ ହଜାରରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସହରାଂଚଳରେ ଏବେ ଏହି ରାଶିର ପରିମାଣ ୩ ହଜାରରୁ ୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି ।

# ପ୍ରେମରେ ବିଫଳ ହେବାରୁ ହାତକାଟି ଦେଲା ପ୍ରେମିକା

ନୀଳଗିରି, ୨୪/୦୨ (ନି.ପ୍ର): ଆଜିର ଯୁବ ସମାଜରେ ପ୍ରେମ କାହାଣୀକୁ ନେଇ ବିଭିନ୍ନ ପ୍ରକାର ଅଘଟଣ ଘଟୁଥିବା ବେଳେ କେହି କେହିବି ଆତ୍ମହତ୍ୟା କରିଥିବାର ନଜର ଅଛି । ବର୍ତମାନ ସମାଜରେ ପ୍ରେମକାହାଣର ମଧ୍ୟସ୍ଥତା କରୁଛୁ ମୋବାଇଲ ଫୋନ୍ । ମୋବାଇଲ ହିଁ ଉଭୟ ପ୍ରେମିକ ପ୍ରେମିକାଙ୍କ ପାଇଁ ସୃଷ୍ଟି କରିଥାଏ ଭଲ ପାଇବା । ଉଭୟ ଯୁବକ ଯୁବତୀ ମୋବାଇଲରେ ପ୍ରେମ ଆଳାପ କରି ଚାଲିଥିବା ବେଳେ ହଠାତ୍ ଯଦି କିଛି ଦିନ ପାଇଁ ଉଭୟଙ୍କ ମଧ୍ୟରେ ମୋବାଇଲରେ ଯୋଗାଯୋଗ ବିଚ୍ଛିନ୍ନ ହୁଏ କିମ୍ବା ପ୍ରେମିକାର ମୋବାଇଲ କଲକୁ ପ୍ରେମିକ ନ ଉଠାଏ କିମ୍ବା ପ୍ରେମିକର ଫୋନ କଲକୁ ପ୍ରେମିକା ରିସିଭ ନ କରେ ଶେଷରେ ଆରମ୍ଭ ହୁଏ ପ୍ରେମର ବିଫଳ କାହାଣୀ । ପରସ୍ପର ମଧ୍ୟରୁ କିଏ ସୁଇସାଇଡ କରେ ତ କିଏ ନିଜର ହାତକୁ କାଟି ରକ୍ତାକ୍ତ କରିପକାଇଥାଏ । ଏପରି ଏକ ଘଟଣା ନୀଳଗିରି ଅଂଚଳରେ ଦେଖିବାକୁ ମିଳିଛି । ନୀଳଗିରି କଲେଜର ଜୈନିକ ଛାତ୍ରୀ ନୀଳଗିରି ଅଂଚଳର ଜନୈକ ଯୁବକକୁ ଭଲ ପାଇ ଆସୁଥିଲେ । ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ଅତି ନିବିଡ଼ ହୋଇ ଉଠିଥିଲା । ହଠାତ୍ ପ୍ରେମିକାର ଫୋନ୍ କଲକୁ ପ୍ରେମିକ ନ ଉଠାଇବାରୁ ଶେଷରେ ପ୍ରେମିକା ଜଣକ ନିଜର ହାତକୁ କାଟି ରକ୍ତାକ୍ତ କରିଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ପରେ ଗୁରୁତ୍ୱର ଅବସ୍ଥାରେ ଯୁବତୀକୁ ନୀଳଗିରି ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସିତ କରାଯାଇଛି । ତେବେ ପ୍ରେମରେ ବିଫଳ ହେବାରୁ ଶେଷରେ ହାତକାଟିବା ଘଟଣା ନୀଳଗିରିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଡ୍ରେନ୍‌ରୁ ମିଳିଲା ନବଜାତ ଶିଶୁ କନ୍ୟା : ରାଇବଣିଆରେ ଆଲୋଡନ

ଜଳେଶ୍ୱର, ୨୪/୨(ନି.ପ୍ର): ଆଜି ପୂର୍ବାହ୍ନରେ ରାଇବଣିଆ ଡାକ୍ତରଖାନା ସମ୍ମୁଖସ୍ଥ ଜଣେ ପାନଦୋକାନୀ ଶୌଚପାଇଁ ଯାଇ ଡ୍ରେନ୍‌ରେ ଏକ ନବଜାତ ଶିଶୁ କନ୍ୟାର କ୍ରନ୍ଦନ ଶବ୍ଦ ଶୁଣି ଚମକି ପଡିଥିଲେ । ମାତୃ ହୃଦୟ ତାଙ୍କର ତରଳି ଯାଇଥିଲା । ସଂଗେ ସଂଗେ ପିଲାଟିକୁ ଉଠାଇ ନିଜ ପଣତକାନିରେ ପୋଛାପୋଛି କରି ଚିକିତ୍ସା ଲାଗି ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଘଟଣାଟି ପ୍ରଘଟ ହେବାପରେ ଲୋକାରଣ୍ୟ ହୋଇଉଠିଥିଲା ଡାକ୍ତରଖାନା ପରିସର । ଦିନ ଦଶଟାରେ ହାତିଗଡ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପାନ ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସୁଶାନ୍ତ ସି ଓ ତାଙ୍କ ସ୍ତ୍ରୀ ବାସନ୍ତୀ ସି ରହି ଆସୁଥିଲେ । ଡ୍ରେନ୍ ନିକଟସ୍ଥ ଏକ ପରିତ୍ୟକ୍ତ ସ୍ଥାନକୁ ଶୌଚଲାଗି କଲାବେଳେ ଶିଶୁର ଏକ କ୍ଷିଣ ସ୍ୱର ଶୁଣିବାକୁ ପାଇଥିଲେ । ନବଜାତ ଶିଶୁକୁ ଦେଖି ତାର ଚିକିତ୍ସାଲାଗି ତତ୍ପର ହୋଇ ଉଠିଥିଲେ । ନିଜେ ତାର ଲାଳନପାଳନ କରିବାଲାଗି ମନସ୍ଥ କରି ଡାକ୍ତରଙ୍କୁ ଚିକିତ୍ସାର ବ୍ୟବସ୍ଥା କରିବାକୁ କହିଥିଲେ । କିନ୍ତୁ ଶିଶୁର ବାପା ମା କିମ୍ୱା ସମ୍ପର୍କୀୟଙ୍କୁ ନ ପାଇ ବାସନ୍ତି ସି ଅଧିକ ଚିକିତ୍ସା ପାଇଁ ବ୍ୟସ୍ତ ହୋଇ ଉଠିଥିଲେ । ଜନଗହଳି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବାସନ୍ତି ଶିଶୁ ଅଧିକ ଚିକିତ୍ସା ଲାଗି ବାଲେଶ୍ୱର ନେବାକୁ ଯୋଜନା କରିଥିଲେ । ଏ ସଂପର୍କରେ ହାତୀଗଡ ଡାକ୍ତରଖାନାର ମୁଖ୍ୟ ଡ. ପ୍ରଭାସ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଲେ ବାସନ୍ତୀ ସି ନେଇଆସିଥିବା ନବଜାତ ଶିଶୁର ଓଜନ ଦେଢ କିଲୋଗ୍ରାମର ଥିବା ବେଳେ ତାର ପ୍ରାଥମିକ ଚିକିତ୍ସା ସାରି ବାଲେଶ୍ୱରସ୍ଥିତ ଚାଇଲ୍ଡଲାଇନ୍‌ର ମୁଖ୍ୟ ପ୍ରଶାନ୍ତ ରାଉତ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିବା କହିଥିଲେ । ଶିଶୁର ଛାତିରେ ଏକ କ୍ଷତଚିହ୍ନ ଥିବା ବେଳେ ରାଇବଣିଆ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି । ବର୍ତ୍ତମାନ ପିଲାଟି ବାଲେଶ୍ୱର ମେଡିକାଲରେ ଚିକିତ୍ସା ହେଉଥିବା ଜଣାଯାଇଛି । ଏଥିନେଇ ବହୁକଥା ଶୁଣିବାକୁ ମିଳୁଛି ।

# ସେଲ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୧୦ଜଣ ଗରିବ ଶ୍ରେଣୀର ଲୋକଙ୍କର ନିଃଶୁଳ୍କ ଶଲ୍ୟ ଚିକିତ୍ସା

ରାଉରକେଲା, ୨୪/୦୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସ୍ପିଟାଲରେ ପାର୍ଶ୍ୱାଞ୍ଚଳ ଗ୍ରାମ ଓ ଶିଳ୍ପାଞ୍ଚଳ ବସ୍ତିର ୧୦ ଜଣ ରୋଗୀଙ୍କର ପ୍ରକଳ୍ପ ଚରକ ଅଧୀନରେ ମାଗଣା ଅସ୍ତ୍ରୋପଚାର ଏବଂ ଚିକିତ୍ସା କରାଯାଇଛି । ପୂର୍ବରୁ ଆରଏସପି ଆନୁକୂଲ୍ୟରେ ଆୟୋଜିତ ବହୁମୁଖୀ ସ୍ୱାସ୍ଥ୍ୟ ଶିବିରରେ ଏହି ହାଇଡ୍ରୋସିଲ, ହାର୍ଣ୍ଣିଆ ଏବଂ ଗଲ ବ୍ଲାଡର ରୋଗୀଙ୍କୁ ଶଲ୍ୟ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଥିଲା । ଏହି ରୋଗୀମାନେ ଯଥା କପଟୁଣ୍ଡା ଗ୍ରାମର ଶ୍ରୀ ସନିକା ଓରାମ ଓ ଶ୍ରୀ ବୁଦ୍ଧିଆ ଖେସ, ରାଇବଗାର ଶ୍ରୀ ସୁଶୀଲ କୁମାର ଡାଙ୍ଗ, ଜଳଦାର ଶ୍ରୀ ପୁଷ୍ପରାମ ଖାଡିଆ, ହାତିବନ୍ଧାର ଶ୍ରୀ ଜାଗରଣ ପୂରନ, ଶିଳ୍ପାଞ୍ଚଳ ବସ୍ତିର ଶ୍ରୀ ଅଜୟ କୁମାର ଓଝା, ଶ୍ରୀ ଅଜୟ ଲାକ୍ରା, ଶ୍ରୀ ବନ୍ଧୁ ସାହୁ, ସୁଶ୍ରୀ ରୀନା ସାହୁ ଓ ସୁଶ୍ରୀ ପ୍ରମିଳା ବେହେରା । ରୋଗୀମାନଙ୍କୁ ସେମାନଙ୍କ ପାଇଁ ଧାର୍ଯ୍ୟ ଦିନରେ ଆଇଜିଏଚରେ ଭର୍ତ୍ତି ହୋଇଥିଲେ ଏବଂ ଡାକ୍ତରୀ ଦଳ ଦ୍ୱାରା ସେମାନଙ୍କର ସଫଳ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା । ଅତିରିକ୍ତ ସିଏମଓ ତଥା ସର୍ଜରୀ ବିଭାଗ ମୁଖ୍ୟ ଡାକ୍ତର ମନୋଜ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅତିରିକ୍ତ ସିଏମଓ, ଡାକ୍ତର ମନୋଜ କୁମାର ପ୍ରଧାନ, ବରିଷ୍ଠ ପରାମର୍ଶଦାତା, ଡାକ୍ତର ଜ୍ୟୋତି ରଂଜନ ସାହୁ ଓ ଅନ୍ୟ ଡ଼ିଏନବି ଡାକ୍ତରଙ୍କୁ ନେଇ ଗଠିତ ଡାକ୍ତରୀ ଦଳ ରୋଗୀମାନଙ୍କର ଅସ୍ତ୍ରୋପଚାର କରିଥିଲେ । ନର୍ସିଙ୍ଗ ଷ୍ଟାଫ ତଥା ପାରାମେଡିକାଲ୍ କର୍ମଚାରୀ ଅସ୍ତ୍ରୋପଚାରରେ ସହଯୋଗ କରିଥିଲେ । ସଫଳ ଅସ୍ତ୍ରୋପଚାର ପରେ ସମସ୍ତ ରୋଗୀ ସୁସ୍ଥ ହୋଇ ଡାକ୍ତରଖାନାରୁ ଡିସଚାର୍ଜ ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ଆରଏସପି ରୋଗୀର ଚିକିତ୍ସା ଏବଂ ଆଡମିଶନ ଫି ସହିତ ଉଭୟ ରୋଗୀ ଓ ଆଟେଣ୍ଡାଣ୍ଟଙ୍କ ଖାଦ୍ୟପେୟ ଖର୍ଚ୍ଚ ବହନ କରୁଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୨.୩ ଲକ୍ଷ କୋଟି ଟଙ୍କାର....

୫୧ ହଜାର ୬୮୩ କୋଟି ଟଙ୍କା, ଯାହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬ ପ୍ରତିଶତ । ଅତିରିକ୍ତ ଭାବେ ଋଣଓ ଅଗ୍ରିମ , ପୁଂଜି ସମ୍ପତି ସୃଷ୍ଟି ପାଇଁ ଅନୁଦାନ ଓ ଅନ୍ୟାନ୍ୟ ପୁଂଜି ସମ୍ପତି ସୃଷ୍ଟି ପାଇଁ ଖର୍ଚ୍ଚକୁ ମିଶାଇ ମୋଟ ୧୨ହଜାର ୪୨୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଯାହା ସାମଗ୍ରିକ ଘରୋଇ ଉତ୍ପାଦର ୧.୪ ପ୍ରତିଶତ । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆକଳିତ ମୋଟ ରାଜସ୍ୱ ପ୍ରାପ୍ତି ମଧ୍ୟରେ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ଭାବେ ୪୬ ହଜାର ୨୫୧ କୋଟି ଟଙ୍କା , ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ୫୩ ହଜର କୋଟି ଟଙ୍କା , ନିଜସ୍ୱ ଅଣଟିକସ ରାଜସ୍ୱ ୫୨ ହଜାର ୫୦୦ କୋଟି ଟଙ୍କା ଏବଂ କେନ୍ଦ୍ରୀୟ ଅନୁଦାନ ବାବଦକୁ ୩୨ ହଜାର ୭୪୯ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଏହା ପୂର୍ବରୁ ଅର୍ଥମନ୍ତ୍ରୀ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବଜେଟ୍ ତଥ୍ୟ ସମ୍ୱଳିତ ପେନ ଡ୍ରାଇଭ୍ ପ୍ରଦାନ କରିଥିଲେ ।

## ହନିଟ୍ରାପରେ ପଡ଼ି ଆଇଟିଆର....

ଓ ଭିଡିଓ ପ୍ରତିବଦଳରେ ଅଭିଯୁକ୍ତ ଅଧିକାରୀ ଆଇଟିଆରର କ୍ଷେପଣାସ୍ତ୍ର ପରୀକ୍ଷା ବାବଦୀୟ ସମ୍ବେଦନଶୀଳ ତଥା ଗୁପ୍ତ ତଥ୍ୟ ହସ୍ତାନ୍ତର କରିଥିଲେ । ଅଧିକାରୀଙ୍କର ବିଦେଶୀ ଏଜେଣ୍ଟଙ୍କ ଲିଙ୍କ ସମ୍ପର୍କରେ ଏକାଧିକ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା, କ୍ରାଇମ ବ୍ରାଞ୍ଚ ଓ ଓଡ଼ିଶା ପୁଲିସ ସୂଚନା ପାଇ ତାଙ୍କ ଉପରେ ନଜର ରଖିଥିଲେ ବୋଲି ଆଇଜି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଗିରଫ ଅଭିଯୁକ୍ତଙ୍କୁ ଆଜି ଅପରାହ୍ଣରେ ବାଲେଶ୍ୱରର ଫାଷ୍ଟକ୍ଲାସ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ମୋନିକା ଆଚାର୍ଯ୍ୟଙ୍କ ସିଟି କୋର୍ଟରେ ହାଜର ବେଳେ ତାଙ୍କ ପରିଚୟ ଜଣାପଡ଼ିଲା । ସେ ହେଲେ 'ଆଇଟିଆର' ଟେଲିମେଟ୍ରି ବିଭାଗର ବରିଷ୍ଠ ବୈଷୟିକ ଅଧିକାରୀ ଜଳେଶ୍ୱରର ଡେମ୍ବୁରିଆ ବାଗପୁଞ୍ଜି ଅଞ୍ଚଳର ସ୍ୱର୍ଗତ ଭଗବାନ ଦେଙ୍କ ପୁତ୍ର ବାବୁରାମ ଦେ (୫୧) । ଡିଆରଡିଓ ତଥା ଅନ୍ୟାନ୍ୟ ଏଜେନ୍ସିଙ୍କ ପକ୍ଷରୁ ହେଉଥିବା ସମସ୍ତ ମିଜାଇଲ ପରୀକ୍ଷାରେ ଶ୍ରୀ ଦେଙ୍କୁ ଆଗ ଖୋଜାଯାଇଥାଏ । ପରୀକ୍ଷଣ ବେଳେ କ୍ଷେପଣାସ୍ତ୍ର ବିଜ୍ଞାନୀ ଏବଂ ବୈଜ୍ଞାନିକଙ୍କ ସହ ସେ ଉପସ୍ଥିତ ରହିଥାନ୍ତି । ଯେ କୌଣସି ବୈଷୟିକ ସମସ୍ୟା ଦେଖାଦେଲେ ବୈଜ୍ଞାନିକଙ୍କ ପରାମର୍ଶ କ୍ରମେ ଶ୍ରୀ ଦେ ସଙ୍ଗେ ସଙ୍ଗେ ଏହାର ସମାଧାନ କରିଥା'ନ୍ତି । ଏମିତିକି ଆଇଟିଆରରେ ହେଉଥିବା ମିଜାଇଲ ପରୀକ୍ଷା ସମ୍ପର୍କରେ ବୈଜ୍ଞାନିକଙ୍କ ପୂର୍ବରୁ ସେ ଜାଣିଥା'ନ୍ତି ବୋଲି କୋର୍ଟରେ ପ୍ରଦାନ କରାଯାଇଥିବା ଚାନ୍ଦିପୁର ଥାନା ଏସଆଇଙ୍କ ଏତଲାରୁ ଜଣାପଡ଼ିଛି । ତେବେ ଜାମିନ ନାମଞ୍ଜୁର ହେବାର ଗିରଫ ଅଭିଯୁକ୍ତ ବାବୁରାମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ମେଘାଳୟରେ ମୋଦୀଙ୍କ....

ରୋଡ ଶୋ ବେଳେ ଦୁଇ ପାଶ୍ୱର୍ରେ ହଜାର ହଜାର ଲୋକେ ଏକତ୍ରିତ ହୋଇଥିବା ଏହା ପ୍ରମାଣ କରୁଛି ଯେ, ବିଜେପି ପ୍ରତି ଲୋକଙ୍କ ଆସ୍ଥା ବଢିବାରେ ଲାଗିଛି । ଶିଲଂରେ ଜନସଭାକୁ ସମ୍ବୋଧିତ କରି ମୋଦୀ କହିଛନ୍ତି, ଶାନ୍ତି ସମୃଦ୍ଧି ଓ ପ୍ରଗତି ହେଉଛି ବିଜେପିର ମୂଳମନ୍ତ୍ର । ଲୋକେ ଏବେ ବିଜେପିକୁ ଭରସା କରୁଥିବା କହିଛନ୍ତି ପ୍ରଧାନମନ୍ତ୍ରୀ । ମେଘାଳୟରେ ଚାରିଆଡେ ଏବେ ବିଜେପି ଦୃଶ୍ୟମାନ ହେଉଛି । ଗାଁ-ଠୁ ସହର ସବୁଠି ପଦ୍ମଫୁଲ ଫୁଟୁଥିବା ଦେଖାଯାଉଛି । ୬୦ ବିଧାନସଭା ସିଟ୍ ବିଶିଷ୍ଟ ମେଘାଳୟ ଓ ନାଗାଲାଣ୍ଡରେ ଆସନ୍ତା ଫେବୃୟାରୀ ୨୭ ରେ ପଡିବ ଭୋଟ୍ । ମାର୍ଚ୍ଚ ୨ରେ ଏହି ୨ ରାଜ୍ୟ ସମେତ ତ୍ରିପୁରାର ଫଳାଫଳ ପ୍ରକାଶ ପାଇବ ।

## ଆନନ୍ଦ ଟପ୍ପୋ ମୃତ୍ୟୁ ମାମଲାରେ....

ମଞ୍ଜିତ ଟପ୍ପୋ ସାମିଲ ଥିବା ସେ ଅଭିଯୋଗ କରିଥିଲେ । ବୀରେନ୍ଦ୍ରଙ୍କ ନାଁରେ ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋ । ହେଲେ ପୋଲିସ୍ ଅଭିଯୋଗ ଗ୍ରହଣ କରିନଥିବା ଅଭିଯୋଗ କରି ବନ୍ଧନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଘଟଣାର ସାନି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

# ଅମର୍ଦ୍ଦାରୋଡ ସରକାରୀ ଚିକିତ୍ସାଳୟ ଅବ୍ୟବସ୍ଥା

ଅମର୍ଦ୍ଦାରୋଡ, ୨୪/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ସ୍ଥିତ ଅମର୍ଦ୍ଦାରୋଡ ସରକାରୀ ଚିକିତ୍ସାଳୟ ସମ୍ପ୍ରତି ଭୂତକୋଠି ପାଲଟିଛି ।୬ଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥସେବା ଓ ଚିକିତ୍ସା ନିମନ୍ତେ ନିର୍ଭରଶୀଳ ରହିଆସୁଥିବା ବେଳେ ଏହି ଚିକିତ୍ସାଳୟରେ ଡାକ୍ତର ଅଭାବରୁ ଆଶାନୁରୂପ ସେବା ମିଳିପାରୁ ନଥିବାର ଜନସାଧାରଣ ଅଭିଯୋଗ ସହ ଅସନ୍ତୋଷ ପ୍ରକାଶ ପାଉଛି ।ପଡୋଶୀ ଜିଲ୍ଲା ମୟୁରଭଞ୍ଜ ନାକିଚୁଆଁ ପଞ୍ଚାୟତ,ବସ୍ତା ବ୍ଲକର କୁଳିଦା, ପୁରସୋତ୍ତମପୁର, ବ୍ରାହ୍ମଣଦା,ବାରୁଣଗଡିଆ ଓ ନଟାକଟା ପଞ୍ଚାୟତ ଆଦି ପଞ୍ଚାୟତ ଆଦି ପଞ୍ଚାୟତର ଲୋକେ ଏହି ଚିକିତ୍ସାଳୟ ପ୍ରତି ମୁଖ୍ୟତଃ ନିର୍ଭୟାଶୀଳ ରହି ଆସୁଛନ୍ତି ।ହେଲେ ନଟାକଟା ପଞ୍ଚାୟତରେ ଥିବା ଏହି ଚିକିତ୍ସାଳୟଟିରେ ଡାକ୍ତର ନାହାଁନ୍ତି ।ଫଳରେ ଗରିବ ଲୋକମାନେ ବସ୍ତା,ବାଲେଶ୍ୱର ଓ ଦୂରଦୁରାନ୍ତ ଚିକିତ୍ସାଳୟକୁ ରୋଗୀଙ୍କୁ ନେଇଯାଇ ଅଧିକ ଖର୍ଚ୍ଚାନ୍ତ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । କଲେଜ, ଉଚ୍ଚବିଦ୍ୟାଳୟ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଆଦି ଏଠାରେ ରହିଥିବାରୁ ବହୁ ଲୋକେ ଏଠାକୁ ଯିବା ଆସିବା କରିଥାନ୍ତି । ବିଭିନ୍ନ ସମୟରେ ରାସ୍ତା ଦୁର୍ଘଟଣାଜନିତ ଆହାତ ଏବଂ ଅନ୍ୟାନ୍ୟ ରୋଗୀ ଏହାକୁ ଆସୁଥିବା ବେଳେ ଆଶାନୁରୂପ ସେବାପାଇପରୁ ନାହାଁନ୍ତି ।ଏହି ଚିକିତ୍ସାଳୟରେ ଜଣେ ଆୟୁଷ ଡାକ୍ତର, ଫାର୍ମାସୀ, ଆଟେଣ୍ଡାଣ୍ଟ, ସିକୁରିଟିଗାର୍ଡଙ୍କ ଭରସାରେ ଚାଲିଛି ।ଜରୁରିକାଳୀନ ଚିକିତ୍ସା ସେବା ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । କହିବାକୁ ଗଲେ ଏହି ଚିକିତ୍ସାଳୟ କମା ଅବସ୍ଥାରେ ଚାଲିଛି । ଜିଲ୍ଲା ପ୍ରଶାସନ,ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ଚେଇଁ ଶୋଇଥିବା ପରି ମନେ ହୋଇଛି ।ତେବେ ଖୋଦ ଅବକାରୀ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ।ହେଲେ କାହାରି ଜନସାଧାରଣ ପ୍ରତି ନଜର ନାହିଁକି ଦରଦ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି । ତୁରନ୍ତ ଜନସାଧାରଣ ସୁବିଧାକୁ ଦୃଷ୍ଟିରଖି ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

## ୨୬ରେ ରାଜ୍ୟସ୍ତରୀୟ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

ନୀଳଗିରି, ୨୪/୦୨ (ନି.ପ୍ର): ତୃତୀୟ ଥର ପାଇଁ ନୀଳଗିରି ସ୍ୱର୍ଣ୍ଣଚୂଡ଼ ଫୁଟବଲ ଏସୋସିଏସନ ପକ୍ଷରୁ ଚଳିତ ମାସ ୨୬ତାରିଖରେ ଏକ ଦିବସୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଆଜି ଏହାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ନୀଳଗିରି ଥାନା ପଡ଼ିଆ ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ବୁଦ୍ଧଦେବ ସରକାରଙ୍କ ସଭାପତିତ୍ୱରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ରାଜ୍ୟ ବାହାରୁ ଆସୁଥିବା ଖେଳାଳିମାନଙ୍କର ରହଣୀ, ଖାଇବା, ପିଇବାର ବ୍ୟବସ୍ଥା, ଖେଳଦିନ ଏକ ମଶାଲ ଶୋଭାଯାତ୍ରା ପରିକ୍ରମା କରାଯିବ । ଷ୍ଟାଡିୟମ ପରିସରରେ କୌଣି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନ କରାଯିବା ଉପରେ ଆଲୋଚନା କରାଯାଇଥିଲା । ପ୍ରବଳ ଜନସମାଗମକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଫୋର୍ସ ମୁତୟନ ପାଇଁ ଆଲୋଚନା କରାଯାଇଥିଲା । ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୮ଗୋଟି ଟିମ୍ ଅଂଶ ଗ୍ରହଣ କରୁଥିବା ବେଳେ ଭୁବନେଶ୍ୱର, କଲିକତା, ଖଡ଼ଗପୁର, ମୟୂରଭଞ୍ଜ, କେନ୍ଦୁଝର, କଟକ, ରାଇରଙ୍ଗପୁର ଓ ବାଲେଶ୍ୱର ଟିମ୍ ଅଂଶଗ୍ରହଣ କରୁଛନ୍ତି ବୋଲି ସଭାପତି ବୁଦ୍ଧଦେବ ସରକାର ସୂଚନା ଦେଇଛନ୍ତି । ଏହି ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ରେ ଉଦୟ ଜ୍ୟୋତି ମହାନ୍ତି, ଶରତ ଦାସ, ସବ୍ୟସାଚୀ ମହାପାତ୍ର, ବିଜୟ ଲେଙ୍କା, ରାଜେନ୍ଦ୍ର ପାତ୍ର, କମଳାକାନ୍ତ ମୁଖୀ, ବିଦ୍ୟାଧର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ବଜେଟ ସାଧାରଣ ଲୋକଙ୍କୁ ସୁହାଇବ ନାହିଁ : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର,୨୪/୦୨ (ନି.ପ୍ର): ଶୁକ୍ରବାର ଦିନ ବିଧାନସଭାରେ ଆଗତ ବାର୍ଷିକ ବଜେଟ୍ କୁ ଏକ ଚିରାଚରିତ ବଜେଟ୍ ବୋଲି କହିଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର । ସେ କହିଛନ୍ତି ଯେ ଏହି ବଜେଟ ଲୋକଙ୍କ ଦ୍ୱାରା କିନ୍ତୁ ଲୋକଙ୍କ ପାଇଁ ନୁହେଁ । ବଜେଟର ଆକାର ବଢିଛି କିନ୍ତୁ ଗତ ବଜେଟର ଏକ ଲକ୍ଷ କୋଟି ଅର୍ଥ ଖର୍ଚ୍ଚ ହୋଇପାରିନି । କୃଷି ପାଇଁ ଯେଉଁ ବାହା ବା ମାରୁଛନ୍ତି କିନ୍ତୁ ଗତ ଥରର ଅର୍ଥରାଶି ଖର୍ଚ୍ଚ ହୋଇପାରୁନି । ସ୍କୁଲ ଶିକ୍ଷା ସମ୍ପୂର୍ଣ୍ଣ ଧ୍ୱଂସ । ସ୍ୱାସ୍ଥ୍ୟ କ୍ଷେତ୍ରରେ କୌଣସି ଉନ୍ନତି ନାହିଁ । ଅର୍ଥ ବରାଦ ହେଉଛି କିନ୍ତୁ ଲୋକ ସ୍ୱାସ୍ଥ୍ୟ ସେବା ପାଉ ନାହାନ୍ତି । ଏହି ବଜେଟ୍ ସାଧାରଣ ଲୋକଙ୍କୁ ସୁହାଇବ ନାହିଁ । ଏହା ଲୋକଙ୍କ ପାଇଁ ନୁହେଁ । ଗୁଡାଏ ବଂଟା ବଂଟି କରି ଭୋଟ ଆଣିବା ହେଉଛି ଉଦ୍ଦେଶ୍ୟ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ।

## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**e-Tender Notice No : 4385-GRC-CE-C-HQ-02-2023, dated 24.02.2023.** ନିମ୍ନଲିଖିତ କାର୍ଯ୍ୟ ପାଇଁ ଭାରତ ରାଷ୍ଟ୍ରପତିଙ୍କ ତରଫରୁ ମୁଖ୍ୟ ଇଞ୍ଜିନିୟର (Con) / HQ / ଗାର୍ଡେନ୍ ରିଚ୍, ଏସ୍ । ରେଲୱେ ଦ୍ୱାରା ଇ-ଟେଣ୍ଡର ଆମନ୍ତ୍ରିତ । ୱେବସାଇଟ୍ **www.ireps.gov.in**ରେ ନିମ୍ନଲିଖିତ ଟେଣ୍ଡର ଅପଲୋଡ୍ ହୋଇଛି ୧୨.୦୦ ଘଣ୍ଟା ମଧ୍ୟରେ ଟେଣ୍ଡର ବନ୍ଦ ରହିବ । ଧାର୍ଯ୍ୟ ତାରିଖରେ । **କାର୍ଯ୍ୟଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା:** ମୃତ୍ତିକା ଅନୁସନ୍ଧାନର କାର୍ଯ୍ୟକାରିତା, ବ୍ରିଜ୍‌ର ଡିଜାଇନ୍ ଏବଂ ଚିତ୍ରାଙ୍କନ, ଇପିସି ଟେଣ୍ଡର ପାଇଁ ସ୍କି-ଡୁଲ୍ ପ୍ରସ୍ତୁତି, ବୃକ୍ଷ ଗଣନା କାର୍ଯ୍ୟ ଏବଂ ବାଦାମପାହର ପାଇଁ କିଓନଜହର ନୂତନ ଧାଡିରେ ସିଭି/ କନ୍ / ବାଲେଶ୍ୱର ଦକ୍ଷିଣପୂର୍ବ ରେଳପଥ ଅଧୀନରେ । **ମୋଟାମୋଟି ମୂଲ୍ୟ:** ଟ ୧.୯୫ କୋଟି **ବିଡ୍ ସୁରକ୍ଷା :** ଟ ୨, ୪୭, ୪୦୦ / - । **ସମାପ୍ତି ଅବଧି:** ୦୬ ମାସ । **ବନ୍ଦ ତାରିଖ:** ୨୦.୦୩.୨୦୨୩ । ଇଚ୍ଛୁକ ଟେଣ୍ଡରକାରୀମାନେ ଟେଣ୍ଡର ଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି ଆଇଟମଗୁଡିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **N.B. :** ଆଶାୟୀ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଭାଗ ନେବାକୁ ନିୟମିତ www.ireps.gov.in ପରିଦର୍ଶନ କରିପାରିବେ ।

**PR :1156**

ଧ୍ୱନି ପ୍ରତିଧ୍ୱନି

# ଚଳିତ ବଜେଟ ରାଜ୍ୟବାସୀଙ୍କୁ ନିରାଶ କରିଛି : ସମୀର ମହାନ୍ତି

ଭୁବନେଶ୍ୱର,୨୪/୦୨ (ନି.ପ୍ର): ରାଜ୍ୟ ବଜେଟର କଳେବର ବୃଦ୍ଧି ପାଇ ୨.୩୦ ଲକ୍ଷ କୋଟି ପହଂଚିଥିବାର ଆସ୍ଫାଳନ କରୁଛନ୍ତି ରାଜ୍ୟ ସରକାର । ମାତ୍ର ବଜେଟ ଆକଳନର ଶତାଂଶ ହିସାବରେ ବ୍ୟୟ ବର୍ଷ ବର୍ଷ ଧରି ହ୍ରାସ ପାଉଥିବା ତଥ୍ୟକୁ କାହିଁକି ରାଜ୍ୟ ସରକାର ଲୁଚାଇ ରଖିଛନ୍ତି ? ବର୍ଷ ବର୍ଷ ଧରି ବଳକା ରାଜସ୍ୱର ବଜେଟ୍ ଆଣୁଥିବା କଥା କୁହାଯାଉଛି । ତେଣୁ ଚଳିତ ବଜେଟରେ ରାଜ୍ୟ ସରକାର ଋଣ ବୋଝ ହାଲୁକା କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତି ଦେବେ ବୋଲି ଆଶା କରାଯାଉଥିଲା । କିନ୍ତୁ ସେ ସବୁ ଅର୍ଥନୈତିକ ମାପଦଣ୍ଡରେ ଚଳିତ ବଜେଟ ରାଜ୍ୟବାସୀଙ୍କୁ ନିରାଶ କରିଛି ବୋଲି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ଶିଳ୍ପ କ୍ଷେତ୍ର ପ୍ରାୟ ସୁପ୍ତାବସ୍ଥାରେ, ନିଯୁକ୍ତି ସୃଷ୍ଟି ଶୂନ୍ୟ, ଭିତିଭୂମି ବିକାଶ ପାଇଁ କୌଣସି ଯୋଜନା ନଥିବାବେଳେ କେଉଁ ଆଧାରରେ ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ୮.୫ ପ୍ରତିଶତ ରହିବ ? ମୁଣ୍ଡ ପିଛା ଆୟ ବୃଦ୍ଧି ପାଇଛି ବୋଲି କହୁଥିବାବେଳେ ରାଜ୍ୟରେ ଦାରିଦ୍ର୍ୟ କାହିଁକି ହ୍ରାସ ପାଉନାହିଁ ? ୨୩ ବର୍ଷର ଶାସନ ପରେ ବି ଯେଉଁ ଭଳି ଭାବେ ରାଜ୍ୟର ଆର୍ଥୀକ ପ୍ରଗତି ହେବା କଥା ତାହା ହୋଇ ପାରିଲା ନାହିଁ ? କୁହାଯାଉଛି ଦେଶର ସମସ୍ତ ପ୍ରମୁଖ ରାଜ୍ୟମାନଙ୍କ ମୃରେ କାଳେ ଓଡିଶାର ମୋଟ ବଜେଟ ବ୍ୟୟ ଓ ପୁଞ୍ଜି ବ୍ୟୟର ଅନୁପାତ ସର୍ବାଧିକ । କିନ୍ତୁ, ୨୦୧୯ ରୁ ୨୦୨୨ ମୃରେ ଦେଶର ୧୦ଟି ପ୍ରମୁଖ ରାଜ୍ୟ ଯଥା, ଉତରପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ମୃପ୍ରଦେଶ ବିହାର, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ରାଜସ୍ଥାନ ସମସ୍ତ ରାଜ୍ୟ କରିଥିବା ପୁଞ୍ଜି ବ୍ୟୟର ୭୭ ପ୍ରତିଶତ ଖର୍ଚ୍ଚ କରିଥାନ୍ତି । ଓଡିଶା ରାଜ୍ୟ ଏହି ତାଲିକାରେ ନାହିଁ । ଉଲ୍ଲେଖ ଯୋଗ୍ୟ ଯେ, ଓଡିଶା ଗତ ୪ ବର୍ଷରେ ଲଗାତାର ଭାବେ ରାଜସ୍ୱ ବଳକା ବଜେଟ ଆଣିବାରେ ଦେଶର ଏକମାତ୍ର ରାଜ୍ୟ । ତେଣୁ ଆଶା କରାଯାଉଥିଲା ଯେ ରାଜ୍ୟର ପୁଞ୍ଜି ବ୍ୟୟ ଦେଶର ପ୍ରମୁଖ ରାଜ୍ୟମାନଙ୍କ ସହିତ ସମକ୍ଷକ ହେବ । ସେ ଦୃଷ୍ଟି କୋଣରୁ ଏହି ବଜେଟ୍ ରାଜ୍ୟବାସୀଙ୍କୁ ନିରାଶ କରିଛି । ଓଡିଆ ଜାତିର ଅସ୍ମିତାର ପ୍ରତୀକ ଓଡିଆ ବିଶ୍ୱ ବିଦ୍ୟାଳୟ ପାଇଁ ଚଳିତ ବଜେଟରେ ୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । କିନ୍ତୁ, ୬ ବର୍ଷ ତଳେ ଏହି ବିଶ୍ୱବିଦ୍ୟାଳୟର ଶୁଭ ସ୍ୱୟଂ ମୁଖ୍ୟମନ୍ତ୍ରୀ କରିଥିଲେ ।

# ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ପ୍ରତିନିଧି ମଣ୍ଡଳୀଙ୍କ ସହ କୃଷି ମନ୍ତ୍ରୀଙ୍କ ଆଲୋଚନା

ଭୁବନେଶ୍ୱର,୨୪/୦୨ (ନି.ପ୍ର): ରାଜ୍ୟରେ ଧାନ ଫସଲର ବିବିଧତା ଓ ଜଳବାୟୁ ସହନଶୀଳ ଫସଲ ଚାଷର ବହୁଳ ପ୍ରସାର ତଥା ଚାଷୀମାନଙ୍କ ମଧ୍ୟରେ ଆଦୃତି ଆଣିବା ଦିଗରେ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି ଏବଂ ଏ ଦିଗରେ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ସହଯୋଗ ସ୍ୱାଗତଯୋଗ୍ୟ ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଶୁକ୍ରବାର ବିଧାନସଭା କାର୍ଯ୍ୟାଳୟ ପ୍ରକୋଷ୍ଠରେ ଫିଲିପାଇନ୍ସର ମାନିଲାସ୍ଥିତ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ପ୍ରତିନିଧି ମଣ୍ଡଳୀଙ୍କ ସହ ଆଲୋଚନା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ ଓଡ଼ିଶା ଧାନ ଉତ୍ପାଦନରେ ଏକ ବଳକା ରାଜ୍ୟ ହୋଇଥିବାବେଳେ ଜଳବାୟୁର ପରିବର୍ତନ ଓ ଅନିୟମିତତାକୁ ଦୃଷ୍ଟିରେ ରଖି ଧାନ ଫସଲରେ ବିବିଧତା ଆଣିବା ଓ ଜଳବାୟୁ ସହନଶୀଳ ଫସଲ କରି ଚାଷୀମାନଙ୍କର ଆୟବୃଦ୍ଧି ନିମନ୍ତେ ସମସ୍ତ ସମ୍ଭବନାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୋଗ କରାଯାଉଛି । ବୈଠକରେ ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ଦକ୍ଷିଣ-ଏସିଆର ବୈଜ୍ଞାନିକ ଡ. ସ୍ୱାତି ନାୟକ ଏବଂ ଧାନ ଗବେଷଣା କେନ୍ଦ୍ରର ଓଡ଼ିଶା ରାଜ୍ୟ ସଂଯୋଜକ ଡ. ମୁକୁନ୍ଦ ଭାରିୟାର ସଅଳ କିସମର ଧାନ ଏବଂ ମରୁଡ଼ି ପ୍ରତିରୋଧୀ ଧାନ ଚାଷ ଉପରେ ଗୁରୁତ୍ୱ ଦେଇଥିଲେ । ଏଥି ସହିତ ବୈଠକରେ ଅଣ-ବାସମତି ଚାଉଳ ଏବଂ ବାୟୋଫର୍ଟିଫାଏଡ୍ ଚାଉଳ ଉତ୍ପାଦନର ସୁଯୋଗ ସଂପର୍କରେ ଆଲୋଚନା ହୋଇଥିଲା । ଧାନଚାଷ ନିମନ୍ତେ ପ୍ରଚୁର ଜଳର ଆବଶ୍ୟକତା ଦୃଷ୍ଟିରୁ ମାଟି ଉପରେ ବୋହି ଯାଉଥିବା ଜଳରାଶିର ସର୍ବାଧିକ ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆଲୋଚନା ଅବସରରେ ପ୍ରତିନିଧିଦଳ ଗବେଷଣା କେନ୍ଦ୍ର ପକ୍ଷରୁ ବିକଶିତ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଧାନ ବିହନ ସଂପର୍କରେ ଆଲୋକପାତ କରିଥିଲେ ।

## ପ୍ରଥମେ ନିଶା ଦ୍ରବ୍ୟ ସେବନ ପରିତ୍ୟାଗ କର : ରାଧିକା ହେମ୍ବ୍ରମ



ଉଦଳା, ୨୪/୦୨ (ନି.ପ୍ର): ନିଶା ଦ୍ରବ୍ୟ ସେବନ ପରିତ୍ୟାଗ ନକଲେ ମଣିଷ ଯେତେ ଶିକ୍ଷିତ ହେଉ କିମ୍ୱା ଯେତେ ପଇସା ରୋଜଗାର କରୁ ସବୁ କିଛି ନିରର୍ଥକ ହୋଇଯାଏ ବୋଲି ଜନଜାଗୃତି ମଂଚର ସଦସ୍ୟା ରାଧିକା ହେମ୍ବ୍ରମ କହିଛନ୍ତି । ସେ ଆହୁରି ମଧ କହିଛନ୍ତି ନିଶା ଦ୍ରବ୍ୟ ସେବନ ବିଶେଷ କରି ମଦ୍ୟପାନ କରୁଥିବା ବ୍ୟକ୍ତି ନିଜେ ବହୁ ପ୍ରକାର କଷ୍ଟ ଯନ୍ତ୍ରଣା ପାଇବା ସହିତ ନିଜର ପରିବାର ବର୍ଗଙ୍କୁ ମଧ ଦୁଃଖ ଓ ଯନ୍ତ୍ରଣା ଦେଇଥାନ୍ତି । ଏ କ୍ଷେତ୍ରରେ ଆଦିବାସୀ ଭାଇ ଭଉଣୀଙ୍କ କଥା କହିବାକୁ ଲଜ୍ୟ ଲାଗୁଛି । ଆଦିବାସୀ ଭାଇ ଭଉଣୀ ମାନେ ପ୍ରଥମେ ନିଶା ଦ୍ରବ୍ୟ ସେବନ ପରିତ୍ୟାଗ କରନ୍ତୁ, ଦେଖିବେ ଆମର ଉନ୍ନତି ପାଇଁ ଆମକୁ ଆଉ କାହାରି ଦୟାର ପାତ୍ର ହେବାକୁ ପଡ଼ିବ ନାହିଁ ବୋଲି ରାଧିକା ଜଣାଇଛନ୍ତି । ଏହା ଦ୍ୱାରା ନିଜର ଉନ୍ନତି ହେବା ସହିତ ଦେଶର ମଧ ଉନ୍ନତି ହେବ ବୋଲି ସେ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ବୃତି ଯୋଜନା ଆରମ୍ଭ ହେବ

ଭୁବନେଶ୍ୱର,୨୪/୦୨ (ନି.ପ୍ର): ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନା ବେଳେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ବୃତି ଯୋଜନା ନାମରେ ଏକ ନୂତନ ଯୋଜନା ଆରମ୍ଭ କରା ଯିବ ବୋଲି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଏହି ଯୋଜନାରେ ଦଶ ହଜାର ଯୋଗ୍ୟ ଉପସ୍ନାତକ ଛାତ୍ର ଛାତ୍ରୀଙ୍କୁ ବାର୍ଷିକ ଦଶ ହଜାର ଟଙ୍କା ଲେଖାଏ ପ୍ରଦାନ କରା ଯିବ । ସେହିପରି ପାଂଚ ହଜାର ଯୋଗ୍ୟ ସ୍ନାତକୋତର ଛାତ୍ର ଛାତ୍ରୀଙ୍କୁ ୧୫ ହଜାର ଟଙ୍କା ଲେଖାଏ ବାର୍ଷିକ ପ୍ରଦାନ କରା ଯିବ । ସେ କହିଛନ୍ତି ଯେ ୧୦ ହଜାର ଯୋଗ୍ୟ ବୈଷୟିକ ଓ ବୃତିଗତ ଶିକ୍ଷା ଗ୍ରହଣ କରୁଥିବା ଯୋଗ୍ୟ ଛାତ୍ର ଛାତ୍ରୀଙ୍କୁ ବାର୍ଷିକ ୨୦ ହଜାର ଟଙ୍କା ଲେଖାଏ ବାର୍ଷିକ ବୃତି ପ୍ରଦାନ କରା ଯିବ ।


# ଏକାଦଶାହ ଉପଲକ୍ଷେ ବିନୀତ ଶ୍ରଦ୍ଧାର୍ଘ୍ୟ





**କୁମାର ମହାପାତ୍ର**

ବାସୁଖୁଣ୍ଟା, ଆର୍ମଳା,
ରେମୁଣା, ବାଲେଶ୍ୱର
ଆର୍ବିଭାବ : ୨୫. ୦୫. ୧୯୭୫
ମହାପ୍ରାୟାଣ : ୧୫. ୦୨. ୨୦୨୩

ତମେ ପରଲୋକ ଗମନ କରିବାର ୧୦ଦିନ ବିତିଗଲାଣି । ଏମିତି କେଉଁ ମୁହୂର୍ତ୍ତ ନାହିଁ ଯେ ଆମେ ତୁମକୁ ପାଶୋରି ଦେଇଛୁ । ତମ ସ୍ମୃତି ଆମ ହୃଦୟରେ ଚିର ଅମଳିନ । ପରମାତ୍ମାଙ୍କ ଚରଣ କମଳରେ ତମ ଆତ୍ମା ସ୍ଥାନ ପାଉ ।

ଶୋକ ସନ୍ତପ୍ତ:
ବାପା- ଲକ୍ଷ୍ମୀଧର, ପତ୍ନୀ-ସରିତା, ପୁତ୍ର- ତ୍ରିଦର୍ଶୀ, ନନା- କେଦାର, ଭାଉଜ- ରାଜଲକ୍ଷ୍ମୀ, ସାନଭାଇ- କିଶୋର, ଈଶ୍ୱର, ମହେଶ୍ୱର, ଭାଇବୋହୂ- ପ୍ରୀତିଲକ୍ଷ୍ମୀ, ମିନତୀ, ନିୟତୀ, ପୁତୁରା, ଝିଆରି, ପରିବାର ପରିଜନ, ଆତ୍ମୀୟସ୍ୱଜନ, ଶୁଭେଚ୍ଛୁ ।


## ମିଶନ ଶକ୍ତି ସ୍କୁଟର ନାମରେ ନୂଆ ଯୋଜନା

ଭୁବନେଶ୍ୱର,୨୪/୦୨ (ନି.ପ୍ର): ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ୨୦୨୩ -୨୪ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନା ବେଳେ ମିଶନ ଶକ୍ତି ସ୍କୁଟର ନାମରେ ଏକ ନୂଆ ଯୋଜନା ସମ୍ପର୍କରେ ଘୋଷଣା କରିଛନ୍ତି ।ସେ କହିଛନ୍ତି ଯେ କମ୍ୟୁନିଟି ସପୋର୍ଟ ଷ୍ଟାଫ ଓ ଇସି ସଦସ୍ୟା ମାନଙ୍କୁ ବୈଦ୍ୟୁତିକ ସ୍କୁଟର ପାଇଁ ସହାତା ପ୍ରଦାନ କରା ଯିବ । ଏହି ଯୋଜନା ଅଧୀନରେ ସ୍କୁଟର କ୍ରୟ ପାଇଁ ନିଆ ଯାଇଥିବା ବ୍ୟାଙ୍କ ଋଣ ଉପରେ ସମ୍ପୂର୍ଣ ସୁଧ ରିହାତି ଦିଆ ଯିବ । ଏହି ଯୋଜନା ପାଇଁ ଚଳିତ ବଜେଟରେ ୫୦ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଥିବା ସେ ସୂଚନା ଦେଇଛନ୍ତି ।

## ୬ ହଜାର ୨୫ଟି ଏଲଟିଆର୍ ପଦବୀ ସୃଷ୍ଟି କରାଯିବ

ଭୁବନେଶ୍ୱର,୨୪/୦୨ (ନି.ପ୍ର): ଏଥର ଓଡ଼ିଶା ବଜେଟ୍ ୨୦୨୩ରେ -ମୋ ସ୍କୁଲ ଅଭିଯାନ ପାଇଁ ୮୦୫ କୋଟି ଟଙ୍କାର ବ୍ୟୟବରାଦ କରା ଯାଇଛି । ସେହିପରି ୬ ହଜାର ୨୫ଟି ଏଲଟିଆର୍ ପଦବୀ ସୃଷ୍ଟି କରାଯିବ ବୋଲି ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମାଧ୍ୟମିକ ସ୍କୁଲରେ ୭୫୪୦ ନିୟମିତ ଶିକ୍ଷକ ନିଯୁକ୍ତ ହେବେ । ସେହିପରି ୧୭୯୯ କନିଷ୍ଠ ସହାୟକ, ୩୩୫ ପିଜିଟି ନିଯୁକ୍ତି ପାଇବେ ବୋଲି ସେ ସୂଚନା ଦେଇଛନ୍ତି . ୧୦୬ଟି ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ସ୍କୁଲରେ ପରିଣତ କରାଯିବ ।

# ସୀତାଡିହାରେ ନିରଡୋ ଏଫ.ପି.ଓ. ଅଫିସ ଉଦ୍ଘାଟିତ



ବସ୍ତା, ୨୪/୦୨ (ନି.ପ୍ର) : ବସ୍ତାବ୍ଲକ ଅନ୍ତର୍ଗତ ସୀତାଡିହା ଗ୍ରାମରେ ନିରଡୋ ଏଫପିଓ ଅଫିସ ଉଦଘାଟିତ ହୋଇଯାଇଛି । ସିଇଓ ପ୍ରଦୀପ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ଭାରତ ସରକାରଙ୍କ ପକ୍ଷରୁ ରିଜିଓନାଲ ଚିଫ ସାର୍ଦୁଳ ଯାଦବ ମୁଖ୍ୟଅତିଥି ଭାବେ ଯୋଗଦେଇ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ । ଗ୍ରାମାଞ୍ଚଳରେ ଚାଷୀମାନେ ନିଜର ଉତ୍ପାଦିତ ଦ୍ରବ୍ୟକୁ କିପରି ସୁଚାରୁ ରୂପେ ବିକ୍ରି କରିପାରିବେ ସେନେଇ ନିଜର ମୂଲ୍ୟବାନ ମତ ପ୍ରଦାନ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ସିବିବିଓ ଦୀପେନ ପାଢ଼ୀ ଯୋଗଦେଇ ଉକ୍ତ ଅଫିସ ଉଦ୍ଘାଟନ କରିଥିଲେ । ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଏନସିଡିସିର ମୁଖ୍ୟ ଅନୁପମ ସିଂ, ବାଲେଶ୍ୱର ଆରଏମସି ସଂପାଦକ କେ ସି ନାୟକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ବସ୍ତା ଶାଖା ପରିଚାଳକ ସସ୍ମିତା ଦାସ, ବସ୍ତା ହର୍ଟିକଲ୍ଚର ଓଭରସିୟର ଏସ କେ ରହିମ, ଇଣ୍ଡେରମା ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ଭୁବନେଶ୍ୱରର ମ୍ୟାନେଜର କିରଣ ଗୋପେ, ଟାଟା ରିଲିଜର ମ୍ୟାନେଜର ରଣଜିତ ପ୍ରଧାନ, ବସ୍ତା ସମବାୟ ସଂପ୍ରସାରଣ ଅଧିକାରୀ ସୁବ୍ରତଭୂଷଣ ପଣ୍ଡା, ରେମୁଣା ଏଫପିଓ ପ୍ରମୁଖ ସୁବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ପ୍ରଦୀପ ଜେନା ଉପସ୍ଥିତ ସମସ୍ତ ଅତିଥି ଓ କୃଷକମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଭୁଲି ହେବ ନାହିଁ ପ୍ରଶାନ୍ତ ସାରଙ୍କ ଉଦ୍ୟମକୁ

ଉଦଳା, ୨୪/୦୨ (ନି.ପ୍ର): ଗୋପବନ୍ଧୁନଗର ବ୍ଲକର ଗୁଡ଼ଡ଼ିହା ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବର୍ତମାନ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି । ଏହି ବିଦ୍ୟାଳୟରେ ଥିବା ଫୁଲ ବଗିଚା ସାଙ୍ଗକୁ କିଚେନ ଗାର୍ଡ଼େନର ମନୋରମ ଦୃଶ୍ୟ ସମସ୍ତଙ୍କୁ ଆକୃଷ୍ଟ କରିଛି । ବିଦ୍ୟାଳୟରେ ଏହିଭଳି ଏକ ସୁନ୍ଦର ପରିବେଶ ସୃଷ୍ଟି କରିବା ପଛରେ, ଏଠାରେ କାର୍ଯ୍ୟରତ ଶିକ୍ଷକ ପ୍ରଶାନ୍ତ ବେହେରାଙ୍କ ଉଦ୍ୟମକୁ କେବେ ଭୁଲି ହେବ ନାହିଁ । ଏ ବାବଦରେ ପ୍ରଶାନ୍ତ ସାର କୁହନ୍ତି, ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ର ଛାତ୍ରୀ ମାନେ ବଗିଚାରେ କିଛି ସମୟ କାମ କରି ଅନେକ ଆତ୍ମତୃପ୍ତି ପାଇବା ସହିତ ବହୁକଥା ଶିଖିଥାନ୍ତି । ଯାହାକି ଶ୍ରେଣୀ ଗୃହ ମଧରେ ପିଲାଙ୍କୁ ଶିଖାଯାଇ ପାରିବ ନାହିଁ । ତାହାଛଡ଼ା ବିଦ୍ୟାଳୟରେ ଯେଉଁ ପରିମାଣରେ ନଡ଼ିଆ, ଆମ୍ବ, ପିଜୁଳି ଇତ୍ୟାଦି ଫଳଗଛ ଲଗାଯାଇଛି, ଯଦି ଗଛ ଗୁଡ଼ିକ ବଂଚି ରହେ ତେବେ ଆଗାମୀ ଦିନରେ ପିଲାଙ୍କ ପାଇଁ ଫଳର ଆଉ ଅଭାବ ରହିବ ନାହିଁ ।



# ରୋଟାରୀର ୧୧୮ତମ ଜନ୍ମ ଜୟନ୍ତୀ ପାଳିତ



ଜଳେଶ୍ୱର,୨୪/୨(ନି.ପ୍ର): ରୋଟାରୀର ୧୧୮ତମ ଜନ୍ମ ଜୟନ୍ତୀ ଅବସରରେ ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଏକ ସୋଭାର ଆୟୋଜନ କରାଯାଇଥିଲା । ଏଥିରେ ଜଳେଶ୍ୱର ଠାରେ କାର୍ଯ୍ୟ କରି ଆସୁଥିବା କେତେକ ସ୍ୱଚ୍ଛ କର୍ମୀ ଓ ସ୍ୱାଚ୍ଛ ସାଥିଙ୍କୁ ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ସଭାପତି ଡା. ଦିପ୍ତିମୟୀ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜଳେଶ୍ୱର ବନବିଭାଗର ରେଞ୍ଜର ଜୟଶ୍ରୀ ମୁର୍ମୁ ଓ ଭାରତୀୟ ଜୀବନବୀମା ନିଗମର ଜଳେଶ୍ୱର ଶାଖର ପ୍ରବନ୍ଧକ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । କ୍ଲବର ସଂପାଦକ ସତ୍ୟନାରାୟଣ ସିଂ, ସୁବ୍ରତ କୁମାର ରଣା, ଲକ୍ଷ୍ମୀଧର ହାଁସଦା, ସତ୍ୟବ୍ରତ ଜେନା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଭାତ କୁମାର ସାହୁ ମଂଚ ଆହ୍ୱାନ କରିଥିବା ବେଳେ ତାରାପଦ ମହାନ୍ତି, ନନ୍ଦନ କୁମାର ଦତ୍ତ, ନିଶିକାନ୍ତ କର, ଅଂଶୁମାନ ରାଉତ, ଲେଲିନ୍ ପ୍ରଧାନ, ଦିପ୍ତିରାଣୀ ନନ୍ଦି ସହଯୋଗ କରିଥିଲେ । ଜଳେଶ୍ୱରର ବରିଷ୍ଠ କ୍ଲବ ସଦସ୍ୟ ବିକାଶ ଧର ଓ କ୍ଷେତ୍ରମୋହନ ଗିରି ଅତିଥିମାନଙ୍କୁ ପୁରସ୍କୃତ କରିଥିଲେ ।

# ଟାଟା କମ୍ପାନୀର ଦାଦାଗିରିକୁ ନେଇ ବିଧାନସଭାରେ ଉଦବେଗ

ଭୁବନେଶ୍ୱର,୨୪/୦୨ (ନି.ପ୍ର): ଟାଟା କମ୍ପାନୀ ଦ୍ୱାରା ରାଜ୍ୟରେ ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କ ଚୁକ୍ତିନାମାକୁ ଉଲ୍ଲଂଘନ କରି ଦାଦାଗିରି କରୁଥିବା ନେଇ ବିରୋଧୀ ବିଜେପି ବିଧାୟକ ମାନେ ଉଦବେଗ ପ୍ରକାଶ କରିଛନ୍ତି । ଏହି ମାମଲାରେ ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ଅନ୍ୟ ପକ୍ଷରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ ସେ ଏହି ମାମଲା ଉପରେ ଧ୍ୟାନ ଦେବା ସହ ସେ ସମସ୍ୟାର ସମାଧାନ ପାଇଁ ଶକ୍ତି ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର କହିଛନ୍ତି ଯେ ଟାଟା କମ୍ପାନୀ ସହ ରାଜ୍ୟ ସରକାରଙ୍କର ଯେଉଁ ଚୁକ୍ତି ନାମା ହୋଇଛି ସେଥିରେ ବକେୟା ଟଙ୍କା ଆଦାୟ କରିବାର କୌଣସି ଉଲ୍ଲେଖ ନାହିଁ । ଏହା ସତ୍ୱେ ଟାଟା କମ୍ପାନୀ ଚୁକ୍ତିନାମାକୁ ଉଲ୍ଲଂଘନ କରି ବକେୟା ଟଙ୍କା ଆଦାୟ କରୁଛି । ତେଣୁ ଗଣ୍ଡଗୋଳ ପରିସ୍ଥିତି ଉତ୍ପନ୍ନ ହେଉଛି । ସେମାନେ ଏହି କାମରେ ଗୁଣ୍ଡା ମାନଙ୍କୁ ବ୍ୟବହାର କରି ଲୋକ ମାନଙ୍କୁ ଧମକ ଚମକ ଦେବା ସହ ବିନା ନୋଟିସରେ ଲୋକ ମାନଙ୍କର ବିଜୁଳି କାଟି ଦେଉଛନ୍ତି । ଲୋକ ମାନଙ୍କର ବିଚିତ୍ର ବିଲ ଆସୁଛି । ଯେଉଁ ପରିବାର ଗୋଟିଏ ବଲବ ଜଳାଉଛି ତା ନିକଟକୁ ଏକ ଲକ୍ଷ ଟଙ୍କା ବିଲ ଆସିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି । ଏବେ ପିଲା ମାନଙ୍କର ପରୀକ୍ଷା ଥିବାରୁ ପାଠ ପଢା ରହିଥିବା ବେଳେ ଗରମ ଦିନ ଆସି ସାରିଲାଣି ।

# ଯମାହା ପ୍ରିମିୟର ସୋ'ରୁମ 'ବ୍ଲୁ ସ୍କୋୟାର' ଉଦ୍ଘାଟିତ



ବାଲେଶ୍ୱର, ୨୪/୦୨ (ନି.ପ୍ର): ଦୁଇଚକିଆ ଯାନ 'ୟମାହା'ର ବାଲେଶ୍ୱର ଅଧିକୃତ ବିକ୍ରେତା 'ସାଇ ଅନନ୍ତ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ' ପକ୍ଷରୁ ରୂପାନ୍ତରିତ ପ୍ରିମିୟର ସୋ'ରୁମ 'ବ୍ଲୁ ସ୍କୋୟାର' ଶୁକ୍ରବାର ଉଦଘାଟିତ ହୋଇଯାଇଛି । କମ୍ପାନୀର ବରିଷ୍ଠ ଉପ-ସଭାପତି ତଥା ଜାତୀୟ ମୁଖ୍ୟ ରବୀନ୍ଦ୍ର ସିଂହ ଏହି ପ୍ରିମିୟର ସୋ'ରୁମକୁ ଉଦଘାଟନ କରିଥିଲେ । ଯୁବପିଢ଼ି ଓ କ୍ରୀଡ଼ାବିତଙ୍କ ରଚିକୁ ଦୃଷ୍ଟିରେ ରଖି ଦେଶରେ ସମ୍ପ୍ରତି ୧୧୭ ଗୋଟି ବ୍ଲୁ ସ୍କୋୟାର ସୋ'ରୁମ କାର୍ଯ୍ୟକ୍ଷମ ଥିବା ସେ ସୂଚନା ଦେଇଛନ୍ତି । କମ୍ପାନୀର ଏକ୍ସକ୍ଲୁସିଭ ତଥା ଅତ୍ୟାଧୁନିକ ସ୍ପୋର୍ଟସ ମଡେଲର ୟମାହା ଗାଡ଼ି କେବଳ ଏହିଭଳି ବ୍ଲୁ ସ୍କୋୟାର ସୋ'ରୁମ ରେ ବିକ୍ରି ହୋଇଥାଏ । ଏହି ସୋ'ରୁମକୁ ଆସୁଥିବା ଗ୍ରାହକ ସନ୍ତୋଷ ଲାଭ ସହ ନୂତନ ଗ୍ରାହକ ସୃଷ୍ଟି ଦିଗରେ ବେଶ ସହାୟକ ହେବ ବୋଲି ଶ୍ରୀ ସିଂହ ଆଶା ପ୍ରକାଶ କରିଥିଲେ । ଓଡ଼ିଶାରେ ସାଇ ଅନନ୍ତ ଅଟୋମୋବାଇଲ୍ସ ସମେତ ୫ ଗୋଟି ବ୍ଲୁ ସ୍କୋୟାର ସୋ'ରମ ଅଛି ବୋଲି ସେ ସୂଚନା ଦେଇଛନ୍ତି । କମ୍ପାନୀର ପୂର୍ବାଞ୍ଚଳ ଜୋନ ବ୍ୟବସାୟିକ ମୁଖ୍ୟ ଆସିଫ ଇକବାଲ ଖାନ, ଟେରିଟୋରୀ ମ୍ୟାନେଜର ମହମ୍ମଦ ଜିସଫ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ଲୁ ସ୍କୋୟାର ସୋରୁମର ବୈଶିଷ୍ଟ ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ନୂଆ ନୂଆ ଅତ୍ୟାଧୁନିକ ତଥା ଆକର୍ଷଣୀୟ ମଡେଲର ୟମା ଗାଡ଼ି ଏଠାରେ ବିକ୍ରି ହେବ ବୋଲି ସେ କହିଥିଲେ । ୟମାହା ଗାଡ଼ିର ଚାହିଦା ବଢ଼ି ଚାଲିଥିବା ବେଳେ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଏହା ଉପାଦେୟ ସାବ୍ୟସ୍ତ ହେବ ବୋଲି ଅଧିକାରୀମାନେ କହିଥିଲେ । ସାଇ ଅନନ୍ତ ଅଟୋମୋବାଇଲ୍ସ ପ୍ରାଇଭେଟ ଲିମିଟେଡ ତଥା ବ୍ଲୁ ସ୍କୋୟାରର ପରିଚାଳନା ନିର୍ଦ୍ଦେଶକ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ପ୍ରଥମଥର ପାଇଁ ବାଲେଶ୍ୱର ସହରରେ ଏଭଳି ଏକ ପ୍ରିମିୟର ସୋ'ରୁମ ଖୋଲାଯାଇଥିବା ବେଳେ ଜିଲାବାସୀଙ୍କୁ ଏହା ଉଚିତ ସେବା ଦେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ଉଦଘାଟନୀ ଉତ୍ସବରେ ସୋ'ରୁମର ନିର୍ଦ୍ଦେଶକ ରଶ୍ମିତା ମହାନ୍ତି ଓ ଦିବ୍ୟଜ୍ୟୋତି ମହାନ୍ତି, ମ୍ୟାନେଜର ଦର୍ପ ନାରାୟଣ ଦାସଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ । ସକାଳେ ବ୍ଲୁ ସ୍କୋୟାର ଜର୍ସି ପରହିତ ୟମାହା ରାଇଡରଙ୍କ ଦ୍ୱାରା ଏକ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା

# ବ୍ଲକ ସ୍ତରୀୟ ପରାମର୍ଶ ମେଳା : ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ଶିବିର

ଜଳେଶ୍ୱର,୨୪/୨(ନି.ପ୍ର): ଆଜି ଜଳେଶ୍ୱର ବ୍ଲକ ପରିସରରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକାରଣଙ୍କ ଦ୍ୱାରା ପ୍ରାୟୋଜିତ ବ୍ଲକ ସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇ ଯାଇଛି । ୧୮ରୁ୩୫ବର୍ଷ ବୟସ୍କ ଯୁବକ ଯୁବତୀ ଏବଂ ୧୦ ଶ୍ରେଣୀର ଛାତ୍ରୀମାନଙ୍କୁ ବୈଶୟିକ ଶିକ୍ଷା ଓ ନିଯୁକ୍ତି ସୁଯୋଗ ସଂପର୍କରେ ବିସ୍ତୃତ ସୂଚନା ପ୍ରଦାନ, ତାଲିମ ଓ ନିଯୁକ୍ତି ପରାମର୍ଶ ଦିଆଯାଇଥିଲା । ଏଥିରେ ୬୦ଜଣ ୧୦ମ ଶ୍ରେଣୀ ଛାତ୍ରୀ ଓ ୧୮୬ଜଣ ଯୁବକ ତାଲିମ ନେବାପାଇଁ ନାମ ପଂଜିକରଣ କରିଥିଲେ । ତାଲିମ ନେବାକୁଥିବା ଯୁବକ ଯୁବତୀଙ୍କୁ ମାଗଣାରେ ରହିବା, ଖାଇବା, ବହି ଓ ପୋଷାକପତ୍ର ବ୍ୟବସ୍ଥା ସହିତ ଦେଡ ମାସରୁ ୬ମାସ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସୁବିଧା ସୁଯୋଗ ଓ ତାଲିମ ଯୋଗାଇବା ସଂପର୍କରେ ବାଲେଶ୍ୱର ଜିଲା ନିଯୁକ୍ତି ଅଧିକାରୀ ରଂଜନ କୁମାର ମିଶ୍ର ସୂଚନା ଦେଇଛନ୍ତି । ସରକାରୀ ପଲିଟେକ୍ନିକ, ବାଲେଶ୍ୱର ଆଇଟିଆଇ, ବାଲେଶ୍ୱର ସିପେଟ ସହିତ ତାଲିମା ଦାତା ଏଲ୍ ଏଣ୍ଡ ଟି କନ୍ଷ୍ଟ୍ରକ୍ସନ୍, ପଂଚକର୍ମ, ଗ୍ରାମ ତରଙ୍ଗ ଓ ଜନଶିକ୍ଷଣ ସଂସ୍ଥାର ଅଧିକାରୀ ଓ ଟ୍ରେନରମାନେ ଆଶାୟୀ ଯୁବକ ଯୁବତୀଙ୍କୁ ସୂଚନା ପ୍ରଦାନ କରିଥିଲେ । ପଲିଟେକ୍ନିକର ଟ୍ରେନର ମୁକ୍ତିକାନ୍ତ ପାଢୀ, ବାଲେଶ୍ୱର ଆଇଟିଆଇର ଟ୍ରେନର ସୁଚିସ୍ମିତା ମଲ୍ଲିକ, ପ୍ରଦୀପ କୁମାର ବେହେରା, ବାଲେଶ୍ୱର ସିପେଟର ଟ୍ରେନର ଅସିତ୍ କୁମାର ଜେନା, ମିର ଜସମିନ, ଏଲ୍ ଏଣ୍ଡ ଟି କନ୍ଷ୍ଟ୍ରକ୍ସନ୍ ଶ୍ୟାମଳ ସରକାର, ଜନଶିକ୍ଷଣ ସଂସ୍ଥାର ସଂଜୟ ଗିରି, ପଂଚକର୍ମର ସନ୍ତୋଷ ପଣ୍ଡା, ଲକ୍ଷ୍ମିକାନ୍ତ ନାୟକ, ଗ୍ରାମଚରଙ୍ଗର ନରୋତ୍ତମ ବେହେରା ଓ ଅମର ଶତପଥି, ଜିଲା ନିଯୁକ୍ତି ବିଭାଗର ଓ୍ୱାଇପି ଆରତୀ ପଟେଲ, ଦେବାଶିଷ ରାଉଳ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । କିନ୍ତୁ ଅପରାହ୍ନରେ ସମସ୍ତ ପ୍ରଶିକ୍ଷଣ ଦେବା ସମ୍ଭବ ହୋଇନଥିବାରୁ ଉପସ୍ଥିତ ଯୁବକ ଯୁବତୀ ଅସନ୍ତୋଷ ପ୍ରକାଶ କରିଥିଲେ । ସକାଳେ ଭୋଗରାଇ ବ୍ଲକରେ ଏପରି ପ୍ରଶିକ୍ଷଣ ଶିବିରରେ ୨୧୦ଜଣ ଯୁବକ/ଯୁବତୀ ଓ ୧୦ମ ଶ୍ରେଣୀ ବର୍ଗରେ ୪୫ଜଣ ଛାତ୍ରୀ ନାମ ପଂଜିକରଣ କରିଥିଲେ ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo